R.N.I. REGN. No. 65000/96 POSTAL REGN. No. OR/BN-32/12-14

17 October 2025, Friday

ତ୍ରିଂଶତ୍ତମ ବର୍ଷ
ସଂଖ୍ୟା : ୧୩
ତିଥି : ଏକାଦଶୀ
୧୭ ଅକ୍ଟୋବର ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur






## ଟ୍ରମ୍ପଙ୍କ ଆଉ ଏକ ମିଛର ପର୍ଦ୍ଦାଫାଶ କଲା ଭାରତ



ନୂଆଦିଲ୍ଲୀ,୧୬।୧୦ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଉ ଏକ ମିଛର ପର୍ଦ୍ଦାଫାଶ ଭାରତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ କୌଣସି ଟେଲିଫୋନ ବାର୍ତ୍ତାଳାପ ହୋଇନାହିଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ଭାରତ ଆଉ ରୁଷରୁ ତେଲ କିଣିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଟେଲିଫୋନ ଯୋଗେ ଏହା କହିଛନ୍ତି ବୋଲି ସେ କହିଥିଲେ।

ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଗଣମାଧ୍ୟମକୁ ଆଜି ସୂଚନା ଦିଆଯାଇଛି ଯେ ଦୁଇ ନେତାଙ୍କ ମଧ୍ୟରେ ଯେଉଁ ଟେଲିଫୋନ ବାର୍ତ୍ତାଳାପ କଥା ଉଠିଛି ତାହାର ସତ୍ୟତା ନାହିଁ। ଉଭୟଙ୍କ ମଧ୍ୟରେ କୌଣସି ଟେଲିଫୋନ ବାର୍ତ୍ତାଳାପ ହୋଇନାହିଁ। ଗତକାଲି ଟ୍ରମ୍ପ ଏହି କଥା କହିଥିଲେ। ଏଥିରେ କୌଣସି ସତ୍ୟତା ନାହିଁ। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଶକ୍ତିକ୍ଷେତ୍ରରେ ଉପଭୋକ୍ତାଙ୍କ ସ୍ୱାର୍ଥକୁ ନେଇ ଭାରତ ନିଷ୍ପତ୍ତି ନେବ। ତୈଳଦର ସ୍ଥିର ରଖିବା ଏବଂ ଏହାର ନିରନ୍ତର ଯୋଗାଣାକୁ ଭାରତର ଶକ୍ତିନୀତିର ମୁଖ୍ୟ ଆଧାର। ଏଥିରେ ଭାରତ କାଏମ ରହିଛି ବୋଲି କୁହାଯାଇଛି। ରୁଷରୁ ଭାରତ ତେଲ କିଣୁଥିବା ନେଇ ଆମେରିକା ଆପତ୍ତି ଜଣାଇଛି। ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବା ପାଇଁ ରୁଷ ଉପରେ ଆର୍ଥିକ ଚାପ ଦେବା ଲାଗି ଆମେରିକା ଉଦ୍ୟମ କରୁଛି। ଟ୍ରମ୍ପଙ୍କ ଦାବି ଥିଲା ଯେ ରୁଷରୁ ତେଲ କିଣିବା ବନ୍ଦ କରିଥିବା ନେଇ ଭାରତ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏହାପରେ ଚୀନ ସହ ଏନେଇ ଆଲୋଚନା କରାଯିବ। ତେବେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଭାରତ ତାର ଶକ୍ତି ନୀତିରେ ବ୍ୟତିକ୍ରମ ଆଣିବ ନାହିଁ। ବଜାରକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ। ଟ୍ରମ୍ପ ଗତକାଲି ( ୯ ପୃଷ୍ଠାରେ)

## ସରକାରୀ କର୍ମଚାରୀଙ୍କ ଡିଏ ୩% ବୃଦ୍ଧି

ଭୁବନେଶ୍ୱର,୧୬।୧୦,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦୀପାବଳି ପର୍ବ ପୂର୍ବରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା (ଡିଏ)ରେ ତିନି ପ୍ରତିଶତ ବୃଦ୍ଧି ବିଷୟ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇଲା। ଏହା ଜୁଲାଇ ପହିଲା ୨୦୨୫ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟି.ଆଇ ରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

## ନବୀନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଶୁଭେଚ୍ଛା



ଭୁବନେଶ୍ୱର,୧୬।୧୦,(ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସକାଳେ ଫୋନ୍ ଯୋଗେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହିତ କଥା ହୋଇ ତାଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କର ଦୀର୍ଘ ନିରାମୟ ଜୀବନ ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି କହିଛନ୍ତି।

## ବିଦାୟ ନେଲା ମୌସୁମୀ

### ବାତ୍ୟା ମାସରେ ଅବପାତ

### ୨୦ ବେଳକୁ ଆହୁରି ସ୍ପଷ୍ଟ ହେବ ଚିତ୍ର

### ୨୪ରେ ଲଘୁଚାପ, ୨୬ରେ ଅବପାତ

ଭୁବନେଶ୍ୱର,୧୬।୧୦,(ସବ୍ୟୁ): ବାତ୍ୟା ମାସରେ ଆସୁଛି ଅବପାତ । ଅକେଫାବର୨୪ରେ ଲଘୁଚାପ ସୃଷ୍ଟି ହେବ ।୨୬ରେ ଅବପାତ ବା ଡିପ୍ରେସନ ରୂପ ନେବ । ଆହୁରି ଘନୀଭୂତ ହେବା ପାଇଁ ପାରିପାର୍ଶ୍ୱର୍କ ସ୍ଥିତି ପୂରା ଅନୁକୂଳ ରହିଛି ।ଅକେଫାବର ମାସରେ ଅବପାତ ଖବର ଶୁଣି ସମସ୍ତଙ୍କ ମନରେ ଛନକା ପଶିଛି ।ତେବେ ଆସନ୍ତା ୨୦ ତାରିଖରେ ଚିତ୍ର ପୂରା ସ୍ୱଷ୍ଟ ହେବ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ "ଏକ୍ସ'ରେ କହିଛନ୍ତି, ଓଡ଼ିଶାର ଅବଶିଷ୍ଟ ଅଞ୍ଚଳ ସମେତ ଦେଶର ବାକି ଅଞ୍ଚଳରୁ ବିଦାୟ ନେଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ବିଶ୍ୱ ପାଣିପାଗ ସଂସ୍ଥାନର ଆକଳନ କହୁଛି, ଲାନିନାର ପ୍ରଭାବ ରହିପାରେ । କିନ୍ତୁ ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ଅନୁଭୂତ ହେବାର ସମ୍ଭାବନା ଅଛି । ଅର୍ଥାତ ଲାନିନାର ପ୍ରଭାବ ଶୀତ ଉପରେ ବିଶେଷ ନାହିଁ । ଆଗାମୀ ଦୁଇ ସପ୍ତାହ ଯାଏଁ ଦେଶର ବିଭିନ୍ନ ସ୍ଥାନର ସର୍ବନିମ୍ନ ତାପମାତ୍ରା (ରାତି ତାପମାତ୍ରା)ର ବିଶେଷ ପରିବର୍ତ୍ତନ ହେବାର ନାହିଁ ବୋଲି ଭାରତୀୟ ପାଣିପାଗ ବିଭାଗର ବିସ୍ତାରିତ ଆକଳନରେ କୁହାଯାଇଛି ।

ସେପଟେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଯାଉଛି ଆଉ ଏକ ଘୂର୍ଣ୍ଣିବଳୟ । ଏହା ଅଧିକ ( ୯ ପୃଷ୍ଠାରେ)




# ପୋଦିନାର ଘରୋଇ ବ୍ୟବହାର



ସର୍ବଦା ତ୍ୱଚାପାଇଁ ଘରୋଇ ଉପଚାର ସ୍ୱାସ୍ଥ୍ୟ ପ୍ରଦ ହୋଇଥାଏ । ଏହା ସହ ଏହି ଘରୋଇ ଉପଚାର ଯଦି ନିଜ ବାଡି ବଗିଚାରେ ଥିବା ଗଛ ପତ୍ରରୁ ହୁଏ ତାହାହେଲେ ଆହୁରି ହିତ କାରକ । ସମସ୍ତଙ୍କ ବାଡିରେ ପୋଦିନା ଗଛ ରହିଥାଏ । ପୁଦିନା ପତ୍ରର ଅନେକ ଔଶଧୀୟ ଗୁଣ ରହିଥିବାରୁ ଏହାକୁ ସମସ୍ତ ଖାଦ୍ୟରେ ବ୍ୟବହାର କରନ୍ତି । ଏହାସହ ଏହାର ସ୍ୱାଦ ପାଇଁ ମଧ ସମସ୍ତେ ଏହାକୁ ବ୍ୟବହାର କରନ୍ତି । ତେବେ ଆସନ୍ତୁ ଜାଣିବା ପୋଦିନାର ତ୍ୱଚାପାଇଁ ଉପକାର

୧. ମୁହଁରେ ଦେଖାଯାଉଥିବା ବ୍ଲାକ୍‌ହେଡ ଦୂର କରିବା ପାଇଁ ପୋଦିନା ବେଶ୍ ଉପକାରୀ । କିଛି ପୋଦିନା ପତ୍ରକୁ ଅଳ୍ପ ପାଣିରେ ଫୁଟାନ୍ତୁ । ଏହାପରେ ପତ୍ରକୁ ଛାଣି ଭଲଭାବେ ବାଟି ଦିଅନ୍ତୁ । ଏଥିରେ ସ୍ୱଳ୍ପ ପରିମାଣର ହଳଦୀ ମିଶାଇ ମୁହଁରେ ଲଗାନ୍ତୁ । ବ୍ଲାକହେଡ୍ ହୋଇଥିବା ସ୍ଥାନରେ ଅଳ୍ପ ସମୟ ପାଇଁ ରଗଡନ୍ତୁ । ଏହାପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ ।

୨. ପୋଦିନା ପତ୍ରକୁ ବାଟି ଆପଣ ଫେସ୍ ପ୍ୟାକ ଭାବେ ମଧ ଲଗାଇପାରିବେ । ଏଥିରେ ଭରପୂର ମାତ୍ରାରେ ଆଣ୍ଟିବ୍ୟାକ୍‌ଟେରିଆଲ ତତ୍ତ୍ୱ ରହିଛି ଯାହା ବ୍ରଣ କଳାଦାଗ ପାଇଁ ବହୁତ ଭଲ ।

୩. ସେହିଭଳି ଆଣ୍ଟି ରିଙ୍କଲ ଭାବେ ପୋଦିନା ବେଶ ଭଲ କାମ କରିଥାଏ । ପୋଦିନାକୁ ଫୁଟାଇ ଛାଣି ଦିଅନ୍ତୁ । ଏହାର ସିଝା ପାଣିକୁ ମୁହଁରେ ଲଗାଇ କିଛି ସମୟ ରଖନ୍ତୁ । ତାପରେ ଧୋଇଦିଅନ୍ତୁ । ଏପରି ଭାବେ ସପ୍ତାହକୁ ୨ରୁ ୩ଥର କରନ୍ତୁ । ଏହା ରିଙ୍କଲ ଦୂର କରିଥାଏ ।

୪. ସ୍କିନ ଆଲର୍ଜି କିମ୍ବା ବ୍ୟାକ୍‌ଟେରିଆ ଇନ୍‌ଫେକସନ୍ ପାଇଁ ପୋଦିନା ଔଷଧ ଭଳି କାମ କରିଥାଏ । ପୋଦିନା ପତ୍ର ବଟାକୁ ମୁହଁରେ କିଛି ସମୟ ପାଇଁ ଲଗାନ୍ତୁ । ଆଲର୍ଜିରୁ ମୁକ୍ତି ମିଳିବ ।

୫. କେଶ ପାଇଁ ମଧ ପୋଦିନା ପତ୍ର ବେଶ ଉପକାରୀ । ଏହାକୁ କେଶରେ ଲଗାଇବା ଦ୍ୱାରା କେଶ ଘନ ହେବା ସହ ଝଡିବା ବନ୍ଦ ହୋଇଥାଏ । ଏହାକୁ ବାଟି ପ୍ୟାକ୍ କରି କେଶରେ ଲଗାନ୍ତୁ ।

# ନୂଆ ଲୁକ୍‌ରେ ସାଇ ଦୁର୍ଗା



ତେଲୁଗୁ ଅଭିନେତା ସାଇ ଦୁର୍ଗା ତେଜଙ୍କ ଜନ୍ମ ଦିନ ଅବସରରେ ତାଙ୍କ ଅପକମିଂ ଫିଲ୍ମର ଲୁକ ଜାରି କରାଯାଇଛି । ଏକ ଭିଡିଓ ରିଲିଜ କରି ମେକର୍ସମାନେ ଏନେଇ ସୂଚନା ଦେଇଛନ୍ତି । ତେବେ ଏହି ଭିଡିଓରେ ସାଇଙ୍କର ଏକ ନୂଆ ଲୁକ ଦର୍ଶକ ଦେଖିବାକୁ ପାଇଛନ୍ତି । ଫିଲ୍ମପାଇଁ ସାଇ ଖୁବ ସୁନ୍ଦର ଭାବେ ନିଜର ଫିଜିକାଲ ଟ୍ରାନ୍ସଫରମେସନ କରିଥିବାନେଇ ଚର୍ଚ୍ଚା ହେଉଛି । ଏହି ପରିବର୍ତ୍ତନ ପାଇଁ ସେ ଖୁବ ପରିଶ୍ରମ କରିଛନ୍ତି । ଅନେକ ଦିନର ଟ୍ରେନିଂ ପରେ ସେ ଏଭଳି ଫିଜିକ୍ ପାଇଥିବା ଜଣା ପଡିଛି । ଦର୍ଶକଙ୍କୁ ତାଙ୍କର ଫିଲ୍ମ ପାଇଁ ଥିବା ଏହି ଭଲପାଇବା ଖୁବ ପସନ୍ଦ ଆସିଛି । ସେହିଭଳି ଫିଲ୍ମଟିକୁ ସେ ନିଜ ଫ୍ୟାନଙ୍କୁ ଉତ୍ସର୍ଗ କରିଛନ୍ତି । ଖୁବଶୀଘ୍ର ତାଙ୍କ ଫ୍ୟାନମାନେ ବଡ ପରଦାରେ ଏହି ଫିଲ୍ମକୁ ଉପଭୋଗ କରିବେ ବୋଲି ସେ ସୋସିଆଲ ମିଡିଆରେ ମତ ଦେଇଛନ୍ତି । ଫିଲ୍ମରେ ସାଇଙ୍କ ସହିତ ଐଶ୍ୱର୍ଯ୍ୟା ଲକ୍ଷ୍ମୀ, ଜଗପତି ବାବୁ, ସାଇ କୁମାର, ଶ୍ରୀକାନ୍ତ ଓ ଅନନ୍ୟା ନାଗଲ୍ଲା ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି । ସୋସିଆଲ ମିଡିଆରେ ଫିଲ୍ମର ପୋଷ୍ଟରଟି ଖୁବ ଅଧିକ ମାତ୍ରାରେ ଭାଇରାଲ ହେବାରେ ଲାଗିଛି ।

# ଚନ୍ଦ୍ରରେ କାଚଘର



ଚନ୍ଦ୍ରରେ ଘର ପ୍ରସ୍ତୁତ କରିବା ପାଇଁ ପୃଥିବୀରୁ ଆଉ ସାମଗ୍ରୀ ନେବାକୁ ପଡିବ ନାହିଁ । ଆମେରିକାର କମ୍ପାନୀ ସ୍କାଇପୋର୍ଟସ ଓ ନାସା ମିଶି ଏକ ନୂଆ ଧରଣର ଘର ନିର୍ମାଣ କରିଛନ୍ତି । ଏହି ଘରକୁ ଧୂଳିରୁ ପ୍ରସ୍ତୁ ହେଉଥିବା କାଚରୁ ପ୍ରସ୍ତୁତ କରାଯିବବୋଲି ସୂଚନା ମିଳିଛି । ଉଭୟ ସଂସ୍ଥା ଚନ୍ଦ୍ରର ଏହି ଧୂଳିରୁ ପ୍ରସ୍ତୁତ ହେଉଥିବା କାଚରୁ ଏକ ଗୋଲ ଡବା ଭଳି ଘର ପ୍ରସ୍ତୁତ କରିବାନେଇ ପ୍ରକଳ୍ପ ପ୍ରସ୍ତୁତ କରୁଛନ୍ତି । ଭବିଷ୍ୟତରେ ଏହି ଘରେ ମହାକାଶଚାରୀମାନେ ବାସ କରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରଥମେ ଏହି ଧୂଳିକୁ ମାଇକ୍ରୋୱେବ ଟେକ୍‌ନିକ ବ୍ୟବହାର କରି ତରଳ କରାଯିବ । ଏହାପରେ ଗ୍ୟାସ ପାଇପ ସାହାଯ୍ୟରେ କାଚର ଗୋଟିଏ ବେଲୁନ ଭଳି ଫୁଲାଯିବ । ସୂଚନା ଅନୁସାରେ ଚନ୍ଦ୍ରର ଧୂଳିରେ ସିଲିକେଟ୍ସର ମାତ୍ରା ଖୁବ ଅଧିକ ହୋଇଥାଏ, ଯାହା କାଚ ଘର ପ୍ରସ୍ତୁତ ପାଇଁ ଭଲ ହୋଇଥାଏ । ତେଣୁ ବୈଜ୍ଞାନିକଙ୍କ ମତରେ ଏଥିରୁ ପ୍ରସ୍ତୁତ ହେଉଥିବା ଘର ଷ୍ଟିଲ ଠାରୁ ବି ମଜବୁତ ହେବ । ଏହି ଘର ଭିତରୁ ମହାକାଶଚାରୀମାନେ ସହଜରେ ବାହାରର ଦୃଶ୍ୟକୁ ଦେଖିପାରିବେ । ସେହିଭଳି ଏହି ଘରଗୁଡିକର ଏକ ମୁଖ୍ୟ ଫିଚର ହେଉଛି ଏହା ନିଜେନିଜେ ମରାମତି ହୋଇପାରିବ । ଯଦି ଏହାର କାଚ କାନ୍ଥରେ କେବେ ବି କ୍ଷତ ସୃଷ୍ଟି ହୁଏ ତେବେ ଏହା ନିଜେନିଜେ ମରାମତି ହୋଇପାରିବ । ଏହି ଘରେ ବିଜୁଳି ପାଇଁ ସୋଲାର ପ୍ୟାନେଲର ବ୍ୟବହାର କରାଯିବ ବୋଲି ମତ ଦିଆଯାଇଛି ।

## ଇତିହାସ

୧୮୮୮– ବୈଜ୍ଞାନିକ ଥୋମସ ଅଲଭା ଏଡିସନ୍ ଅପ୍ଟିକାଲ୍ ଫୋନୋଗ୍ରାଫ୍‌ର ପେଟେଣ୍ଟ ପାଇଁ ଆବେଦନ କଲେ ।

୧୮୯୨– ରାଜନୀତି ତଥା ସ୍ୱାଧୀନ ଭାରତର ପ୍ରଥମ ଅର୍ଥମନ୍ତ୍ରୀ ଆର୍.କେ. ଶନମୁଖମ୍ ଚେଟିଙ୍କ ଜନ୍ମ ।

୧୯୧୭– ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବ୍ରିଟେନ୍ ପ୍ରଥମ ଥର ପାଇଁ ଜର୍ମାନୀ ଉପରେ ଆକାଶମାର୍ଗରୁ ଆକ୍ରମଣ କରିଥିଲା ।

୧୯୩୩– ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍ ନାଜୀ ଜର୍ମାନୀରୁ ଆମେରିକା ଗଲେ ।

୧୯୭୯– ଶାନ୍ତି ପାଇଁ ମଦର ଟେରେସାଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଗଲା ।

୨୦୦୯– ଭାରତ ମହାସାଗରସ୍ଥିତ ମାଲଦ୍ୱୀପରେ ପାଣି ଭିତରେ ବିଶ୍ୱର ପ୍ରଥମ କ୍ୟାବିନେଟ୍ ବୈଠକ ଆୟୋଜନ କରାଯାଇ ସମସ୍ତ ରାଷ୍ଟ୍ରକୁ ଗ୍ଲୋବାଲ ୱାର୍ମିଂ ବିପଦ ସମ୍ବନ୍ଧରେ ଚେତାବନୀ ଦିଆଗଲା ।

# ନିଶରୁ ପୋଷାକ

ସୋସିଆଲ ମିଡିଆରେ ଏଭଳି ଅନେକ ଘଟଣା ଭାଇରାଲ ହୋଇଥାଏ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ସେହିଭଳି ଏକ ଘଟଣା ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି । ଅଷ୍ଟ୍ରେଲିଆର ଜଣେ ଭିଜୁଆଲ ଆର୍ଟିଷ୍ଟ ନିଶ କେଶରୁ ଏକ ନିଆରା ସୁଟ ପ୍ରସ୍ତୁତ କରିଛନ୍ତି । ପାମେଲା କ୍ଲିମ୍ୟାନ୍ ପାସି ନାମକ ଆର୍ଟିଷ୍ଟ ଏହାକୁ ମୋବମ୍ବର ମୁଭମେଣ୍ଟ ପାଇଁ ପ୍ରସ୍ତୁତ କରିଛନ୍ତି । ଏହା ସେ ପୁରୁଷମାନଙ୍କର ମାନିସକ ଓ ଶାରିରୀକ ସ୍ୱାସ୍ଥ୍ୟକୁ ପ୍ରତିପାଦିତ କରିବାକୁ ପ୍ରସ୍ତୁତ କରିଥିବା ପ୍ରକାଶ କରିଛନ୍ତି । ଏହା ଦୁନିଆର ପ୍ରଥମ କୋଟ ଯାହାକୁ ନିଶ କେଶରୁ ପ୍ରସ୍ତୁତ କରାଯାଇଛି । ତେବେ ଏହି କୋଟପାଇଁ କେଶ ଦାନରେ ଗ୍ରହଣ କରାଯାଇଛି । ଏଥିରେ ଅନେକ ପୁରୁଷ ଯେଉଁମାନେ ମାନସିକ ଓ ଶାରିରୀକ ଅସୁସ୍ଥତାରେ ଅଛନ୍ତି ସେମାନେ ଦାନ କରିଛନ୍ତି । ଏହି କୋଟରେ ପୁରୁଷଙ୍କ ପାଇଁ ବିଭିନ୍ନ ବାର୍ତ୍ତା ମଧ ପ୍ରଦାନ କରାଯାଇଛି । ସୋସିଆଲ ମିଡିଆରେ ଏହା ଖୁବ ଭାଇରାଲ ହେବାରେ ଲାଗିଛି ।



# ଘରକୁ ରଖନ୍ତୁ ସକରାତ୍ମକ



ବାସ୍ତୁ ଅନୁସାରେ ଘରକୁ ସଜାଇବା ସହ ବ୍ୟବସ୍ଥିତ ରଖିବା ଜରୁରୀ । ଅପରିଷ୍କାର ଅସଜଡା ଘର ବ୍ୟକ୍ତିଙ୍କର ମାନସିକ ଅଶାନ୍ତିର କାରଣ ହୋଇଥାଏ । ଅବ୍ୟବସ୍ଥିତ ଘରେ ନକରାତ୍ମକତା ବଢିଥାଏ । ଯାହାଫଳରେ ଘରେ ରହୁଥିବା ବ୍ୟକ୍ତିଙ୍କୁ ରୋଗ, କଳି, ଅଶାନ୍ତି ଓ ଆର୍ଥିକ ସମସ୍ୟାର ସାମନା କରିବାକୁ ହୋଇଥାଏ । ଯେଉଁଘରେ ସମସ୍ତ ଜିନିଷ ସଠିକ୍ ସ୍ଥାନରେ ନଥାଏ ସେହି ଘରେ ରୋଗ ଓ ଅଶାନ୍ତି ବଢିଚାଲେ । ସର୍ବଦା ଘରେ ବିଜୁଳି ଚାଳିତ ଯନ୍ତ୍ର ଖୁବ୍ କମ ବ୍ୟବହାର କରନ୍ତୁ । ଏହି ଯନ୍ତ୍ର ସୁବିଧା ଯୋଗାଇଥାଏ ହେଲେ ଏହାକୁ ବ୍ୟବହାର କରିବା ବାସ୍ତୁ ଅନୁସାରେ ଠିକ୍ ନୁହେଁ । ତେଣୁ ସର୍ବଦା ଏହାର କମ ବ୍ୟବହାର କରନ୍ତୁ । ଘରେ ଥିବା ପୁରୁଣା ମୋବାଇଲ, ଚାର୍ଜର, କେବୁଲ ଆଦି ଜିନିଷକୁ ଏପଟ ସେପଟ କରି ପକାନ୍ତୁ ନାହିଁ । ସର୍ବଦା ସଜାଡି ରଖନ୍ତୁ । ଯଦି ବ୍ୟବହାର ଉପଯୋଗୀ ନୁହେଁ ତେବେ ଅନ୍ୟ ଯାଗାରେ ରଖନ୍ତୁ ।

## ସୋସିଆଲ କୋଟ୍ସ



“ଆକ୍ଟିଂ କରିବାର ଜିଦ୍ କାରଣରୁ ମୁଁ ଅଧାରୁ ପାଠ ଛାଡିଥିଲି । ଏହି ନିଷ୍ପତ୍ତି ସେତେବେଳେ ମୋ ବାପାଙ୍କୁ ଭଲ ଲାଗି ନଥିଲା । ହେଲେ ସେହି ନିଷ୍ପତ୍ତି କାରଣରୁ ମୁଁ ଆଜି ଏଠି ପହଞ୍ଚିଛି ।

ସେହନାଜ ଗିଲ୍, ଅଭିନେତ୍ରୀ



“ହନୁମାନ ଫିଲ୍ମ ସୁଟିଂ ସମୟରେ ମୋତେ ଅଲୌକିକତାର ଅନୁଭବ ହୋଇଥିଲା । ଲାଗିଥିଲା ଯେପରି ଶ୍ରୀହନୁମାନ ନିଜେ ତାଙ୍କ କାହାଣୀକୁ ଫିଲ୍ମ ଆକାରରେ ପ୍ରସ୍ତୁତ କରୁଛନ୍ତି । ସବୁ ବାଧା ବିଘ୍ନ ତାଙ୍କରି କାରଣରୁ ଦୂର ହୋଇଥିଲା ।

ପ୍ରଶାନ୍ତ ବର୍ମା, ନିର୍ଦ୍ଦେଶକ



“ବିଗ୍ ବସ୍ ହାଉସ୍‌ରେ ସବୁ ସ୍ଥାନରେ ମାଇକ ଲାଗିଥାଏ । ଏପରିକି ବାଥରୁମ୍‌ରେ ମଧ ମାଇକ୍ ଲାଗିଥାଏ । ଯେଉଁ କାରଣରୁ ବାଥ୍‌ରୁମ୍‌ରେ ବି କେହି ଯଦି କାନ୍ଦେ ତାହା ମଧ ରେକର୍ଡ ହୋଇଥାଏ ।

ଇଶା ମାଲବୀୟ, ଅଭିନେତ୍ରୀ

# ବୃକକ୍‌କୁ ରଖନ୍ତୁ ସୁସ୍ଥ

ଶରୀରରେ ରକ୍ତକୁ ବୃକକ୍ ଶୁଦ୍ଧ କରିଥାଏ । ତେଣୁ ଶରୀର ଏକ ମୁଖ୍ୟ ଅଙ୍ଗ ଭାବେ ବୃକକ ଗଣା । ତେଣୁ ଅନ୍ୟଅଙ୍ଗ ଭଳି ଏହାର ଅଧିକ ଧ୍ୟାନ ରଖିବାର ଆବଶ୍ୟକତା ରହିଛି । ହେଲେ ବେଳେ ବେଳେ ଆମ ଦୈନନ୍ଦିନ ଜୀବନରେ କିଛି ଅସାବଧାନତା କାରଣରୁ ବୃକକ୍‌ରେ ବିଭିନ୍ନ ସମସ୍ୟା ଦେଖାଦେଇଥାଏ । ତେଣୁ କିଛିଟା ଛୋଟ ଛୋଟ ଜିନିଷ ପ୍ରତି ଆମକୁ ଧ୍ୟାନ ଦେବାକୁ ହୋଇଥାଏ, ଯାହାଦ୍ୱାରା ଆମର ବୃକକ୍ ସୁସ୍ଥ ରହିପାରିବ ।

**କମ୍ ପାଣି ପିଇବା :** ପାଣି ଆମ ଶରୀର ପାଇଁ ସବୁଠାରୁ ଦରକାରୀ ଜିନିଷ । ଅଧିକ ପାଣି ପିଇବା ଦ୍ୱାରା ଆମ ଶରୀର ସଫା ହୋଇଥାଏ । ଏହି ପାଣି ସାହାଯ୍ୟରେ ଶରୀରରେ ଥିବା ବିଷାକ୍ତ ପଦାର୍ଥ ପରିସ୍ରା ଆକାରରେ ଦେହରୁ ବାହାରି ଆସିଥାଏ । ଯଦି କମ୍ ପାଣି ପିଇବା ତେବେ ଶରୀରରେ ସେହି ବିଷାକ୍ତ ପଦାର୍ଥ ଗୁଡିକ ଜମା ହୋଇ ରହିଥାଏ । ଯାହା ଶରୀର ପାଇଁ କ୍ଷତିକାରକ ।

**ଅଧିକ ଲୁଣ ଖାଇବା :** ଅଧିକ ଲୁଣ ଖାଇବା ହେଉଛି କିଛି ଲୋକଙ୍କ ଅଭ୍ୟାସ । ଲୁଣ ଆମ ଶରୀର ସୋଡିୟମର ପରିମାଣ ବଢାଇଥାଏ । ଯାହା ଆମ ବୃକକ୍ ଉପରେ ଚାପ ପକାଇଥାଏ । ସେଥିପାଇଁ କମ ଲୁଣ ଖାଆନ୍ତୁ ।

**ଧୂମପାନ କରିବା :** ଧୂମପାନ ମୁଖ୍ୟତ ଫୁସ୍ ଫୁସ ଉପରେ ପ୍ରଭାବ ପକାଇଥାଏ । ଏହା କାରଣରୁ ଶରୀରରେ ଏଭଳି ରୋଗ ହୋଇଥାଏ ଯାହା ରକ୍ତ ପ୍ରବାହକୁ ଧିର କରିଥାଏ । ଫଳରେ ରକ୍ତ ବୃକକ୍ ପାଖରେ ପହଞ୍ଚିବା କଷ୍ଟ ହୋଇଥାଏ । ଯାହା ଆମ ପାଇଁ ଭଲ ନୁହେଁ ।



**ବିଜୟ ସଂକଳ୍ପ ସମାବେଶ**

# "ନୂଆପଡ଼ାର ସାମଗ୍ରିକ ବିକାଶ ଦାୟିତ୍ୱ ମୁଁ ନେଇଛି" : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ନୂଆପଡା ରାଜନୈତିକ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡି ହେବାକୁ ଯାଉଛି। କେବଳ ନୂଆପଡା ନିର୍ବାଚନମଣ୍ଡଳୀ ନୁହେଁ, ସମଗ୍ର ନୂଆପଡା ଜିଲ୍ଲାର ଜଣେ ଲୋକପ୍ରିୟ ଜନପ୍ରତିନିଧିଙ୍କ ସୁଯୋଗ୍ୟ ଦାୟାଦ ଆଜି ତାଙ୍କ ପିତାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ଭାରତୀୟ ଜନତା ପାର୍ଟୀର ପରିବାରରେ ସାମିଲ ହୋଇଛନ୍ତି ବୋଲି ନୂଆପଡାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।




ସମାବେଶକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଏବେ ନୂଆପଡା ଦେଖିବ ଡବଲ ଇଂଜିନ ସରକାରର ବିକାଶର ଗତି। ବିଭିନ୍ନ ଦଳରୁ ହଜାର ହଜାର କର୍ମୀଙ୍କ ସହିତ ଅନେକ ଦଳୀୟ ନେତା ନିଜ ନିଜ ଦଳ ତ୍ୟାଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଚାର ଓ ବିକାଶ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେପିରେ ଯୋଗଦାନ କରିଛନ୍ତି। ଏତେ ସଂଖ୍ୟକ କର୍ମୀ ଗୋଟିଏ ଦଳ ଛାଡି ବିଜେପିରେ ମିଶିବା ହୁଏତ ପୂର୍ବରୁ କେବେ ହୋଇନଥିଲା। ଏହା ମୋତେ ଅଭିଭୁତ କରିଛି। ସମସ୍ତ ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ଅବସରରେ ନୂଆପଡା ଉପନିର୍ବାଚନ ଫଳାଫଳ ବିଜେପି ସପକ୍ଷରେ ଯିବ ଏବଂ ଏହାକୁ ନେଇ କାହା ମନରେ ଦ୍ୱନ୍ଦ କି ସନ୍ଦେହ ରହିବା କଥା ନୁହେଁ। ନୂଆପଡାର ବିକାଶର ଦାୟୀତ୍ୱ ମୁଁ ନେଇଛି, ଏହି ଜିଲ୍ଲାକୁ ରାଜ୍ୟର ବିକଶିତ ଓ ଶ୍ରେଷ୍ଠ ଜିଲ୍ଲା ବର୍ଗକୁ ନେବାର ଦାୟୀତ୍ୱ ମୁଁ ନେଇଛି। ଏହି ପରିପ୍ରେକ୍ଷୀରେ ଗତ ୬ ତାରିଖ ଦିନ ଜିଲ୍ଲା ଗସ୍ତ ଅବସରରେ ୧୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପଗୁଡିକର ଶିଳାନ୍ୟାସ ହୋଇଛି। ଗୋଟିଏ ଦିନରେ ଗୋଟିଏ ଜିଲ୍ଲାରେ ଏତେ ଟଙ୍କାର ପ୍ରକଳ୍ପ ଆଗରୁ କେବେ ହୋଇନଥିଲା। ଏହା ହେଉଛି ଆମ ସରକାରଙ୍କ ପ୍ରତିବଦ୍ଧତା ଓ ବ୍ୟକ୍ତିଗତ ଭାବେ ମୋର ଉତରଦାୟୀତ୍ୱ ବୋଲି ଶ୍ରୀ ମାଝୀ କହିଛନ୍ତି। ଜଣେ ସମାଜସେବକ ଭାବେ ନିଜ ଅଂଚଳ ଓ ଅଂଚଳବାସୀଙ୍କ ପାଇଁ କାର୍ଯ୍ୟ କରିବା ଓ ତାଙ୍କ ସୁଃଖ ଦୁଃଖରେ ଛିଡା ହେବା ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ସ୍ୱଭାବ ଥିଲା। ଆଜି ତାଙ୍କ ଅବର୍ତମାନରେ ତାଙ୍କର ସୁଯୋଗ୍ୟ ଦାୟାଦ ଜୟ ଢୋଲକିଆ ନିଜ ପିତାଙ୍କ ପଦାଙ୍କୁ ଅନୁସରଣ କରୁଛନ୍ତି। ନୂଆପଡାର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜ ପିତାଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷା ସଂପର୍କରେ ଭଲ ଭାବେ ଅବଗତ ଥିବା ଜୟ ଢୋଲକିଆ ଯେଉଁ ନିଷ୍ପତି ନେଇଛନ୍ତି, ତାହା ଏହି ଅଂଚଳର ବିକାଶ ପାଇଁ ନିର୍ଣ୍ଣାୟକ ମୁହୂର୍ତ ହେବାକୁ ଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି।

ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟ କରିବା ପାଇଁ ସଂକଳ୍ପ ନେବାକୁ ଲୋକ ଆସିଛନ୍ତି। ଆମେ ଅକ୍ଳାନ୍ତ ପରିଶ୍ରମ କରି ଏଥର ବୃହତ ଓ ରେକର୍ଡ ବ୍ୟବଧାନରେ ବିଜୟୀ ହେବୁ। ରାଜ୍ୟର ବିକାଶ ମୁଖ୍ୟମନ୍ତ୍ରୀଙ୍କ ହାତରେ ହେଉଛି। ଆମେ ଯାହା କହିଛୁ ତାହା କରିଛୁ। ଚାଷୀ, ମହିଳାଙ୍କ ପାଇଁ ରାଜ୍ୟ ସମର୍ପିତ। ଆଗାମୀ ଦିନରେ ନୂଆପଡ଼ାକୁ ରାଜ୍ୟ ୧ ନଂ ଜିଲ୍ଲାରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିଜେ ଦାୟିତ୍ୱ ନେଇଛନ୍ତି। ୧୧୦୦ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ଏହି ନିର୍ବାଚନରେ ଐତିହାସିକ ବିଜୟ ଲାଭ କରାଇ ପାଇଁ ଶ୍ରୀ ସାମଲ ନୂଆପଡ଼ାବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

ନୂଆପଡାକୁ ଖିନଭିନ କରିଛି କଂଗ୍ରେସ ଦଳ ବୋଲି ପୂର୍ବତନ ସାଂସଦ ତଥା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି। ମୋର ବାପା ସ୍ୱର୍ଗତ ରାଜୁ ଭାଇ ଢୋଲକିଆଙ୍କ ଯେଉଁ ପ୍ରତିଜ୍ଞା ଥିଲା ତାକୁ ଗାଁ ନେବା ପାଇଁ ବିଜେପିରେ ସାମିଲ ହୋଇଛି। ମୋର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୁଁ ସମାଜ ସେବା ଜାରି ରଖିବି। ସବୁ ଦିନ ପାଇଁ ମୋ ଘର ଦ୍ୱାର ଆପଣଙ୍କ ପାଇଁ ଖୋଲା ରହିବ ବୋଲି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଓଡିଶା ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ, ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ରବି ନାଏକ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗଣେଷରାମ ସିଂ ଖୁଂଟିଆ, ମନ୍ତ୍ରୀ ବିଭୂତି ଜେନା, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବିଧାୟକ ଜୟନାରାୟଣ ମିଶ୍ର, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ସମସ୍ତ ବିଧାୟକ ଗଣ, ସମସ୍ତ ପୂର୍ବତନ ବିଧାୟକ ଓ ସାଂସଦ ଗଣ, ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ ପାଢୀ, ହୋମସିଂ ମାଝୀ, ଅଭିନନ୍ଦନ ପଣ୍ଡା, ଖରିଆର ରୋଡ ଏନଏସି ଅଧକ୍ଷା ଡା.ସୋନିଆ ଜୈନ, ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ଧର୍ମପତ୍ନୀ ଶ୍ରୀମତୀ କଳ୍ପନା ଢୋଲକିଆ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ରାଜ୍ୟ ପଦାଧିକାରୀଙ୍କ ନାମ ଘୋଷଣା

ଭୁବନେଶ୍ୱର (ସବ୍ୟୁ): ବିଜେପି ରାଜ୍ୟ ପଦାଧିକାରୀଙ୍କ ନାମ ଘୋଷଣା କରଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଉପସଭାପତି ଭାବେ ଡ. ଜତିନ ମହାନ୍ତି (ଖୋର୍ଦ୍ଧା), ଅଶୋକ ମିଶ୍ର (ନୟାକଡ), ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ), ରମେଶ ଚନ୍ଦ୍ର ସାହୁ (ନବରଙ୍ଗପୁର), କେ.ନାରାୟଣ ରାଓ (ଗଜପତି), ଶିବାଜୀ ମହାନ୍ତି (ବଲାଙ୍ଗିର), ଭବେନ୍ଦ୍ର କୁମାର ପଣ୍ଡା (କଳାହାଣ୍ଡି), ସିପ୍ରା ବାଜପେୟୀ (ବାଲେଶ୍ୱର), ସୁଦର୍ଶନ ଗୋଏଲ (ରାଉରକେଲା), ବିଷ୍ଣୁ ଦାସ (କେନ୍ଦ୍ରାପଡା) ସ୍ଥାନ ପାଇଛନ୍ତି। ସେହିପରି ସାଧାରଣ ସଂପାଦକ ଭାବେ ବିରଞ୍ଚି ନାରାୟଣ ତ୍ରିପାଠୀ (ପୁରୀ), ସାରଦା ପ୍ରସାଦ ଶତପଥୀ (ଭୁବନେଶ୍ୱର), ସୀମାଞ୍ଚଳ ଖଟେଇ (ସମ୍ବଲପୁର), ଶ୍ରୀମତୀ ପୂର୍ଣ୍ଣିମା ପ୍ରିୟଦର୍ଶୀନୀ ନାୟକ (କୋରାପୁଟ) ରହିଥିଲା ବେଳେ ସାଧାରଣ ସଂପାଦକ ଭାବେ ସରୋଜ କୁମାର କର (କଟକ), କାଳନ୍ଦି ସାମଲ (ଅନୁଗୁଳ), ସ୍ମୃତି ପଟ୍ଟନାୟକ (କଟକ), ଡ. ପ୍ରୀତି ପ୍ରତିଭା ଭୋଳ (ପୁରୀ), ଭଗବାନ ମହାନ୍ତି (କନ୍ଧମାଳ), ପିଙ୍କି ପ୍ରଧାନ (ଭୁବନେଶ୍ୱର), ଇଂ. ରାମଚନ୍ଦ୍ର ହାଁସ୍‌ଦା (ମୟୁରଭଞ୍ଜ ପଶ୍ଚିମ), ମମତା ସିଂହ (କେନ୍ଦୁଝର), ପୃଥ୍ୱୀରାଜ ମହାପାତ୍ର, ଘୁମୁସର (ଆସ୍କା), ସ୍ମିତା ପ୍ରଧାନ (ଜଗତସିଂହପୁର) ଅନ୍ତର୍ଭୁକ୍ତ। କୋଷାଧକ୍ଷ ଭାବେ ଅଜୟ କୁମାର ଅଗ୍ରୱାଲ (ଭୁବନେଶ୍ୱର) ଓ ଯୁଗ୍ମ କୋଷାଧକ୍ଷ ଭାବେ ସିଏ.ଦୀବାକର ହରିଚନ୍ଦନ (ପୁରୀ) ରହିଛନ୍ତି।

## ଯୁବକକୁ ମରଣାନ୍ତକ ଆକ୍ରମଣ

ବଳଙ୍ଗା, (ସବ୍ୟୁ):ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ମା ଗଜଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରା ଆସୁଥିବା ବେଳେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ସୂଚନା ମୁତାକ ପାର୍ବତୀପୁର ( ନୂଆସାହି) ଗ୍ରାମର ବିଶନାଥ ମହାପାତ୍ର କରିଥିବା ଅଭିଯୋଗ ଅନୁଯାୟୀ ବିଶନାଥ ଜଣେ ରୋଷେୟା ହୋଇଥିବାରୁ ଗତ ୧୩ ତାରିଖ ଦିନ ନରୁଡା ଗ୍ରାମରେ ରୋଷେଇ ସାରି ରାତି ୯ ଟାରେ ଘରକୁ ଫେରୁଥିବା ବେଳେ ଗାଁ ଛକରେ ପ୍ରଧାନ ସାହିର ମା ଗଜଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରା ଆସୁଥିଲା ।ସେହି ପ୍ରଧାନ ସାହିର ସୂର୍ଯ୍ୟକାନ୍ତ ପ୍ରଧାନ (ଲକି) ଗାଳି ମନ୍ଦ କରି ବିଶ୍ୱନାଥଙ୍କ ମୁଣ୍ଡକୁ ହାତରେ ଧରିଥିବା ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ବୋଲି ଅଭିଯୋଗରେ ବିଶନାଥ ଦର୍ଶାଇଛନ୍ତି ।

### ଜନସମ୍ପର୍କ ପଦଯାତ୍ରାରେ ଯୋଗ ଦେଲେ ନବୀନ

# ଏସ୍‌ଓଏସ୍ ଭିଲେଜ୍‌ରେ ପିଲାଙ୍କ ସହ ଜନ୍ମଦିନ ପାଳିଲେ

ଭୁବନେଶ୍ୱର, (ସବ୍ୟୁ): ବିଜୁ ଜନତା ଦଳ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ଗଙ୍ଗନଗର ବିଜୁ ଆଦର୍ଶ କଲୋନୀ ରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ ରେ ଯୋଗଦେଇଥିଲେ। ବିଜେଡିର ନେତା ଓ କର୍ମୀ ମାନଙ୍କ ଗହଣ ରେ ଶ୍ରୀ ପଟ୍ଟନାୟକ କିଛି ବାଟ ଚାଲିବା ସହିତ ଆୟୋଜିତ ସଭା ରେ ଉପସ୍ଥିତ ଜନତା ଓ କର୍ମୀଙ୍କୁ ଜନ୍ମ ଦିନର ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜୁ ଜନତା ଦଳ ଓଡିଶା ବାସୀ ଙ୍କ ସହିତ ସବୁବେଳେ ରହିଛି ଓ ରହିଥିବ । ସେବା ବିଜୁ ଜନତା ଦଳ ର ମନ୍ତ୍ର । ତେଣୁ ଲୋକଙ୍କ ସେବା ଜାରି ରଖିବା ପାଇଁ କର୍ମୀ ମାନଙ୍କୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେବା ସହିତ,ଶେଷ ପର୍ଯ୍ୟନ୍ତ ସେ ଓଡିଶା ମା ର ସେବା କରିଚାଲିବେ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।



ଭୁବନେଶ୍ୱର ବିଜୁ ଜନତା ଦଳର ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ସାଂସଦ ଦେବାଶିଷ ସାମନ୍ତରାୟ, ସାଂସଦ ସୁଲତା ଦେଓ, ବିଧାୟକ. ପ୍ରମିଳା ମଲ୍ଲିକ,ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ,ବିଧାୟକ ବିଭୁତି ବଳବନ୍ତରାୟ, ଭୁବନେଶ୍ୱରର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହ୍ଁର,ବିଜେଡିର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଜେଡି ର କର୍ପୋରେଟର ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ ପିଲାମାନଙ୍କୁ ଚକୋଲେଟ ବାଣ୍ଟିଥିଲେ । ସୂଚନା ଯୋଗ୍ୟ ଯେ ଚଳିତ ବର୍ଷ ବିଜେଡି ର ଜନ ସମ୍ପର୍କ ପଦଯାତ୍ରା ଅକଟୋବର ୯ ରୁ ଆରମ୍ଭ ହୋଇଛି. ଓ ଏହା ନଭେମ୍ବର ୯ ପର୍ଯ୍ୟନ୍ତ ଚାଲିବ।

ସେହିପରି ଓଡିଶା ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ଗୁରୁବାର ୭୯ ବର୍ଷରେ ପଦାର୍ପଣ କରିଛନ୍ତି । ସରଳ ଓ ନିରାଡ଼ମ୍ବର ଜୀବନ ଶୈଳୀରେ ବିଶ୍ୱାସ ରଖୁଥିବା ନବୀନ ପଟ୍ଟନାୟକ ତାଙ୍କ ଜନ୍ମ ଦିନ ଏସ୍‌ଓଏସ୍ ଭିଲେଜ୍‌ର ପିଲାମାନଙ୍କ ଗହଣରେ କାଟିଥିଲେ । ଗୁରୁବାର ପୂର୍ବାହ୍ନ ରେ ଶ୍ରୀ ପଟ୍ଟନାୟକ ସେଠାରେ ପହଞ୍ଚିବା ପରେ ପିଲାମାନେ ତାଙ୍କୁ ସ୍ୱାଗତ କରିଥିଲେ। ପିଲାମାନେ ଦ୍ୱାରା ପ୍ରସ୍ତୁତ କେକ୍ ଶ୍ରୀ ପଟ୍ଟନାୟକ କାଟିବା ସହ ପିଲାମାନଙ୍କୁ ନିଜେ କେକ୍ ଖୁଆଇ ଦେଇଥିଲେ ଓ ପିଲାମାନଙ୍କୁ ଉପହାର ଦେଇଥିଲେ। ପିଲାମାନଙ୍କୁ ଆଶୀର୍ବାଦ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଜି ପିଲାମାନଙ୍କ ସହ ଜନ୍ମ ଦିନ ପାଳନ କରି ସେ ବହୁତ ଖୁସି । ତାଙ୍କ ଜନ୍ମ ଦିନ ରେ ସାମିଲ ହୋଇ ଥିବାରୁ ଶ୍ରୀ ପଟ୍ଟନାୟକ ପିଲାମାନଙ୍କୁ ଧନ୍ୟବାଦ ଜଣାଇବା ସହ ଭବିଷ୍ୟତ ରେ ଭଲ ମଣିଷ ହେବା ପାଇଁ ଆଶୀର୍ବାଦ କରିଥିଲେ।

## ବ୍ୟାପକ ଧାନ ଫସଲ ନଷ୍ଟ କରୁଛନ୍ତି ଝାଡ଼ଖଣ୍ଡି ହାତୀପଲ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ଅଧୀନ ୧୮ ନଂ ଜାତୀୟ ରାଜପଥ ଅତିକ୍ରମ କରି ବୁଧବାର ବିଳମ୍ବିତ ରାତିରେ କ୍ଷୀରପଦା ସଂରକ୍ଷିତ ଜଙ୍ଗଲରେ ରହି ଉତ୍ପାତ କରୁଥିବା ୧୮ ଟିକିଆ ଝାଡ଼ଖଣ୍ଡି ହାତୀପଲ ଗୁରୁବାର ଅପରାହ୍ନରେ ମୋହନପୁର ଜଙ୍ଗଲ ସଂଲଗ୍ନ ଧାନ ବିଲରେ ବ୍ୟାପକ ଧାନ ଫସଲକୁ ମାଡି ଦଳି ନଷ୍ଟ କରିବା ସହିତ ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ବୈଶିଙ୍ଗା-ମାଣତ୍ରୀ ମୁଖ୍ୟ ରାସ୍ତାର ବଡାମ ଠାକୁରାଣୀ ନିକଟରେ ରାସ୍ତା ଅତିକ୍ରମ କରିଥିଲେ କ୍ଷ ତେବେ ୧୮ ଟିକିଆ ପଲରୁ ୪-୫ ହାତୀ ଅଳ୍ପ ସମୟମଧ୍ୟରେ ରାସ୍ତା ଅତିକ୍ରମ କରି ଯାଇଥିଲେ, ହେଲେ ଅନ୍ୟ ହାତୀ ସବୁ ରାସ୍ତା ଅତିକ୍ରମ କରିବାକୁ ଘଣ୍ଟାଧିକ ସମୟ ଲାଗିଥିଲା । ଅନ୍ୟପଟେ ବନବିଭାଗ ସହିତ ସ୍ଥାନୀୟ ଅଞ୍ଚଳବାସୀ ନିଆଁ ହୁଳା ଓ ବାଣ ଦ୍ୱାରା ସେମାନଙ୍କୁ ଶୀଘ୍ର ଶୀଘ୍ର ଘୋଉଡିବାକୁ ଚେଷ୍ଟା କରିଥିଲେ, ଯୋଉଁଥିପାଇଁ ସେମାନେ ଉତକ୍ଷିପ୍ତ ହୋଇ ଏଣେତେଣେ ହୋଇଯାଇଥିଲେ କ୍ଷ ଯୋଉଁଥିପାଇଁ ୧୮ ଟିକିଆ ହାତୀପଲ ଅଲଗା ଅଲଗା ହୋଇ ଏଣେତେଣେ ଛୀନଭିନ ହୋଇ ଅଲଗା ଅଲଗା ଦଳରେ ମୁଖ୍ୟ ରାସ୍ତା ଅତିକ୍ରମ କରିଥିଲେ କ୍ଷ ଅନ୍ୟପଟେ ଏହା ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବାରୁ ଶହ ଶହ ସଂଖ୍ୟକ ଗାଡି ମୋଟର ଦୁଇପଟେ ଅଟକି ରହିଥିବାର ଦେଖିବାକୁ ମିଳିଛି । ଏମିତିକି ଆମ୍ବୁଲାନ୍ସ ମଧ ଘଣ୍ଟାଧିକ କାଳ ଅଟକି ରହିଥିଲା । ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା ।

### ଓଡ଼ିଶାରେ ନୀତି ଆୟୋଗଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ

# ଭିଜନ-୨୦୩୬ ଓ ୨୦୪୭ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ): ନୀତି ଆୟୋଗଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭିଆର ସୁବ୍ରମଣ୍ୟମ ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ଭିଜନ ଡକ୍ୟୁମେଣ୍ଟ ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ କାର୍ଯ୍ୟକାରୀ କରାଯିବା ପରିପ୍ରେକ୍ଷୀରେ ଏହି ଆଲୋଚନା ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶାରେ ପ୍ରଶାସନିକ କ୍ଷେତ୍ରରେ ତଥା ରାଜ୍ୟର ବିକାଶ ପାଇଁ ଆବଶ୍ୟକ ଥିବା ତଥ୍ୟଭିତ୍ତିକ ପ୍ରଶାସନିକ ନିଷ୍ପତ୍ତି (ଏଭିଡେନ୍ସ ବେସ୍ଡ଼ ଡିସିସନ ମେକିଂ) ପରିପ୍ରେକ୍ଷୀରେ ତଥ୍ୟ ବିଶ୍ଳେଷଣ(ଡାଟା ଆନାଲିସିସ୍) ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଆବଶ୍ୟକ ପରାମର୍ଶ ଦେଇଥିଲେ ।

ନୀତି ଆୟୋଗଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ସୁବ୍ରମଣ୍ୟମ ଗୁରୁବାର ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଓଡ଼ିଶା ପ୍ରଶସନର ବିଭିନ୍ନ ବିଭାଗର ସଚିବ ତଥା ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ରାଜ୍ୟର ବିକାଶ ସଂପର୍କିତ ଆଲୋଚନା କରିଛନ୍ତି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ହୋଇଥିଲା । ଜନଜାତିମାନଙ୍କ ଜୀବିକା ନିର୍ବାହ ବିଶେଷ କରି ସେମାନଙ୍କ ପାଇଁ ଲଘୁ ବନଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଏବଂ ଉଦ୍ୟମିତା ବିକାଶ ପାଇଁ ସୁଯୋଗ ସୃଷ୍ଟି ନିମନ୍ତେ ମତାମତ ପ୍ରକାଶ ପାଇଥିଲା ।




ସେହିପରି ନଗର ଉନ୍ନୟନ ବିଭାଗ ସଂପର୍କିତ ଆଲୋଚନାରେ ଭୁବନେଶ୍ୱର-କଟକ-ପୁରୀ ଅର୍ଥନୈତିକ ଅଞ୍ଚଳ ସମେତ ରାଜ୍ୟର ଅନ୍ୟ ଅଞ୍ଚଳର ସହରାଞ୍ଚଳ-ଶିଳ୍ପ ଓ ପର୍ଯ୍ୟଟନ କରିଡରର ବିକାଶ ସଂପର୍କିତ ଆଲୋଚନା ହୋଇଥିଲା । ଓଡ଼ିଶାରେ ଦକ୍ଷତା ବିକାଶ କେନ୍ଦ୍ର ଭଳି ଉଚ୍ଚମାନର ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ର ରହିଛି । ବିଶ୍ୱ ଦକ୍ଷତା କେନ୍ଦ୍ର ଓ ବିଭିନ୍ନ ଆଇଟିଆଇରେ ଦିଆଯାଉଥିବା ପ୍ରଶିକ୍ଷଣ ବ୍ୟବସ୍ଥାରେ ଆବଶ୍ୟକ ସଂସ୍ଥାଗତ ବିକାଶ କରାଯାଇ ଶିଳ୍ପ ଓ ବିଭିନ୍ନ କ୍ଷେତ୍ରରେ ସୃଷ୍ଟି ହେଉଥିବା ଚାହିଦା ମୁତାବକ ଦକ୍ଷ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣକୁ ଅଧିକ ଗୁରୁତ୍ୱ ଦିଆଯିବା ସଂପର୍କରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଠ୍ୟକ୍ରମ ସାଥିରେ ଦକ୍ଷତା ବିକାଶକୁ ସାମିଲ କରାଗଲେ ନିଜ ବୃତ୍ତିରେ ଛାତ୍ରଛାତ୍ରୀମାନେ ବିକଳ୍ପ ଚୟନ କରିପାରିବେ ବୋଲି ବୈଠକରେ ପ୍ରସ୍ତାବ ଦିଆଯାଇଥିଲା । ନୀତି ଆୟୋଗ ଓଡ଼ିଶା ସରକାରଙ୍କ ସହିତ ଏଦିଗରେ ସମସ୍ତ ପ୍ରକାର ବୈଷୟିକ ସହଯୋଗିତା ପ୍ରଦାନ କରିବା ପାଇଁ ସ୍ୱନାମଧନ୍ୟ ପ୍ରତିଷ୍ଠାନମାନଙ୍କ ସହ ସହବନ୍ଧିତା କରିବାକୁ ପ୍ରଚେଷ୍ଟାରତ ବୋଲି ନୀତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।



## କୋଣାର୍କରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ

# ଗଣମାଧ୍ୟମ ବିକାଶ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର : ପିଆଇବି ଏଡିଜି

କୋଣାର୍କ, (ସବ୍ୟୁ) : ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ତୃଣମୂଳସ୍ତରରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସରକାର ଏବଂ ଗଣମାଧ୍ୟମ ମଧ୍ୟରେ ସମ୍ପର୍କ ସ୍ଥାପନ ଲାଗି କୋଣାର୍କ ଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ଓ ସାମ୍ବାଦିକ ଯୋଗଦେଇ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି ସହ ସେଗୁଡ଼ିକର ପ୍ରଭାବୀ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ଓଡ଼ିଶା ଏବଂ ଝାଡ଼ଖଣ୍ଡ ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ତଥା ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ ଅଖିଳ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଗଣମାଧ୍ୟମକୁ ବିକାଶ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ରୂପେ ଅଭିହିତ କରିଛନ୍ତି। ସେ କହିଛନ୍ତି, ଲୋକସମ୍ପର୍କ ସ୍ଥାପନ କରିବା ଏବଂ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ସବୁବେଳେ ଭଲ ଯୋଗାଯୋଗକାରୀଙ୍କର ଆବଶ୍ୟକତା ରହିଛି । ସାମାଜିକ ସମସ୍ୟାର ସମାଧାନ କରିବା ଏବଂ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଦ୍ୱିପାକ୍ଷିକ ଯୋଗାଯୋଗ ଏବଂ ପାରସ୍ପରିକ ମତବିନିମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଏଡିଜି ଶ୍ରୀ ମିଶ୍ର




କହିଛନ୍ତି । ଏଭଳି ସ୍ଥିତିରେ ବାର୍ତ୍ତାଳାପ ଭଳି କାର୍ଯ୍ୟକ୍ରମର ଆୟୋଜନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଭୁବନେଶ୍ୱର ସିଜିଏସଟି ଯୁଗ୍ମ ଆୟୁକ୍ତ ଡି କଲ୍ୟାଣ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମରେ "ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଏବଂ ଏହାର ଲାଭ" ସମ୍ପର୍କରେ ମତ ରଖିଥିଲେ । ସେ କହିଥିଲେ, ଆତ୍ମନିର୍ଭର ଭାରତର ଲକ୍ଷ୍ୟକୁ ସାକାର କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ନିକଟରେ ବସ୍ତୁସେବା କର (ଜିଏସଟି) ଦରକୁ ଯୁକ୍ତିସଂଗତ କରିଛନ୍ତି । ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଗତ ସେପ୍ଟେମ୍ବର ୨୨ ତାରିଖ ଠାରୁ ଲାଗୁ ହୋଇଛି। ନୂଆ ଜିଏସଟି ଦର ଦେଶର ଗରିବ ଏବଂ ମଧ୍ୟବିତ୍ତ ବର୍ଗ ସମେତ ସବୁ ବର୍ଗର ଲୋକଙ୍କୁ ଲାଭ ଦେବା ଏହା ଦେଶର ଅର୍ଥବ୍ୟବସ୍ଥାକୁ ମଧ୍ୟ ପ୍ରୋତ୍ସାହିତ କରିବ। ଜିଏସଟି କମିବା ଫଳରେ ବିଭିନ୍ନ ସାମଗ୍ରୀର ଦର ହ୍ରାସ ପାଇଛି। ଏହା ବ୍ୟବହାର ଏବଂ ଉତ୍ପାଦନ ବଢ଼ାଇବା ସହିତ ଦେଶର ଜିଡିପି ବିକାଶରେ ଯୋଗଦାନ ଦେବ ବୋଲି ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ। ଏହି ଅବସରରେ ସେ ଜିଏସଟି ଟିକସ ହାରରେ ହୋଇଥିବା ପରବର୍ତ୍ତନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ବରିଷ୍ଠ ସାମ୍ବାଦିକ ତଥା ଦୈନିକ ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ତାଙ୍କ ବକ୍ତବ୍ୟରେ ମାତୃଭାଷାର ଗୁରୁତ୍ୱ ଏବଂ ଆଞ୍ଚଳିକ ଭାଷାରେ ସମ୍ବାଦପତ୍ରର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସେ ଜିଏସଟି ସଂସ୍କାର ସମେତ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମଧ୍ୟ ମତ ରଖିଥିଲେ । ବିଶେଷ କରି କୃଷି ଏବଂ ମତ୍ସ୍ୟପାଳନ କ୍ଷେତ୍ରରେ ପ୍ରଣୟନ ହୋଇଥିବା ଯୋଜନା ଓଡ଼ିଶାର ଚାଷୀ ଏବଂ ମତ୍ସ୍ୟଜୀବୀଙ୍କୁ ଲାଭ ଦେଉଥିବା ସେ କହିଥିଲେ। ଏସବୁ କଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଶ୍ରୀ ମହାପାତ୍ର କହିବା ସହିତ ବିକାଶମୂଳକ ସାମ୍ବାଦିକତା ଉପରେ ଗୁରୁତ୍ୱ ଦେବାକୁ ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇଥିଲେ । କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ତଥା ବାର୍ତ୍ତାଳାପର ନୋଡାଲ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବାର୍ତ୍ତାଳାପର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି ଧନ୍ୟବାଦ ଅର୍ପଣ କରିଥିଲେ । ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ କର୍ମଶାଳାର ଉଦଘାଟନୀ ପର୍ଯ୍ୟାୟକୁ ପରିଚାଳନା କରିଥିଲେ । ସିବିସି ଭୁବନେଶ୍ୱରର କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଅଂଶଗ୍ରହଣ କରି ଅଧିକାରୀଙ୍କ ସହିତ ବିଭିନ୍ନ ଯୋଜନା ଓ ଗଣମାଧ୍ୟମ ସହ ଜଡ଼ିତ ପ୍ରସଙ୍ଗରେ ମତ ବିନିମୟ କରିଥିଲେ ।

# ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ପୁରୀ, (ସବ୍ୟୁ): ଗୁରୁବାର ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଅଧିକ୍ଷଣ ଯନ୍ତ୍ରୀ ବିକାଶ କୁମାର ସାମଲ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ବ୍ଲକରେ କାର୍ଯ୍ୟରତ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦାନ କରି ଆଲୋଚନା ରେ ଭାଗ ନେଇଥିଲେ। ଉକ୍ତ ବୈଠକରେ ସାଂସଦ ପାଣ୍ଠି, ବିଧାୟକ ପାଣ୍ଠି ,ବକେୟା ବିଜୁଳି ଦେୟ, ପରିମଳ ସମସ୍ୟା, ପର୍ଯ୍ୟଟନ



ଭିତ୍ତିଭୂମି ଗୁଡିକର ବିକାଶ ମୂଳକ କାର୍ଯ୍ୟ, ପାନୀୟ ଜଳ, ବିକଶିତ ଗାଁ ବିକଶିତ ଓଡିଶା, ଗ୍ରାମୀଣ ଆବାସ ଯୋଜନା, ମନରେଗା ଯୋଜନା, ସ୍କୁଲ ଭିତ୍ତିଭୂମି ବିକାଶ ଯୋଜନା, ମିଶନ ଶକ୍ତି ଦ୍ୱାରା ପରିଚାଳିତ ବିଭିନ୍ନ ଭିତ୍ତିଭୂମି ର ନିର୍ମାଣ, ୧୫ ତମ କେନ୍ଦ୍ରୀୟ ଅର୍ଥ କମିଶନ, ପଞ୍ଚମ ରାଜ୍ୟ ଅର୍ଥ କମିଶନ ମାଧ୍ୟମରେ ଆସୁଥିବା ବିଭିନ୍ନ ପ୍ରକଳ୍ପ, ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ତଥା ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଗୁଡିକୁ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ।

## କୋଣାର୍କରେ ଇକୋ ରିଟ୍ରିଟ୍ ଡିସେମ୍ବର ୧୩ ରୁ

# ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଭିତ୍ତିଭୂମି ପ୍ରସ୍ତୁତ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ପୁରୀ, (ସବ୍ୟୁ) : କୋଣାର୍କ ମେରାଇନ ଡ୍ରାଇଭ ଠାରେ ଇକୋ ରିଟ୍ରିଟ୍ ଚଳିତ ବର୍ଷ ଡିସେମ୍ବର ୧୩ ତାରିଖରୁ ଆରମ୍ଭ ହେବ। ତେବେ ସମସ୍ତ ବିଭାଗ ସେମାନଙ୍କୁ ନ୍ୟସ୍ତ ଦାୟିତ୍ୱ କୁ ତ୍ୱରାନ୍ୱିତ କରି ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଭିତ୍ତିଭୂମି ପ୍ରସ୍ତୁତ ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅପରାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲାପାଳ ଶ୍ରୀ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବ ବର୍ଷ ର ଅଭିଜ୍ଞତା ଓ ଅନୁଭବକୁ ଆଧାର କରି ଚଳିତ ବର୍ଷ ର ଇକୋ ରିଟ୍ରିଟ୍ କୁ ଅଧିକ ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଯେଉଁ ବିଭାଗର ଯାହା ଦାୟିତ୍ୱ ତାହାକୁ ନିଷ୍ଠାପର ଓ ଧାର୍ଯ୍ୟ ସମୟ ପୂର୍ବରୁ ସାରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗ ପ୍ରତ୍ୟେକ ଙ୍କ ସହ ସମନ୍ୱୟ ରଖି କାମ କରି ବାହାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ କହିଥିଲେ। ପର୍ଯ୍ୟଟନ ବିଭାଗ ଜିଲ୍ଲା ପ୍ରଶାସନ ଓ ଇ ଫାକ୍ଟର ଏଜେନ୍ସି ର ମିଳିତ ସହଯୋଗ ରେ ଇକୋ ରିଟ୍ରିଟ୍ ଚଳିତ ବର୍ଷ ଡିସେମ୍ବର ୧୩ ରୁ ୯୦ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଲକଜରି ଟେଣ୍ଟ ବ୍ୟବସ୍ଥା କରାଯିବ ଯେଉଁଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ।ଇକୋ ରିଟ୍ରିଟ୍ ସମୟରେ ଜଳକ୍ରିଡା,ବିଚ ସ୍ପୋର୍ଟସ, ଇଣ୍ଡୋର ଗେମ ଇତ୍ୟାଦି ବ୍ୟବସ୍ଥା ମଧ୍ୟ ଉପଲବ୍ଧ ହେବ। ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ଚନ୍ଦ୍ରଭାଗା ଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ, ମୋବାଇଲ ନେଟୱାର୍କ ସହ ସ୍ୱାସ୍ଥ୍ୟ ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା,ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା,୨୪ ଘଣ୍ଟିଆ ଲାଇଫ ଗାର୍ଡ ବ୍ୟବସ୍ଥା କରାଯିବ। ପର୍ଯ୍ୟଟକ ମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯିବ ବୋଲି ସ୍ଥିର ହୋଇଛି। ସମସ୍ତ କାର୍ଯ୍ୟକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଆସୁଥିବା ପର୍ଯ୍ୟଟକ ମାନେ ଯେପରି ଏକ ସୁଖଦ ଅନୁଭବ ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ।

ଏହି ବୈଠକରେ ଡିଏଫଓ ମଗର ଧନଜ ରାଓସୋ , ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସ୍‌ପି ଦେବୀ ଶଙ୍କର ପ୍ରତାପ,ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ, ୱାଟକୋ ଜେନେରାଲ ମ୍ୟାନେଜର ବିକ୍ରମ ରାଉତ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ଅନ୍ୟାନ୍ୟ ବିଭାଗ,ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ଇକୋ ରିଟ୍ରିଟର ଆୟୋଜନ କରୁଥିବା ଇଫାକ୍ଟରର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୯ ତମ ଜନ୍ମ ଦିବସ ପାଳିତ

ପୁରୀ, (ସବ୍ୟୁ): ପୁରୀ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କର ୭୯ ତମ ଜନ୍ମ ଦିବସ ପାଳିତ ହୋଇଛି। ନବୀନଙ୍କ ଦୀର୍ଘାୟୁ କାମନା କରି ଦଳ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଇଥିଲା । ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବା ସହ ଏକ ରକ୍ତଦାନ ଶିବିର ଆୟୋଜନ ହୋଇ ଥିଲା । ଏହି କାର୍ଯ୍ୟକ୍ରମକୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏବଂ ପୁରୀ ଜିଲ୍ଲା ବିଜୁ ଜନତା ଦଳର ସଭାପତି ଉମାକାନ୍ତ ସାମନ୍ତରାୟ ଉଦଘାଟନ କରିଥିଲେ। ଏହି ରକ୍ତ ଦାନ ଶିବିରରେ ୧୪୬ ୟୁନିଟ ରକ୍ତ ସଂଗ୍ରହ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ବିଜେଡ଼ି କର୍ମୀ ଯୋଗ ଦେଇ ଥିଲେ।

## ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ସହ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଗୁରୁବାର ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ସହ ଏକ ବିସ୍ତୃତ ଆଲୋଚନା କରିଛି। ବୈଠକ ସମୟରେ, ବିଭାଗ ଆଗାମୀ ଅର୍ଥ କମିଶନ ଅବଧିରେ ବିଚାର ପାଇଁ ଏହାର ପ୍ରମୁଖ କାର୍ଯ୍ୟକଳାପ ଏବଂ ପ୍ରାଥମିକତା ବିଷୟରେ ଏକ ବ୍ୟାପକ ସମୀକ୍ଷା ଉପସ୍ଥାପନ କରିଥିଲା। ପ୍ରୋତ୍ସାହନ ଅନୁଦାନ ପାଇଁ ମାନଦଣ୍ଡ, ସହରାଞ୍ଚଳ ଶାସନ ଏବଂ ଆର୍ଥିକ ଶୃଙ୍ଖଳାକୁ ସୁଦୃଢ଼ କରିବା, ପରିମଳରେ କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା, ମାନବ ସମ୍ବଳ ବୃଦ୍ଧି କରିବା, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପାଇଁ ଦକ୍ଷତା-ନିର୍ମାଣ ଏବଂ ତାଲିମ, ଦୃଢ଼ ପ୍ରକଳ୍ପ ପରିଚାଳନା ୟୁନିଟ୍ ପ୍ରତିଷ୍ଠା, ହିସାବ ଏବଂ ଆର୍ଥିକ ପରିଚାଳନାରେ ଉନ୍ନତି, ପୌରସଂସ୍ଥା ଗୁଡ଼ିକର ନିଜସ୍ୱ ରାଜସ୍ୱ ବୃଦ୍ଧି ଏବଂ ୨୦୨୬-୨୭ ରୁ ୨୦୩୦-୩୧ ଅବଧି ପାଇଁ କ୍ଷେତ୍ର-ୱାରୀ ଆର୍ଥିକ ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା।

ଷଷ୍ଠ ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା, ସଦସ୍ୟ ପ୍ରଫେସର ଅସିତ ରାଜନ ମହାନ୍ତି, ଡକ୍ଟର ବିଭୁ ପ୍ରସାଦ ନାୟକ ଏବଂ ସଦସ୍ୟ ସଚିବ ଡକ୍ଟର ସତ୍ୟପ୍ରିୟ ରଥଙ୍କ ସହିତ ଆଲୋଚନାର ନେତୃତ୍ୱ ନେଇଥିଲେ। ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ଏକ୍ସ-ଅଫିସିଓ ସଦସ୍ୟ ଅରିନ୍ଦମ ଡାକୁଆ, ଆର୍ଥିକ ପରାମର୍ଶଦାତା, ସମସ୍ତ ଅତିରିକ୍ତ ସଚିବ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନା ବିଭାଗର ରଣନୀତିକୁ କମିଶନଙ୍କ ଉଦ୍ଦେଶ୍ୟ ସହିତ ସମନ୍ୱୟ କରିବା ପାଇଁ ଏକ ମୂଲ୍ୟବାନ ମଞ୍ଚ ପ୍ରଦାନ କରିଥିଲା, ସହରାଞ୍ଚଳ ଶାସନକୁ ସୁଦୃଢ଼ କରିବା, ଆର୍ଥିକ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାୟୀ ସହରାଞ୍ଚଳ ବିକାଶକୁ ପ୍ରୋତ୍ସାହିତ କରିବାର ସମାନ ଦୃଷ୍ଟିକୋଣକୁ ମଜବୁତ କରିଥିଲା - ଯାହା ବିକଶିତ ଓଡ଼ିଶା @୨୦୩୬ ଏବଂ ବିକଶିତ ଭାରତ @୨୦୪୭ ର ବୃହତ ଲକ୍ଷ୍ୟରେ ଯୋଗଦାନ ଦେଇଥିଲା।

## ୭୧୧ ପଦାରେ ହିନ୍ଦୀ ଶିକ୍ଷକ ନିଯୁକ୍ତି ବିଜ୍ଞପ୍ତି ରଦ୍ଦ

# ଉଭୟ ଇଂରାଜୀ, ହିନ୍ଦୀ ଭାଷାରେ ପରୀକ୍ଷା କରାଅ : ହାଇକୋର୍ଟ

କଟକ,(ସବ୍ୟୁ): ୭୧୧ ପଦରେ ହିନ୍ଦୀ ଶିକ୍ଷକ ନିଯୁକ୍ତି ଲାଗି ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ହାଇକୋର୍ଟ ଆଜି ରଦ୍ଦ କରି ଦେଇଛନ୍ତି। ଏହି ପଦ ଲାଗି ସାନି ବିଜ୍ଞପ୍ତି ପ୍ରକାଶ କରିବାକୁ ହାଇକୋର୍ଟ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପଦ ଲାଗି ଷ୍ଟାଫ୍ ସିଲେକ୍ସନ କମିସନ ପ୍ରାଥମିକ ପରୀକ୍ଷା( ପ୍ରିଲିମିନାରୀ) କରାଇବେ। ଏହି ପରୀକ୍ଷା ପାଇଁ ଉଭୟ ଇଂରାଜୀ ଏବଂ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର କରାଯିବ। ଏହି ସମସ୍ତ ପ୍ରକ୍ରିୟା ତିନିମାସ ମଧ୍ୟରେ ଶେଷ କରିବାକୁ ହାଇକୋର୍ଟ ଏହି ଅବସରରେ ସ୍ପଷ୍ଟ କରିଛନ୍ତି ଓ ଫିରୋଜ କୁମାର ମହାପାତ୍ର ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଏହି ରାୟ ଦେଇଛନ୍ତି।

ଷ୍ଟାଫ୍ ସିଲେକ୍ସନ କମିସନଙ୍କ ପକ୍ଷରୁ ୨୦୨୪ ଅକ୍ଟୋବର ୨୨ ତାରିଖରେ ୭୧୧ଟି ହିନ୍ଦୀ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପଦ ଲାଗି ଯଦି ୫ଗୁଣା ପ୍ରାର୍ଥୀ ଆବେଦନ କରନ୍ତି ତାହେଲେ ପ୍ରାଥମିକ ପରୀକ୍ଷା କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ହୋଇଥିଲା। ଏହି ପଦଲାଗି ପାଞ୍ଚ ଗୁଣା ପ୍ରାର୍ଥୀ ମଧ୍ୟ ଆବେଦନ କରିଥିଲେ। କିନ୍ତୁ ବିଜ୍ଞପ୍ତି ନିୟମକୁ ଅଣଦେଖା କରି କମିସନଙ୍କ ପକ୍ଷରୁ ପ୍ରାଥମିକ ପରୀକ୍ଷା କରାନଯାଇ ସିଧାସଳଖ ମୁଖ୍ୟ ପରୀକ୍ଷା କରାଯାଇଥିଲା। ମୁଖ୍ୟ ପରୀକ୍ଷାରେ ଯେଉଁ ୧୫୦ ମାର୍କ ପ୍ରଶ୍ନ ଆସିଥିଲା ସେଥିରୁ ପେଡାଗୋଗୀ ଏବଂ ଇଭାଲ୍ୟୁସନ୍‌ରେ ୨୦ମାର୍କର ପ୍ରଶ୍ନ ରହିଥିଲା । ଏହି ୨୦ମାର୍କ ପ୍ରଶ୍ନ କେବଳ ହିନ୍ଦୀରେ ଲେଖା ଯାଇଥିଲା । କିନ୍ତୁ ବିଜ୍ଞପ୍ତି ଆଧାରରେ ଏହି ପ୍ରଶ୍ନପତ୍ର ଉଭୟ ଇଂରାଜୀ ଏବଂ ହିନ୍ଦୀରେ ଆସିବା କଥା। ଫଳରେ ଏହାକୁ ଚାଲେଞ୍ଜ କରି ଏକାଧିକ ଆଶାୟୀ ପ୍ରାର୍ଥୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

ହାଇକୋର୍ଟ ଗୁରୁବାର ଏହି ମାମଲାର ରାୟ ପ୍ରକାଶ କରିବା ଅବସରରେ କହିଛନ୍ତି ଯେ, ଦୁଇଟି ଭାଷାରେ ପ୍ରଶ୍ନ ଆସିବାକୁ ଥିଲାବେଳେ କ'ଣ ପାଇଁ କେବଳ ହିନ୍ଦୀରେ ପ୍ରଶ୍ନପତ୍ର ପ୍ରସ୍ତୁତ କରାଗଲା ଏହା ସନ୍ଦେହ ଘେରରେ ରହିଛି । ଏହି କଥାକୁ କମିସନଙ୍କ ପକ୍ଷରୁ ସ୍ୱୀକାର ମଧ୍ୟ କରାଯାଇଛି। ତେଣୁ ପୂରା ପରୀକ୍ଷା ପ୍ରକ୍ରିୟାକୁ ଯଦି ରଦ୍ଦ କରାନଯାଏ ତାହେଲେ ଏଥିରେ ସ୍ୱଚ୍ଛତା ରହିବ ନାହିଁ ବୋଲି ହାଇକୋର୍ଟ ମତଦେବା ସହ ଏହି ପରୀକ୍ଷାକୁ ସମ୍ପୂର୍ଣ୍ଣ ରଦ୍ଦ କରି ଦେଇଛନ୍ତି ।

# ବାର୍ଷିକ କଳା ପ୍ରଦର୍ଶନୀ 'ସୃଷ୍ଟି-୮' ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଦୃଶ୍ୟକଳା ବିଭାଗ ଆନୁକୂଲ୍ୟରେ ବାର୍ଷିକ କଳା ପ୍ରଦର୍ଶନୀ 'ସୃଷ୍ଟି-୮' ଭୁବନେଶ୍ୱରସ୍ଥିତ ଖାରବେଳନଗରଠାରେ ଥିବା ଲଳିତ କଳା ଏକାଡେମୀ ଆର୍ଟ ଗ୍ୟାଲେରୀରେ



ଉଦ୍‌ଘାଟିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପ୍ରଦର୍ଶନୀରେ ସ୍ଥାନିତ ଛାତ୍ରଛାତ୍ରୀମାନଙ୍କ କଳାକୃତିକୁ ଭୂୟସୀ ପ୍ରଶଂସା କରିଥିଲେ । ବରିଷ୍ଠ କଳା ବିଶେଷଜ୍ଞ ତଥା ଗବେଷକ ଡ. ଅଲେଖ ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଏହି ପ୍ରୟାସ ଫଳରେ ଯୁବ ଶିଳ୍ପୀ ପ୍ରତିଭାମାନେ ନିଜର ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଲଳିତ କଳା ଏକାଡେମୀର ଆଞ୍ଚଳିକ ସଚିବ ରାମକୃଷ୍ଣ ବେଦାଲା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଏହିଭଳି ପ୍ରଦର୍ଶନ ଯୁବଶିଳ୍ପୀମାନଙ୍କୁ ଅଧିକ ଉତ୍ସାହିତ କରିବ ବୋଲି ମତ ଦେଇଥିଲେ । ଏହି ପ୍ରଦର୍ଶନୀରେ ଚିତ୍ରକଳା, ଭାସ୍କର୍ଯ୍ୟ, ମୁଦ୍ରଣ କଳା ଓ ବ୍ୟାବହାରିକ କଳା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ କଳାକୃତିଗୁଡ଼ିକୁ ସ୍ଥାନିତ କରାଯାଇଛି । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ଡ. ପଞ୍ଚାନନ ସାମଲ, ପ୍ରଫେସର ସମ୍ବରୁ ଶୋଭରା, ସହଯୋଗୀ ପ୍ରଫେସର ଉମେଶ କୁମାର ନାୟକ, ସହକାରୀ ପ୍ରଫେସର ପ୍ରବୀର୍ ଦଳାଇ, ଡ. ନିଳଞ୍ଜନ ଦାସ, ଅଞ୍ଜନ କୁମାର ସାହୁ, ଡ. ସସ୍ମିତା କାମିଲା ଓ ଡ. ମୋନାଲିସା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରଦର୍ଶନୀ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଦର୍ଶକଙ୍କ ନିମନ୍ତେ ଖୋଲା ରହିବ ।

## ଅପହରଣ ଓ ହତ୍ୟା ଉଦ୍ୟମ ଅଭିଯୋଗ

# ୪ ଗିରଫ, କାର ଓ ମୋବାଇଲ ଫୋନ ଜବତ

ପୁରୀ, (ସବ୍ୟୁ): : କୋଣାର୍କ ଥାନାରେ ରୁଜୁ ହୋଇ ଥିବା ଏକ ଅପହରଣ ଓ ହତ୍ୟା ଧମକ ଅଭିଯୋଗ ମାମଲାରେ ପୋଲିସ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅପହରଣକାରୀଙ୍କ କବଳରୁ ପୋଲିସ ଅପହୃତଙ୍କୁ ନିରାପଦରେ ପାରାଦୀପ ଅଞ୍ଚଳରୁ ଉଦ୍ଧାର କରିଛି।

ଏହି ଅପହରଣ ଘଟଣାରେ ଗିରଫ ହୋଇ ଥିବା ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ପୂର୍ବମେଦିନାପୁର୍ ଜିଲ୍ଲା ଅନ୍ତର୍ଗତ ଭବାନୀପୁର୍ ଥାନା ଅଧୀନ କିତମତଶିବରାମ ନଗରର ଚଞ୍ଚଳ ଜନା (୩୫), ପଶ୍ଚିମ ବଙ୍ଗ ରାଜ୍ୟ ପୂର୍ବ ମେଦିନପୁର ଜିଲ୍ଲା ହଳଦିଆ ଥାନା ଅଧୀନ ହଳଦିଆ ଚିରଞ୍ଜିବପୁରର ସୁଲତାନ ଅହମଦ (୪୮), ପଶ୍ଚିମବଙ୍ଗ ରାଜ୍ୟ ,ଜିଲ୍ଲା ମହିସଦାଲ, ଥାନା ମଇସାଗନ ଅଧୀନ କେଶବପୁର ଅଂଚଳର ଏସ.କେ. ବକିବୁଲା(୩୬), ପାରାଦୀପର ନିର୍ଭୟ ମହାର୍ଥୀ (୫୦)। ଅଭିଯୁକ୍ତଙ୍କ ଠାରୁ ପୋଲିସ ଅପହରଣ କାର୍ଯ୍ୟରେ ବ୍ୟବହୃତ ଏକ କାର ଓ ୪ ଗୋଟି ମୋବାଇଲ ଫୋନ ଜବତ କରିଛି। ଅନ ଲାଇନ୍ ଗେମିଙ୍ଗ ଓ ଅର୍ଥ ଦେଣ ନେଣ କାରବାରକୁ



ନେଇ ଏହି ଅପହରଣ ଘଟଣା ଘଟିଥିବା ଗୁରୁବାର ଅପରାହ୍ନରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୁରୀ ଏସପି ପ୍ରତୀକ ସିଂ। ପୋଲିସ ସୂଚନା ମୁତାବକ ଆସାମର ଜୟ ଚକ୍ରବର୍ତ୍ତୀ ନାମକ ଜଣେ ବ୍ୟକ୍ତି ଅଶୋକ କୁମାର ସାହୁଙ୍କ ଏକ ବିଲ୍ଡିଂ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀରେ କାର୍ଯ୍ୟ କରୁ ଥିଲେ। ଜୟ ଏକ ଅନଲାଇନ ଗେମିଂ ଆପ ମାଧ୍ୟମରେ ପଶ୍ଚିମବଙ୍ଗ ରାଜ୍ୟ, ଜିଲ୍ଲା-ପୂର୍ବମେଦିନାପୁର୍, ଥାନା-ଭବାନୀପୁର୍ ଅନ୍ତର୍ଗତ କିତମତଶିବରାମ ନଗର ଚଞ୍ଚଳ ଜନା ନାମକ ବ୍ୟକ୍ତି ସହିତ ପରିଚୟ ହୋଇ ଥିଲା।

ଅନଲାଇନ ଗେମିଙ୍ଗ ଆପ୍ ମାଧ୍ୟମରେ ଚଞ୍ଚଳ କିଛି ଅର୍ଥ ରାଶି ପାଇ ଥିଲେ। ସେ ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟର ଡିଟେଲ ଜୟଙ୍କୁ ସେୟାର କରି ଥିଲେ। ତେବେ ଚଞ୍ଚଳଆଙ୍କ ବିନା ଜ୍ଞାତସାରରେ ୧୭ ଲକ୍ଷ ଟଙ୍କା ଜୟଙ୍କ ସହଯୋଗୀ ବ୍ୟାଙ୍କ ଖାତାକୁ ଟ୍ରାନସଫର ହୋଇ ଥିଲା। ୧୭ ଲକ୍ଷ ଟଙ୍କା ଫେରସ୍ତ ପାଇଁ ଚଞ୍ଚଳ ବାରମ୍ବାର ଜୟଙ୍କୁ ଅନୁରୋଧ କରି ଥିଲେ। ତେବେ ଜୟ ଅର୍ଥ ଫେରାଇ ନ ଥିଲେ। ଅର୍ଥ ଫେରସ୍ତ ନେଇ ଚଞ୍ଚଳ ଓ ଜୟଙ୍କ ମଧ୍ୟରେ ଏକ ଚୁକ୍ତିନାମା ହୋଇ ଥିଲା। ଚୁକ୍ତି ମୁତାବକ ଜୟ ଓ ତାଙ୍କ ସହଯୋଗୀ ମାନେ ଅକ୍ଟୋବର ୭ ତାରିଖ ଦିନ ଅର୍ଥ ଫେରସ୍ତ କରିବା ଦିନ ଧାର୍ଯ୍ୟ ହୋଇ ଥିଲା। କିନ୍ତୁ ୭ ତାରିଖ ଅତିକ୍ରାନ୍ତ ହୋଇ ଥିଲେ ମଧ୍ୟ ଜୟ ଅର୍ଥ ଫେରାଇ ନ ଥିଲେ। ଯାହାକୁ ଏନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ହୋଇ ଥିଲା। ଜୟଙ୍କୁ ଅପହରଣ କରି ଅର୍ଥ ଆଦାୟ କରିବା ପାଇଁ ଚଞ୍ଚଳ କିଛି ଅସାମାଜିକ ଯୁବକଙ୍କୁ ନେଇ ଏକ ଯୋଜନା ପ୍ରସ୍ତୁତ କରି ଥିଲେ। ଯୋଜନା ମୁତାବକ ଗିରଫ ହୋଇ ଥିବା ଅଭିଯୁକ୍ତମାନେ ଜୟଙ୍କୁ ଗତ ୧୪ ତାରିଖ ଦିନ କୋଣାର୍କ ଥାନା ଅଧୀନ ବନାଖଣ୍ଡି ଏଚପି ପେଟ୍ରୋଲ ପମ୍ପ ନିକଟରୁ ଏକ ନାଳି ରଙ୍ଗର କାରରେ ଅପହରଣ କରି ନେଇ ପାରାଦୀପ ନିକଟରେ ଏକ ଗୃହରେ ବନ୍ଦୀ କରି ରଖିଥିଲେ। ୩୦ ଲକ୍ଷ ଟଙ୍କା ଦେଲେ ଛଡ଼ା ଯିବ ବୋଲି ଧମକ ଦେଇ ଥିଲେ। ଅର୍ଥ ନ ଦେଲେ ଜୀବନରେ ମାରି ଦେବାକୁ ହତ୍ୟା ଧମକ ଦେଇ ଥିଲେ। ହେଲେ ଜୟ ଅର୍ଥ ଫେରାଇ ନ ଥିଲେ। ଅନ୍ୟପକ୍ଷରେ ଏନେଇ ଅଶୋକ କୋଣାର୍କ ଥାନାରେ ଏକ ଲିଖିତ ଏତଲା ଦାଏର କରି ଥିଲେ। ଅଶୋକଙ୍କ ଅଭିଯୋଗ କ୍ରମେ କୋଣାର୍କ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲା। ତଦନ୍ତ ସମୟରେ ସିସିଟିଭି ଫୁଟେଜକୁ ଆଧାର କରି ଜଗତସିଂପୁର ଥାନା ଜିଲ୍ଲା ପୋଲିସ ସହାୟତାରେ ପାରାଦୀପ ଅଞ୍ଚଳରେ ଚଢ଼ାଉ କରି ଜୟଙ୍କୁ ଉଦ୍ଧାର କରିଛି। ପୋଲିସ ଅପହରଣ ଓ ହତ୍ୟା ଉଦ୍ୟମ ଅଭିଯୋଗରେ ସାମିଲ ଥିବା ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ କରିବାରୁ ପୋଲିସ ସେମାନଙ୍କୁ ଜେଲକୁ ପଠାଇ ଦେଇଛି।

## ଅଭ୍ୟାସଗତ ଅପରାଧୀକୁ କାବୁ କଲା ଜଟଣୀ ପୁଲିସ

ଜଟଣୀ(ସବ୍ୟୁ): ଜଟଣୀ ପୁଲିସ ଟିମ୍ ସାନ୍ଧ୍ୟକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ବେଣାପଞ୍ଜୁରୀ ଗ୍ରାମର ଅଭ୍ୟାସଗତ ଅପରାଧୀ ଏମ୍‌ଡି ଅର୍ବାଜ୍ ଓରଫ ମଙ୍ଗୁଲୁକୁ କାବୁ କରିବା ସହିତ ତା ଠାରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରିଛି। କୌଣସି ବୈଧ ଲାଇସେନ୍ସ ଥାଇ ବେଆଇନ୍ ଭାବେ ଜ ପାଖରେ ଆଗ୍ନେୟାସ୍ତ୍ର ରଖିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି। ମଙ୍ଗୁଲୁ ନାଁରେ ବିଭିନ୍ନ ଥାନାରେ ପୂର୍ବରୁ ୧୬ରୁ ଅଧିକ ଅପରାଧିକ ମାମଲା ରହିଥିବା ପୁଲିସ କହିଛି। ଅଭିଯୁକ୍ତ ଜଣକ ଗତ ପନ୍ଦର ଦିନ ହେବ ଉକ୍ତ ଦେଶୀ ବନ୍ଧୁକ ଜବତ ପାଖରେ ରଖି ବୈଧ ଲାଇସେନ୍ସ ବିନା ରଖିଥିବା ସ୍ୱୀକାର କରିଛି। କୌଣସି ଅପରାଧ ଘଟାଇବା ଉଦ୍ଦେଶ୍ୟରେ ପାଖରେ ବନ୍ଧୁକ ରଖି ମଙ୍ଗୁଲୁ ବୁଲୁଥିବା ପୁଲିସ ଖବର ପାଇ ଚଢ଼ଉ କରିଥିଲା।

## ବରଗଛକୁ କଟାନଯାଉ, ସୁରକ୍ଷା ଦିଆଯାଉ ମାମଲା, ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

କଟକ,(ସବ୍ୟୁ): ବରଗଛର ଅନେକ ଔଷଧୀୟ ଗୁଣ ରହିଛି । ଏହା ପରିବେଶର ଅନେକ ଉପକାର ମଧ୍ୟ କରିଥାଏ ଓ କିନ୍ତୁ ବିକାଶ ନାଁରେ ଏହି ଗଛଗୁଡ଼ିକୁ ମନମୁଖୀ କାଟି ଦିଆଯାଉଛି। ଏହିଭଳି ଗଛର ସୁରକ୍ଷା ପାଇଁ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତର ସହ ନେଇଛନ୍ତି। ଏହି ଗଛକୁ କଟା ନ ଯାଇ କିପରି ସୁରକ୍ଷା କରାଯାଇ ପାରିବ ସେ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି ଓ ଡ. ମମତା ଶୁକ୍ଲା ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ଆସନ୍ତା ନଭେମ୍ବର ୬କୁ ଧାର୍ଯ୍ୟ ହୋଇଛି। ଆବେଦନକାରିଣୀ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଗୋଟେ ବରଗଛ କେବଳ ଛାଇ ପ୍ରଦାନ କରିନଥାଏ ଏହା ଅନେକ ପକ୍ଷୀଙ୍କ ବାସସ୍ଥଳୀ ପାଲଟିଥାଏ । ଗୋଟେ ଗୋଟେ ବରଗଛର ଆୟୁଷ ଶହେ ବର୍ଷ। ଏହିଭଳି ବରଗଛଗୁଡ଼ିକ ପରିବେଶର ଅନେକ ଉପକାର କରିଥାନ୍ତି।

ଅମ୍ଳଜାନ ଯେତିକି ଗୋଟେ ବରଗଛ ପ୍ରଦାନ କରିଥାଏ ବୋଧ ହୁଏ ଛୋଟଛୋଟ ଗଛ ୫୦ଟି ମଧ୍ୟ ସେତିକି ଅମ୍ଳଜାନ ଦେବାକୁ ସକ୍ଷମ ହୋଇନଥାନ୍ତି। ବରଗଛର ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। କିନ୍ତୁ ଅନେକ ସ୍ଥାନରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ନାଁରେ ଏହିସବୁ ୫୦/ ୧୦୦ ବର୍ଷର ଗଛକୁ କାଟି ଦିଆଯାଉଛି। ଯଦି ଏହି ଭଳି ଗଛଟିଏ ପୁଣି ଥରେ ଉଠାରିବାକୁ ଚାହିଁବେ ତାହେଲେ ୫୦ରୁ ଶହେ ବର୍ଷ ଅପେକ୍ଷା କରିବାକୁ ପଡ଼ିବ। ତେଣୁ ଏହିଭଳି ଗଛକୁ କଟାନଯାଇ ବିକଳ୍ପ କଥା ଚିନ୍ତା କରିବାର ଆବଶ୍ୟକତା ରହିଛି। ହାଇକୋର୍ଟ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଆବେଦନକାରିଣୀ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଏହି ମାମଲାକୁ ଗୁରୁତର ସହ ଗ୍ରହଣ କରି ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥଙ୍କୁ ଆମିକସ୍‌କ୍ୟୁରୀ ଭାବେ ନିଯୁକ୍ତ କରିଛନ୍ତି। ଏଥିସହ ରାଜ୍ୟ ସରକାରଙ୍କୁ ଏହା ଉପରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ସାଇବର ସୁରକ୍ଷା ସଚେତନତା ଅଭିଯାନ ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ବାରିପଦା ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ ସମ୍ବନ୍ଧୀୟ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାଏକ, ଇଶ୍ୱର ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମା ନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ, ଦୀପକ କୁମାର ଗୋଛାୟତ, ସବିତା ମାଝୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ବିଜୟ କୁମାର ଦାଶ, ଅତିରିକ୍ତ ଉନ୍ନୟନ ଅଧିକାରୀ ଶାନ୍ତନୁ ନାୟକଙ୍କ ସମେତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଣୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଏନ୍ଆଇସିର ଅଧିକାରୀ, ଆରଟିଓ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଏଲଡିଏମଙ୍କ ସମେତ ପୋଲିସ ଅଧିକାରୀ ତଥା ବିଭିନ୍ନ ବିଭାଗୀୟ ଅଧିକାରି ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହାପରେ ଗୌତମ କିଷାନ ପିପିଟି ଜରିଆରେ ଉକ୍ତ ସାଇବର ସୁରକ୍ଷା ସଚେତନତା ଅଭିଯାନର ବିସ୍ତୃତ କାର୍ଯ୍ୟ ଯୋଜନା ସମ୍ପର୍କରେ ଉପସ୍ଥାପନ କରିଥିଲେ ।

ଜିଲ୍ଲା ଆରକ୍ଷୀ ଅଧିକ୍ଷକ କହିଥିଲେ ଯେ, ଏହି ଅଭିଯାନ ୧୮ ଅକେଟାବରରୁ ଆରମ୍ଭ ହୋଇ ୧୭ ନଭେମ୍ବର ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାରେ ସଚେତନତା ଅଭିଯାନ ଉଭୟ ଅନଲାଇନ ଓ ଅଫ୍‌ଲାଇନ୍ ଜରିଆରେ ଏକ ମାସ ଧରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଚାଲିବ । ଏହି ସାଇବର ସୁରକ୍ଷା ସଚେତନତା ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ସମାଜର ସବୁ ବର୍ଗର ଲୋକଙ୍କୁ ସାଇବର ଠକେଇରୁ ସୁରକ୍ଷା ଦେବା । ବର୍ତ୍ତମାନ ସାରା ବିଶ୍ୱ ଜଗତିକରଣମୁଖୀ କାରଣରୁ ସମସ୍ତଙ୍କ ଜୀବନ ବ୍ୟସ୍ତବହୁଳ ହୋଇଯାଇଛି ଏବଂ ଏଭଳି ଜୀବନ ଶୈଳୀ ଭିତରେ ସରକାରୀ ସ୍ତରରେ ହେଉ ବା ବ୍ୟକ୍ତିଗତ ସ୍ତରରେ ହେଉ ବା ସାମାଜିକ ସ୍ତରରେ ହେଉ, ଦୈନନ୍ଦିନ ଜୀବନରେ ଇଣ୍ଟର୍ନେଟ୍ ସାଙ୍ଗକୁ ସ୍ମାର୍ଟ ଫୋନ ବ୍ୟବହାର ଅପରିହାର୍ଯ୍ୟ ହୋଇପଡିଛି । ମାତ୍ର ଏହାକୁ ଯଦି ଆମେ ସତର୍କତା ସହ ସୁରକ୍ଷିତ ଭାବେ ବ୍ୟବହାର ନକରୁ ତେବେ ଠକାମିର ଶିକାର ହେବା । ପରିବର୍ତ୍ତିତ ସମୟ ଅନୁସାରେ ସାଇବର ଠକ୍ ମାନେ ମଧ୍ୟ ନୂତନ ଅଭିନବ ଉପାୟ ଅବଲମ୍ବନ କରି ଲୋକ ମାନଙ୍କୁ ସେମାନଙ୍କର ଶିକାର ବନଉଛନ୍ତି ।

ସାଇବର ଠକାମୀର ଶିକାର ହେବାର ଦୁଇଟି ପ୍ରମୁଖ କାରଣ ହେଉଛି ଲୋଭ ଓ ଭୟ । ଏହି ସଚେତନତା ଅଭିଯାନ ଉଭୟ ଅନଲାଇନ ଓ ଅଫଲାଇନରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଯଥା ସାଇବର ସୁରକ୍ଷା ପ୍ରଚାର ପତ୍ର, ଭିଡ଼ିଓ ପ୍ରଦର୍ଶନ, ରେଡ଼ିଓ ଜିଙ୍ଗଲ, ସୁରକ୍ଷା ମେସେଜ୍, ଡିବେଟ୍ ପ୍ରତିଯୋଗିତା, ପଥ ପ୍ରାନ୍ତ ନାଟକ, ନୁକ୍କଡ଼ ନାଟକ, ସଚେତନତା ରଥ ପରିକ୍ରମା, ପଦଯାତ୍ରା, ସାଇକେଲ ଯାତ୍ରା, ସ୍ୱଟ କୁଇଜ, ସାଇବର ଅପରାଧ ଉପରେ ସମ୍ମିଳନୀ, ଅନଲାଇନ୍ କୁଇଜ, ରିଲ ମ୍ୟାକିଙ୍ଗ ପ୍ରତିଯୋଗିତା ଇତ୍ୟାଦି ଆୟୋଜନ କରାଯିବ ଏବଂ ଏହାର ସଫଳ ରୂପାୟନ ବିଭାଗୀୟ ସମନ୍ୱୟରେ ସମ୍ଭବ ହେବ ବୋଲି ଆଶାବ୍ୟକ୍ତ କରି ସହଯୋଗ କାମନା କରିଥିଲେ । ମିଳିତ ପ୍ରୟାସରେ ଏହି ଅଭିଯାନକୁ ଫଳପ୍ରସୂ କରିବା ପାଇଁ ସୁଚାରୁ ରୂପେ ନିଜ ନିଜ ଦାୟିତ୍ୱ ସମ୍ପାଦନ କରିବାକୁ ଉପସ୍ଥିତ ସମସ୍ତଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

# ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ନିମନ୍ତେ ସମୀକ୍ଷା

## ଶାନ୍ତିଶୃଙ୍ଖଳାରେ ନିର୍ବାଚନ ପରିଚାଳନା ମୁଖ୍ୟ ଲକ୍ଷ୍ୟ : ନିର୍ବାଚନ କମିଶନର

ଛତ୍ରପୁର, (ସବ୍ୟୁ) : ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢୀ ଗୁରୁବାର ଗଞ୍ଜାମ ଜିଲ୍ଲା ଗସ୍ତ କରି ଆଗାମୀ ପୌର ଓ ପଚାଂୟତ ନିର୍ବାଚନ ସମ୍ବନ୍ଧରେ ବିଭିନ୍ନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଶ୍ରୀ ପାଢୀ ଅଧ୍ୟକ୍ଷତା କରି ଆଗକୁ ଉଭୟ ନିର୍ବାଚନ ଆସୁଛି ଏଣୁ ଗତ ପୌର ଓ ପଚାଂୟତ ନିର୍ବାଚନର ଅନୁଭୂତିକୁ ନେଇ ଆଗାମୀ ଉଭୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସୁରୁଖୁରୁରେ ନିର୍ବାଚନ ପରିଚାଳନା ଓ ନିର୍ଭୀକ ମତଦାନକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ହେଉଛି ଆମର ମୁଖ୍ୟ ଲକ୍ଷ୍ୟ ବୋଲି ରାଜ୍ୟ ନିର୍ବାଚନ କମିଶନର ଶ୍ରୀ ପାଢୀ କହିଛନ୍ତି । ଏହାସହ ଜିଲ୍ଲାରେ ନୂତନ ଭୋଟର ହାରକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯିବ । ଏଥିପାଇଁ ଆସନ୍ତାବର୍ଷ ଜାନୁୟାରିରେ ଯେଉଁ ଭୋଟର ୧୮ ବର୍ଷ ବୟସରଙ୍କ ପାଦ ଦେବେ ସେମାନଙ୍କୁ ଭୋଟର ତାଲିକାରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ ।



ବର୍ତ୍ତମାନ ଭୋଟର ତାଲିକା ସଂଶୋଧନ, ବାଦ୍ ଓ ସଂଯୋଗ କାର୍ଯ୍ୟକୁ ନେଇ ଗ୍ରାମାଂଚଳ ଓ ସହରାଂଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ହେବ । ବର୍ତ୍ତମାନ ସ୍ଥିତିରେ ଷ୍ଟ୍ରଙ୍ଗ ରୁମ୍ ବ୍ୟାଲେଟ୍ ବକ୍ସ ସମ୍ବନ୍ଧୀୟ ନେଇ ଆଲୋଚନା କରିଥିଲେ । ଗତ ପୌର ଓ ପଚାଂୟତ ନିର୍ବାଚନରେ ଜିଲ୍ଲାରେ ସମୁଦାୟ ୭୦୯୯ଟି ବୁଥରେ ମତଦାନ ହୋଇଥିବା ବେଳେ ସେଥିରୁ ୬୮୩ଟି ବୁଥ୍ ସମ୍ବେଦନଶୀଳ ରହିଥିବା ବେଳେ ୪୦୭ଟି ବୁଥ୍ ଅତି ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ ହୋଇଥିଲା । ଆସନ୍ତା ଉଭୟ ନିର୍ବାଚନ ବେଳେ ବୁଥ୍ ସଂଖ୍ୟା ସହ ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ୍ ସଂଖ୍ୟା ବିପାରେ ଏହାକୁ ମଧ୍ୟ ନଜର ରଖିବାକୁ ହେବ । ଗଞ୍ଜାମ ଜିଲ୍ଲାର ୩ଟି ସବଡିଭିଜନ୍ ଅଧୀନରେ ୨୨ଟି ବ୍ଲକ୍ ୫୦୩ ପଚାଂୟତ, ୩୨୫୪ଟି ଗାଁ, ୭୦୯୯ ଓ୍ୱାର୍ଡ ଏବଂ ଗୋଟିଏ ମହାନଗରନିଗମଙ୍କ ସମେତ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ମ୍ୟୁନସିପାଲିଟି ଓ ଏନ୍ଏସିକୁ ନେଇ ଗଠିତ ସହରାଂଚଳ ରହିଛି । ୨୦୧୧ ଜନଗଣନା ଅନୁସାରେ ୩୫ ଲକ୍ଷ ୨୯ ହଜାର ୦୩୧ ଜନସଂଖ୍ୟା ରହିଥିବା ବେଳେ ସେଥିରୁ ୨୯ ଲକ୍ଷ ୮ ହଜାର ୭୭୯ ଜଣ ଗ୍ରାମାଂଚଳ ବାସିନ୍ଦା ।

ସେହିପରି ଅନୁସୂଚିତ ଜନଜାତି ସଂଖ୍ୟା ୧ ଲକ୍ଷ ୧୩ ହଜାର ୪୭୪ ଜଣ ଏବଂ ଅନୁସୂଚିତ ଜାତିର ୬ ଲକ୍ଷ ୨ ହଜାର ୮୨୧ ଜଣ ରହିଛନ୍ତି । ଏଣୁ ଆଗାମୀ ଉଭୟ ନିର୍ବାଚନ ବେଳେ ଜନସଂଖ୍ୟା ସହିତ ଭୋଟର ସଂଖ୍ୟା ଅଧିକା ରହିବ । ସେହି ଅନୁସାରେ ସମସ୍ତ ପ୍ରକାର ଆଗୁଆ ପ୍ରସ୍ତୁତି ରହିବା ପାଇଁ ରାଜ୍ୟ ନିର୍ବାଚନ କମିଶନର ପରାମର୍ଶ ଦେଇଛନ୍ତି ।

ଏହି ସମୀକ୍ଷା ବୈଠକରେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତିଭାସନ୍, ବ୍ରହ୍ମପୁର ମହାନଗର ନିଗମ କମିଶନର, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଦେବବ୍ରତ ପଣ୍ଡା ଓ ସୁନିଲ୍ କେର୍କେଟ୍ଟା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର , ଛତ୍ରପୁର ଉପଜିଲ୍ଲାପାଳ ସୁବାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଜିଲ୍ଲା ପଂଚାୟତ ଅଧିକାରୀ ଏବଂ ସମସ୍ତ ବ୍ଲକର ବିଡିଓ, ସମସ୍ତ ସହରାଂଚଳର କାର୍ଯ୍ୟ ନିର୍ବାହୀ ଅଧିକାରୀ(ଇଓ) ଏବଂ ପୌର ଓ ପଂଚାୟତ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକର ଧରାକୋଟ, ମୁଣ୍ଡମରାଇ, ରୁଗୁମୁ, ମାଣିକ ପୁର, ବାହାରପୁର, ବରଡ଼ାବିଲି, ଯାହାଡ଼ା, କଳାସୂତା,ଝରପାରି କ୍ଲଷ୍ଟର ରେ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ ସୁରଭି ଅନୁଷ୍ଠିତ ହୋଇଯାଇଛି । ଧରାକୋଟରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବରେ ବିଇଓ ଅଭିମନ୍ୟୁ ସାହୁ, ଏବିଇଓ ବିଭୁତି ଭୁଷଣ ପାତ୍ର, ଏ ଏନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ପଟନାୟକ,ଇଂରାଜୀ ଅଧ୍ୟାପକ ବଳରାମ ସ୍ୱାଇଁ, ପ୍ରାକ୍ତନ ସିଆରସି ସି ଭାସ୍କର ବାତ୍ୟା ଯୋଗ ଦେଇଥିବା ବେଳେ ସିଆରସିସି ଜଗନ୍ନାଥ ପଢ଼ିହାରି ଏହାର ପରିଚାଳନା କରିଥିଲେ । ନଅ ଗୋଟି ବିଦ୍ୟାଳୟର ୩୦୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ରୁଗୁମୁ କ୍ଲଷ୍ଟରର ସୁରଭି ବେଠୁଆର ଜୟ ମଙ୍ଗଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଦିବାକର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ମୁଖ୍ୟବକ୍ତା ଭାବେ ପୂର୍ବତନ ଏବିଇଓ ବୁଚିରାଓ ଦୋରା ପ୍ରମୁଖ ଉପସ୍ଥିତ ରହିଥିଲେ । ଏଥିରେ ୧୨ ଗୋଟି ବିଦ୍ୟାଳୟ ର ୩୦୦ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ମାଣିକପୁର କ୍ଲଷ୍ଟର ର ସୁରଭି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ମଲିକ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟଅତିଥି ଭାବରେ ସରପଞ୍ଚ ଉର୍ବଶୀ ବିଷୋୟୀ, ଅତିଥି ଭାବରେ ବିଇଓ ଅଭିମନ୍ୟୁ ସାହୁ, ଏବିଇଓ ବିଭୁତି ଭୁଷଣ ପାତ୍ର, ସିଆରସିସି ଶିବାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ଏଥିରେ ୯ ଗୋଟି ବିଦ୍ୟାଳୟ ର ୨୫୦ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବାହରପୁର କ୍ଲଷ୍ଟରର ସରପଡା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପାଢୀ ସଭାପତିତ୍ୱ କରିଥିଲେ । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୧୭୦ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ସଫଳତା ହାସଲ କରିଥିବା ୫୦ ଜଣ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରିଥିଲେ ।

# ଡିଭାଇନ୍ ଗ୍ରୁପରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ଡିଭାଇନ୍ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନସ୍‌ରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ବେଶ୍ ଯାକଜମକରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ପୌରହିତ୍ୟ କରିଥିଲେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ତାଙ୍କ ସହିତ ମଞ୍ଚରେ ଉପସ୍ଥିତ ଥିଲେ ଟ୍ରଷ୍ଟି ଶାନ୍ତିଲତା ବୁଗୁଡେଇ । ଏହି ଉତ୍ସବରେ ଅନୁଷ୍ଠାନର ନିର୍ଦ୍ଦେଶକ ଙ୍କ ବିପ୍ଲବ ଭଞ୍ଜନ ବୁଗୁଡେଇ ନିଜର ଅନୁଭୂତି ସହ ବୈଷୟିକ ଶିକ୍ଷା, ବିଜ୍ଞାନ ଶିକ୍ଷା ଓ ନର୍ସିଙ୍ଗ ଶିକ୍ଷାର ଆବଶ୍ୟକତା ଏବଂ ଗୁଣବତ୍ତା ଉପରେ ଗୁରୁତ୍ୱ ଦେଇ ଏକ ଉତ୍କର୍ଷ ଭାରତ ଗଠନର ସପ୍ନକୁ ସାକାର କରିବା ପାଇଁ ଉପଦେଶ ଦେଇଥିଲେ । ତତ୍‌ସହିତ ନିଜ ଉପରେ ବିଶ୍ୱାସ ରଖି ସବୁବେଳେ କଠିନ ପରିଶ୍ରମ କରିବାକୁ ଛାତ୍ର-ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।




ସୂଚନା ଓ ପ୍ରଯୁକ୍ତି ନିର୍ଦ୍ଦେଶକ ଙ୍କ ଗୌରବ ବୁଗୁଡ଼େଇ ନିଜର ପରାମର୍ଶ ଛଳରେ ପୃଥିବୀ ବକ୍ଷରେ ସହକର୍ମୀ ସାଜି ନିଜର ସୁରଭିରେ ଦୁନିଆକୁ ସୁରଭିତ କରିବାର ଦୁର୍ବାର ଶପଥ ନେବାକୁ ପରାମର୍ଶ ଦେଇଥିଲେ ଯାହାକି ଡିଭାଇନରେ ହିଁ କେବଳ ସମ୍ଭବ । ପରେ ପରେ ନବାଗତଙ୍କ ମଧ୍ୟରେ ମିସ୍ ଫ୍ରେଶର ଭାବେ ଡିପ୍ଲୋମାରୁ ସହେଲି ପାନଙ୍କୁ ଚୟନ କରାଯାଇଥିବାବେଳେ ମିସଟର ଫ୍ରେଶର ଭାବେ ଅନୁପ ସି ଙ୍କୁ ଚୟନ କରାଯାଇଥିଲା ।

ସେହିଭଳି ଯୁକ୍ତଦୁଇ ବିଜ୍ଞାନର ମିସ୍ ଫ୍ରେଶର ଭାବେ ଅନନ୍ୟା ଦାସଙ୍କୁ ଚୟନ କରାଯାଇଥିବା ବେଳେ ମିସଟର ଫ୍ରେସର ଭାବେ ସ୍ୱରୂପ ମହାନ୍ତିଙ୍କୁ ଚୟନ କରାଯାଇଥିଲା ଏବଂ ଡିଭାଇନ ନର୍ସିଙ୍ଗରୁ ମିସ୍ ଫ୍ରେଶର ଭାବେ ଅର୍ଚିତା ପାତ୍ରଙ୍କୁ ଚୟନ କରାଯାଇଥିବାବେଳେ ମିସଟର ଫ୍ରେଶର ଭାବେ ଜୀବନ ଜ୍ୟୋତି ଭୂୟାଁଙ୍କୁ ଚୟନ କରାଯାଇଥିଲା ।

କାର୍ଯ୍ୟକ୍ରମକୁ ଆଗେଇ ନେବାରେ ହାତ ମିଳେଇ ଥିଲେ ଦ୍ୱିତୀୟ ଏବଂ ତୃତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀ ବୃନ୍ଦ । ନୃତ୍ୟ ସଙ୍ଗୀତ ମାଧ୍ୟମରେ ସ୍ୱାଗତ ଉତ୍ସବ ସମ୍ପାଦିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ ରୂପରେଖ ଦେବାରେ ଅଧକ୍ଷ ଙ୍କ ଅଭିନ୍ନ ଦାସଙ୍କ ସହ ଡିଭାଇନ ଗ୍ରୁପର ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଓ ପ୍ରତ୍ୟେକ କର୍ମଚାରୀଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ ।

# ତହସିଲ ଅଦାଲତରେ ୩ ବର୍ଷରୁ ଅଧିକ ରହିଥିବା କିରାଣୀଙ୍କୁ ତୁରନ୍ତ ବଦଳି

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ରେ ଥିବା ୨୩ ଟି ତହସିଲ ଅଦାଲତ ଗୁଡିକରେ ପାଞ୍ଚ ବର୍ଷରୁ ଅଧିକ ବର୍ଷଧରି କିରାଣୀ ମାନେ ଚୌକି ମାଡି ବସିଛନ୍ତି । ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ପାରିଦର୍ଶିତା ଆଣିବା ପାଇଁ ସରକାରୀ କର୍ମଚାରୀଙ୍କୁ ଗୋଟିଏ କାର୍ଯ୍ୟାଳୟରେ ସର୍ବାଧିକ ତିନି ବର୍ଷ ରଖିବା ନିୟମ ରହିଥିବା ବେଳେ ତାହା ଠିକ ରୂପେ ପାଳନ ହେଉନଥିବା ଦେଖାଦେଇଛି । ଯାହାଫଳରେ କିରାଣୀ ମାନଙ୍କ ଔଦ୍ଧତ ବଢିଯାଇଛି ଲାଞ୍ଚ ନମିଳିଲେ ଫାଇଲ କାମ ମନ୍ଥର ଗତିରେ ଗତି କରୁଛି, ଓକିଲଙ୍କ ଗରିବ ମହକିଲ ମାନେ ବହୁତ ହଇରାଣ ହେଉଛନ୍ତି ।

କନିଷ୍ଠ ତହସିଲ ଅଦାଲତରେ ଫାଇଲ କାମ ତ୍ୱରାନ୍ୱିତ କରିବାକୁ ହେଲେ ନିକଟରେ ଥିବା ପାନ ଓ ଚା ଦୋକାନରେ ବ୍ୟବସ୍ଥିତ ଢଙ୍ଗରେ ଆଗତୁରିଆ ଲାଞ୍ଚ ଦେବାକୁ ପଡୁଛି ନଦେଲେ କାମ ହେଉ ନାହିଁ । ସେହିପରି ଗଞ୍ଜାମ ଜିଲ୍ଲାରେ ଥିବା ଭଞ୍ଜନଗର, ଛତ୍ରପୁର ଓ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟଳୟରେ ବହୁ କିରାଣୀ ବହୁବର୍ଷ ହେଲା ଅଛନ୍ତି ତେଣୁ ସ୍ୱଛତା ଦୃଷ୍ଟିରୁ ତହସିଲ ଅଦାଲତ ଗୁଡିକରେ ୩ ବର୍ଷରୁ ଅଧିକ ଦିନ ରହିଥିବା କିରାଣୀ ମାନଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ଗଞ୍ଜାମ ଓକିଲ ସଙ୍ଘ ସଭାପତି ମନୋଜ ପଟ୍ଟନାୟକ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ନିକଟରେ ଦାବି କରିଛନ୍ତି ।

# ଏଆଇସିଟିଇ ପ୍ରାୟୋଜିତ | ଡ୍ରିମ୍ସରେ ଶକ୍ତି ପରିଚାଳନା ସମ୍ପର୍କିତ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ




କଟକ, (ସ୍ୱପ୍ର) : ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ଇଂଜନିୟରିଂ ଓ ଟେକ୍‌ନୋଲୋଜିରେ ସପ୍ତାହ ବ୍ୟାପୀ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଆଇସିଟିଇ ଦ୍ୱାରା ପ୍ରାୟୋଜିତ ଏହି ପ୍ରଶିକ୍ଷଣ ଭିତ୍ତିକ କାର୍ଯ୍ୟକ୍ରମରେ ଆଧୁନିକ ବିଦ୍ୟୁତ୍ ଶକ୍ତି ପ୍ରଣାଳୀ -ବିଶ୍ଳେଷଣରେ କୃତ୍ରିମ ବୁଦ୍ଧିମତା ଓ ଯାନ୍ତ୍ରିକ ଶିକ୍ଷଣର ଉପଯୋଗ ପ୍ରସଙ୍ଗ ସ୍ଥାନ ପାଇଥିଲା । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସି ମାଧ୍ୟମରେ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ଅବସରରେ ଏଭଳି ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅଧ୍ୟାପକ, ଅଧ୍ୟାପିକାଙ୍କର ଶିକ୍ଷାଦାନ କୌଶଳ ଏବଂ ବୃତ୍ତିଗତ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟଅତିଥି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଶକ୍ତି ପରିଚାଳନା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା ଓ ଯାନ୍ତ୍ରିକ ଶିକ୍ଷଣ ଉପଯୋଗ, ପାରମ୍ପରିକ ଗ୍ରୀଡ ପରିଚାଳନାର ରୂପାନ୍ତରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଜିନିୟରିଂ ସାଇନ୍ସ ଓ ଟେକ୍‌ନୋଲୋଜି ( ଆଇଆଇଇଏସ୍‌ଟି) ଶିବପୁର,( ପଶ୍ଚିମବଙ୍ଗ)ର ଇଲେକଟ୍ରିକାଲ ଇଂଜନିୟରିଂ ବିଭାଗର ପ୍ରଫେସର ଡ. ଚନ୍ଦନ କୁମାର ଚନ୍ଦା ବିଦ୍ୟୁତ୍ ଶକ୍ତି ପରିଚାଳନାରେ ପରିଲକ୍ଷିତ ତ୍ରୁଟୀ ନିର୍ଣ୍ଣୟ ଓ ଏହାକୁ ସୁଧାରିବାରେ କୃତ୍ରିମ ବୁଦ୍ଧିମତ୍ତାର ନବୀନତମ କୌଶଳ ଉପଯୋଗ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନିତ ବକ୍ତା ଇନ୍‌ଫୋସିସ୍‌ର ବିତରଣ ପ୍ରବନ୍ଧକ ଙ୍କ ହରପ୍ରସାଦ ମିଶ୍ର ସ୍ମାର୍ଟ ଗ୍ରୀଡ ବ୍ୟବସ୍ଥା, ଡିଜିଟାଲ ପରିବର୍ତ୍ତନ ଓ ଏବଂ ବିଦ୍ୟୁତ୍ ଶକ୍ତି ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ଡ. ନୟନ ରଂଜନ ସାମଲ, ଆଇକ୍ୟୁଏସିର ନିର୍ଦ୍ଦେଶକ ଡ. ଆଲୋକ ରଂଜନ ବିଶ୍ୱାଳ ପ୍ରମୁଖ ପ୍ରସଙ୍ଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ସଂଯୋଜିକା ତଥା ଇଲେକଟ୍ରିକାଲ ଇଂଜିନିୟରିଂ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ । ବିଭାଗୀୟ ପ୍ରାଧ୍ୟାପିକା ତଥା ସହ ସଂଯୋଜିକା ଡ. ଦେବଜାନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ଉଚ୍ଚତର ଶିକ୍ଷାନୁଷ୍ଠାନରୁ ଶତାଧିକ ଅଧ୍ୟାପକ, ଅଧ୍ୟାପିକା ଓ ଗବେଷକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ରାସ୍ତା ଉପରେ ହୁତୁହୁତୁ ହୋଇ ଜଳିଗଲା କଣ୍ଟେନର, ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର୍

ଛତ୍ରପୁର, (ସବ୍ୟୁ) : ରାସ୍ତା ଉପରେ ହୁତୁହୁତୁ ହୋଇ ଜଳିଗଲା କଣ୍ଟେନର । ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର୍ । ଗୁରୁବାର ଭୋର୍ ୩ଟା ବେଳେ ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅନ୍ତର୍ଗତ ଟିଟା ନିୟମ କମ୍ପାନୀ ନିକଟ ଜାତୀୟ ରାଜପଥ ଉପରେ ଏହି ଘଟଣା ଘଟିଛି । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ସୂଚନାନୁଯାୟୀ, ଗୁରୁବାର ଭୋର୍ ୩ଟା ବେଳେ କଟକରୁ କନିସି ଯାଉଥିବା ଏକ କଣ୍ଟେନର ଚମାଖଣ୍ଡି ଥାନା ଟିଟାନିୟମ କମ୍ପାନୀ ନିକଟ ଜାତୀୟ ରାଜପଥ ଉପରେ ହୁତୁହୁତୁ ହୋଇ ଜଳି ଯାଇଛି । ନିଆଁ ଲାଗିଯିବା ପରେ ଡ୍ରାଇଭର ଗାଡି ବନ୍ଦ କରି ଓହ୍ଲାଇ ପଡ଼ିଥିଲେ । ଫଳରେ ଏକ ବଡ଼ ଅଘଟଣ ଅଳ୍ପକେ ବର୍ତ୍ତିଯାଇଛି । ଛତ୍ରପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ତେବେ କଣ୍ଟେନେରରେ କୌଣସି ସାମଗ୍ରୀ ବୋଝେଇ ନଥିବା ଜଣାପଡ଼ିଛି ।

# ନଦୀପଠାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଗହଙ୍କୁ ଗ୍ରାମର ନଦୀପଠାରୁ ଜନୈକ ଯୁବକଙ୍କ ଭାସମାନ ମୃତ ଦେହକୁ ପୋଲିସ ଉଦ୍ଧାର କରିଥିବା ଜଣାଯାଇଛି । ମୃତ ଯୁବକ ଜଣକ ହେଲେ ଗହଙ୍କୁ ଗ୍ରାମର ଦିଲ୍ଲୀପ ନାଇକ(୩୮) । ଏନେଇ ବୁଗୁଡା ଥାନାରେ କେସ୍ ନଂ ୧୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଆଜି ଖରାବେଳେ ଦିଲ୍ଲୀପ ଗାଧୋଇବାକୁ ନଦୀକୁ ଯାଇଥିଲେ । ଅସାବଧାନତା ବଶତଃ ସେ ଗଣ୍ଡରେ ବୁଡି ଯାଇଥିଲେ । ପରେ ତାଙ୍କର ମୃତ ଦେହ ନଦୀ ପଠାରେ ଭାସୁଥିବାର ଦେଖିବାକୁ ମିଳିଥିଲା । ଏନେଇ ଖବର ପାଇବା ପରେ ଦମକଳବାହିନୀ ଏବଂ ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କ ନେତୃତ୍ୱରେ ପୋଲିସ ବାହିନୀ ପହଞ୍ଚି ସେଠାରୁ ଶବକୁ ଉଦ୍ଧାର କରି ଜବତ ସହ ବ୍ୟବଛେଦ ପାଇଁ ପଠାଇଥିବା ଜଣାଯାଇଛି ।

# ଆଶାକର୍ମୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଛତ୍ରପୁର, (ସବ୍ୟୁ) : ଭାରତୀୟ ମଜଦୂର ସଂଘ ସଂଲଗ୍ନ ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ଗଞ୍ଜାମ ଜିଲ୍ଲା ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହା ସହ ଏକ ୯ ଦଫା ସମ୍ବଳିତ ଦାବିପତ୍ର ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି ।



ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରି ଆଶାକର୍ମୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯିବା, ସରକାରୀ ମାନ୍ୟତା ମିଳିବା ପର୍ଯ୍ୟନ୍ତ ଆଶା କର୍ମଚାରୀ ମାନଙ୍କୁ ମାସିକ ବେତନ ୧୮ ହଜାର ଟଙ୍କା ପ୍ରଦାନ କରାଯିବା, ସମସ୍ତ ଆଶାକର୍ମୀମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଇଏସଆଇ ଓ ଇପିଏଫ ଅନ୍ତର୍ଗତ ପଞ୍ଜୀକୃତ କରାଯିବା, ପ୍ରତି ମାସ ୧୦ ତାରିଖ ମଧ୍ୟରେ ମାନଦେୟ ପ୍ରଦାନ କରାଯିବା ଓ ପ୍ରତି ପିଏଚସି ଓ ସିଏଚସିରେ ଆଶା ଗୃହ ନିର୍ମାଣ କରାଯିବା, ଯୋଗ୍ୟତା ଭିତ୍ତିରେ ଆଶା କର୍ମୀମାନଙ୍କୁ ତାଲିମ ଦେଇ ଏଏନଏମ ପଦବୀକୁ ପଦୋନ୍ନତି କରାଯିବା, ଆଶା କର୍ମୀମାନଙ୍କୁ ପ୍ରତି ବର୍ଷ ଦୁଇ ହଳ ୟୁନିଫର୍ମ ସହିତ ରିପୋର୍ଟ ଲେଖନ ପାଇଁ ଆବଶ୍ୟକ ରେଜିଷ୍ଟର ପ୍ରଦାନ କରାଯିବା, କାର୍ଯ୍ୟ ସମୟରେ ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଲେ ପରିବାରକୁ ୧୦ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବା, ଅବସର ସମୟରେ ଆଶା କର୍ମୀମାନଙ୍କୁ ଏକକାଳୀନ ୧୦ ଲକ୍ଷ ଟଙ୍କା ସହାୟତା ଓ ପ୍ରତିମାସ ଭତ୍ତା ବାବଦକୁ ୫ ହଜାର ଟଙ୍କା ପ୍ରଦାନ କରାଯିବା ଓ କାର୍ଯ୍ୟ ସୁବିଧା ପାଇଁ ସମସ୍ତ ଆଶାକର୍ମୀମାନଙ୍କୁ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଫାଇବ ଜି ମୋବାଇଲ ବା ଟାବଲେଟ ପ୍ରଦାନ କରାଯିବା ପାଇଁ ସେମାନେ ଦାବି କରିଛନ୍ତି ।

ବହୁ ଆଶାକର୍ମୀ ସ୍ଥାନୀୟ ନୂଆ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ବହୁ ଆଶା କର୍ମୀମାନେ ସାମିଲ ଥିଲେ ।

# ଦ୍ୱାରଶୁଣୀ ଘାଟିର ପ୍ରଶସ୍ତିକରଣ କାର୍ଯ୍ୟ ସୁରୁଖୁରୁରେ ସମାପ୍ତ ପାଇଁ ଭଞ୍ଜସେନା ପକ୍ଷରୁ ପୂଜାର୍ଚ୍ଚନା

ବାରିପଦା, (ସବ୍ୟୁ) : ବିଗତ କିଛି ବର୍ଷ ଧରି ମରଣଯନ୍ତା ପାଲଟିଥିବା ଦ୍ୱାରଶୁଣି ଘାଟିର ଉନ୍ନତିକରଣ ସହିତ ସମ୍ପ୍ରସାରଣ ୪ ଲେନ ବିଶିଷ୍ଟ ରାସ୍ତା ସମ୍ପ୍ରସାରଣ କରିବା ସକାଶେ କେବଳ ଭଞ୍ଜସେନା ପକ୍ଷରୁ ନିରବିଛିନ୍ନ ଭାବେ ୨୦୨୦ ମସିହାରୁ ପାଇଁ ସରକାରଙ୍କୁ ଦାବୀପତ୍ର ପ୍ରଦାନ, ଧାରଣା ଜାତୀୟ ରାଜପଥ ୪୯ ଉପରେ ବହୁବାର ହରତାଳ, ସୁପ୍ରିମକୋର୍ଟରେ ପିଆଇଏଲ କରିବା ଭଳି ସମସ୍ତ ପ୍ରୟାସ ଏବଂ ଚେଷ୍ଟା କରିବା ପରେ ସରକାରଙ୍କ ନିଦ ଭାଙ୍ଗିଲା ଏବଂ ଘାଟି ରାସ୍ତା ସମ୍ପ୍ରସାରଣ ପାଇଁ ସରକାରଙ୍କ ତରଫରୁ ସବୁଜ ସଂକେତ ମିଳିଲା ପରେ ଘାଟୀ ରାସ୍ତା ପ୍ରଶସ୍ତିକରଣର କାର୍ଯ୍ୟ ଆରମ୍ଭ ହେଉଛି । ପ୍ରଶସ୍ତିକରଣ କାର୍ଯ୍ୟ ସୁରୁଖୁରୁରେ ହେବା ସହିତ ଯଥାଶୀଘ୍ର କାର୍ଯ୍ୟ ସମାପ୍ତି ପାଇଁ ଆଜି ଜିଲ୍ଲା ଉପସଭାପତି ମନୋରଞ୍ଜନ ବାରିକଙ୍କ ଆୟୋଜନରେ ମାଆ ଦ୍ୱାରଶୁଣିଙ୍କ ପାଖରେ ପ୍ରାର୍ଥନା ସହିତ ପୂଜାର୍ଚ୍ଚନା କରାଯାଇଥିଲ ।




ଉକ୍ତ କାର୍ଯ୍ୟକ୍ରମରେ ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଆଦିବାସୀ ଶାଖା ସଭାପତି ବାଜୁନ୍ ହାଁସଦାଃ, ଆବାହକ ରାକେଶ୍ ବେହେରା, ଜିଲ୍ଲା ସଂଯୋଜକ ସାମନ୍ତ ଶେଖର ପାଲ୍, ଉପାଧ୍ୟକ୍ଷା କନିକା ବୋଷ, ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ସନ୍ତୋଷ ଗିରି, ବାଙ୍ଗିରିପୋଷି ବ୍ଲକ୍ ସଭାପତି ସତ୍ୟପ୍ରକାଶ ମହାନ୍ତି, ସାରସକଣା ବ୍ଲକ୍ ସଭାପତି ହାଡିବନ୍ଧୁ ମହାନ୍ତ, ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ, ଜାମଦା ବ୍ଲକ୍ ସଂପାଦକ ଭାଗବତ ହେମ୍ବ୍ରମ, ବାଙ୍ଗିରିପୋଷି ବ୍ଲକ୍ ଉପସଭାପତି ସୁମନ୍ତ ଗିରି, ବାରିପଦା ସହର ସଭାପତି ରାକେଶ୍ ମହାନ୍ତି, ଯୁବ ସଂପାଦକ ଗୌରାଙ୍ଗ ଘଡେଇ, ଶ୍ୟାମାଖୁଣ୍ଟା ବ୍ଲକ୍ କାର୍ଯ୍ୟକାରୀ ସଭାପତି ଦୀପକ୍ ବେହେରା ଓ ଗଣମାଧ୍ୟମ ସଂଯୋଜକ ମକ୍ତିଦତ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟ ସମ୍ପାଦନ ନହେବା ପର୍ଯ୍ୟନ୍ତ ସଂଗଠନ ଚୁପ୍ ଚାପ୍ ବସିବ ନାହିଁ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି ।

# ୧୪ ଦିନ ପରେ ମିଳିଲା ନଦୀରେ ଭାସି ଯାଇଥିବା ଛାତ୍ରଙ୍କ ଶବ

ଧରାକୋଟ, (ସବ୍ୟୁ): ଧରାକୋଟ ବ୍ଲକ ଅନ୍ତର୍ଗତ ମୁଣ୍ଡମରାଇ ପଞ୍ଚାୟତର ପୋଡ଼ାପଲି ଗ୍ରାମର ବୁଲୁ ପ୍ରଧାନ ଓ ପ୍ରମଦା ପ୍ରଧାନଙ୍କ ପୁଅ ଶୁଭମ ପ୍ରଧାନ ଗତ ୪ ତାରିଖ ଦିନ ସାଙ୍ଗ ମାନଙ୍କ ସହିତ ଋଷିକୁଲ୍ୟ ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ । ଏହା ପରେ ଧରାକୋଟ ଦମକଳ ବାହିନୀ ଓ ଧରାକୋଟ ପୋଲିସ ଚାରିଦିନ ଧରି ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନଥିଲା । ଭାସିଯିବା ଘଟଣାକୁ ୧୪ ଦିନି ଦିନ ଆଜି ପୋଡ଼ାପଲି ଗାଁ ଠାରୁ ପ୍ରାୟ ଦୁଇ କିମି ଦୂର ଲକ୍ଷ୍ମୀପୁର ବାଲି ଘାଟ ଭିତରୁ ଶୁଭମର ଶବର ସନ୍ଧାନ ମିଳିଛି । ଗତ ୪ ତାରିଖ ଦିନ ନଦୀରେ ଶୁଭମ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ଦାଦା ଟୁକୁନା ପ୍ରଧାନ ଧରାକୋଟ ଥାନାରେ ଏଫ୍‌ଆଇଆର ଦେଇଥିଲେ । ପୋଲିସ ୩୮୦/୨୫ ପ୍ରକାରେ ଏକ ନିଖୋଜ ମାମଲା ରୁଜୁ କରିଥିଲା । ଘଟଣା ଘଟିବା ପରେ ଧରାକୋଟ ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣ ଚନ୍ଦ୍ର ସାହୁ ଙ୍କ ନେତୃତ୍ୱରେ ଧରାକୋଟ ତହସିଲଦାର ଓ ପୋଲିସ ଉପସ୍ଥିତିରେ ଋଷୀକୁଲ୍ୟ ନଦୀରେ ଦୀର୍ଘ ଚାରିଦିନ ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ମିଳିନଥିଲା । ଯାହାକୁ ନେଇ ପରିବାର ସଦସ୍ୟ ଅସହାୟ ହୋଇ ପଡ଼ିବା ସହ ପୁଣି ଥାନାରେ ଶୁଭମକୁ ଖୋଜି ବାହାର କରିବା ପାଇଁ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଗୁରୁବାର ଗାଁ ଲୋକେ ନିଜସ୍ୱ ଉଦ୍ୟମରେ ଲକ୍ଷ୍ମୀପୁର ବାଲି ଘାଟ ଅଞ୍ଚଳରେ ଖୋଳା ଖୋଳି କରିବା ବେଳେ ଶୁଭମର ଶବ ବାଲି ତଳେ ପୋତିହେବା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଥିଲା । ତୁରନ୍ତ ଗାଁ ଲୋକେ ପୋଲିସ ଓ ଦମକଳ ବାହାନିକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣ ଚନ୍ଦ୍ର ସାହୁ, ଅଗ୍ନିକ ପବିତ୍ର ବେହେରା, ଶୁଭ୍ରଜିତ ରଥ, କୃଷ୍ଣ ଚନ୍ଦ୍ର ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, ସନ୍ଦୀପ ବେହେରା, ଭୀମ ସେନ ନାୟକ ଓ ଜିତେନ୍ଦ୍ର ନାୟକ ପ୍ରମୁଖ ଲକ୍ଷ୍ମୀପୁର ଗାଁ ବାଲି ଘାଟ ନିକଟରେ ପହଁଚି ବାଲି ଭିତରୁ ଶୁଭମର ଶବକୁ ଉଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ । ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ପ୍ରକାଶଯୋଗ୍ୟ ଗତ ୪ ତାରିଖ ଦିନ ଶୁଭମ ନଦୀରେ ଭାସିଯିବା ପରଠାରୁ ପରିବାର ଲୋକ ସମେତ ଗାଁ ଲୋକେ ମିଳିତ ଭାବରେ ଖୋଜା ଖୋଜି କରୁଥିଲେ । ୧୪ ଦିନରେ ଶୁଭମର ପତ୍ତା ମିଳିବା ପରେ ଗାଁ ଲୋକଙ୍କ ସହ ପରିବାର ଲୋକେ ଏକ ରକମ ଆଶ୍ୱସ୍ତ ହେଇଛନ୍ତି ।

# ମୂର୍ତ୍ତି ଚୋରି ଗ୍ୟାଙ୍ଗ : ମାଆ ସମେତ ୩ ପୁଅ ଗିରଫ

ଜଗତସିଂହପୁର,(ସବ୍ୟୁ):ଅପରାଧୀଙ୍କ ନିଦ ହଜାଇ ଦେଇଛି ଜଗତସିଂହପୁର ପୋଲିସ ।ଜିଲ୍ଲାରେ ନୂତନ ଏସପି ଭାବରେ ଅଙ୍କିତ କୁମାର ବର୍ମା ଯୋଗ ଦେବା ପରେ ଜିଲ୍ଲାରେ ଅପରାଧ ସିଣ୍ଡିକେଟ ଉପରେ ପ୍ରହାର ହୋଇଛି ।ପ୍ରଥମରେ ବହୁ ମାତ୍ରାରେ ବ୍ରାଉନ ସୁଗାର ବ୍ୟବସାୟରେ ଲିପ୍ତ ଥିବା ଯୁବ ଗୋଷ୍ଠୀଙ୍କୁ ଧରିବାରେ ସଫଳ ହୋଇଥିଲେ ।ପରେ ଚୋରୀ ଓ ଡକାୟତି କାର୍ଯ୍ୟ ସହିତ ରାସ୍ତା ଘାଟରେ ଲୁଟ କରୁଥିବା ଚିଙ୍କୁ ତରାଇ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଥିଲେ ।ପୁଣ ଏବେ ମନ୍ଦିର ଚୋରୀ ର୍ୟାକେଟକୁ ଧରି କୋର୍ଟ ଚାଲାଣ କରିଛି ଜଗତସିଂହପୁର ପୋଲିସ ।ଜିଲ୍ଲା ସଦର ମହକୁମା ସମେତ ବିଭିନ୍ନ ସ୍ଥାନରୁ ମନ୍ଦିରରୁ ଡକାୟତି କରିବା ଘଟଣାରେ ସଦର ଥାନା ଚଢେଇ ଗାଁରେ ଚଢ଼ାଉ କରି ମନ୍ଦିର ମୂର୍ତ୍ତି ଚୋରୀ ଗ୍ୟାଙ୍ଗର ୪ ଜଣଙ୍କୁ ଗିରଫ କରିଛି ।ଗୋଟିଏ ପରିବାରର ୩ ପୁଅ ସମେତ



ମାଆ ମଧ୍ୟ ଗିରଫ ହୋଇଛନ୍ତି ।ଗିରଫ ଅଭିଯୁକ୍ତ ମାନେ ହେଲେ ଆଶ୍ରମପାଟଣା ମାଳିତୋଟା ଗ୍ରାମର ସ୍ୱର୍ଗତ ବ୍ରହ୍ମାନନ୍ଦ ଆଚାର୍ଯ୍ୟଙ୍କ ୩ ପୁଅ ସାରଦା ଆଚାର୍ଯ୍ୟ, ବରଦା ଆଚାର୍ଯ୍ୟ,ଅନ୍ନଦା ଆଚାର୍ଯ୍ୟ ।ଏହି ୩ ପଅୁଙ୍କୁ ମାଆ ନିର୍ମଳା ଆଚାର୍ଯ୍ୟ ସମସ୍ତ ପ୍ରକାର ସହଯୋଗ କରୁଥିଲେ ।ସେମାନଙ୍କ ନିକଟରୁ ମନ୍ଦିର ହୁଣ୍ଡିରୁ ଚୋରି କରିଥିବା ୬୪ ହଜାର ଟଙ୍କା ସହିତ ପିତ୍ତଳ ବଡ଼ ନାଗ ମୂର୍ତ୍ତି,୨ଟି ରୁପା ମୁକୁଟ,୧ଟି ବଡ ପିତ୍ତଳ ଥାଳି, ୨ଟି ଛୋଟ ପିତ୍ତଳ ଥାଳି,ଘଣ୍ଟ,ଘଣ୍ଟି,ଲୋଟା,ଦୁଇଟି ସୁନା କାନ ଫୁଲ ଆଦି ବହୁ ସାମଗ୍ରୀ ଜବତ କରିଛି ପୋଲିସ ।ଜବତ ସାମଗ୍ରୀର ଆନୁମାନିକ ମୁଲ୍ୟ ୧୨ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏସ୍ପି ଅଙ୍କିତ କୁମାର ବର୍ମା ସୁଚନା ଦେଇଛନ୍ତି । ପୂର୍ବରୁ ଏହି ପରିବାର ବହୁ ମୂର୍ତ୍ତି ଚୋରି କେଶରେ ଜଡିତ ଥିବା ବେଳେ ଅଭିଯୁକ୍ତମାନଙ୍କ ନାମରେ ଜଗତସିଂହପୁର, କଟକ,ନାଉଗାଁ,ଭୁବନେଶ୍ୱର,ନିଆଳି ଆଦି ଥାନାରେ ବଡ଼ ଭାଇ ସାରଦାଙ୍କ ନାମରେ ୧୨ ଟି କେଶ ରହିଥିବା ବେଳେ ବରଦାଙ୍କ ନାମରେ ୧୪ଟି,ଅନ୍ନଦାଙ୍କ ନାମରେ ୧୨ଟି ଓ ତାଙ୍କ ମାଆ ନିର୍ମଳାଙ୍କ ନାମରେ ୧୦ଟି କେଶ ରହିଛି ।ଏହି ସାମ୍ବାଦିକ ସମ୍ମିଳନୀରେ ଏସପିଙ୍କ ସମେତ ଡିଏସପି ରଶ୍ମୀ ରଞ୍ଜନ ଦାଶ,ଜଗତସଂହପୁର ଥାନା ଅଧିକାରୀ ସରୋଜକାନ୍ତ ସାମଲ ଉପସ୍ଥିତ ରହିଥିଲେ ।

# ମେସ୍କୋ କାରଖାନା ନ ଚାଲିଲେ ପୁଣି ଆନ୍ଦୋଳନ

ଦାନଗଦି ,(ସବ୍ୟୁ): କଳିଙ୍ଗନଗରର ପ୍ରଥମ ଇସ୍ପାତ କାରଖାନା ଏବେ ଦୀର୍ଘ ୬ ବର୍ଷ ହେବ ବନ୍ଦ ହୋଇ ପଡ଼ିରହିଛି । ଯାହାଫଳରେ କାରଖାନା ପାଇଁ ଭିଟାମାଟି ହରାଇଥିବା ୨୦୦ ଶହ ପରିବାର ଏବେ ଭୋକ ଉପବାସରେ ଦିନ କାଟୁଛନ୍ତି । ଯାଜପୁର ଜିଲ୍ଲା କଳିଙ୍ଗନଗର ଠାରେ ସ୍ୱର୍ଗତ ବିଜୁବାବୁ ୧୯୯୩ ମସିହାରେ ୨ୟ ଇସ୍ପାତ କାରଖାନା ନାମରେ ମେସ୍କୋ ଷ୍ଟିଲକୁ ୫୭୦ ଏକର ଜମି ଓ କଞ୍ଚାମାଲ ପାଇଁ ୨୪୦୦ ହେକ୍ଟର ଖଣି ଯୋଗାଇ ଦେଇଥିଲେ । କାରଖାନା ସ୍ୱାଭାବିକ ଚାଲିଥିବାବେଳ ହଟାତ ମାନ୍ଦାବସ୍ଥାର ଆଳଦେଖାଇ କାରଖାନା କର୍ତ୍ତୃପକ୍ଷ ଦୀର୍ଘ ୭୦ ମାସ ହେଲା କାରଖାନାକୁ ବନ୍ଦ କରିଦେଇଛନ୍ତି । ଫଳରେ ବିସ୍ଥାପିତ ପରିବାର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୪/୫ ଥର ଜିଲ୍ଲାପ୍ରଶାସନ ଓ କାରଖାନା କର୍ତ୍ତୃପକ୍ଷ ଏବଂ ବିସ୍ଥାପିତ ପରିବାର ଲୋକେ ବୈଠକ ପରେ ବୈଠକ କରିଚାଲିଛନ୍ତି ହେଲେ ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛି କାରଖାନା ମାଲିକ । ଯାହାକୁ ନେଇ ନିକଟରେ କାରଖାନା ବିସ୍ଥାପିତ ଓ କଳିଙ୍ଗନଗର ମଜଦୁର ୟୁନିୟନର କର୍ମକର୍ତ୍ତା ମାନେ ମୁଖ୍ୟମନ୍ତ୍ରୀ,ମୁଖ୍ୟ ଶାସନସଚିବ, ଶିଳ୍ପମନ୍ତ୍ରୀ, ଶିଳ୍ପ ସଚିବ ,ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି ।। ହେଲେ କେହିବି ଶୁଣୁନାହାନ୍ତି, ଯାହାଫଳରେ ଆଜି କଳିଙ୍ଗନଗର ମଜଦୁର ୟୁନିୟନ ମେସ୍କୋ ଶାଖା କଳିଙ୍ଗନଗର,ବିସ୍ଥାପିତ ପରିବାର ଓ କର୍ମଚାରୀ ମାନେ କାରଖାନା ଫାଟକ ସମ୍ମୁଖରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ରେ ପ୍ରଶାସନ ଓ କାରଖାନା କତୃପକ୍ଷଙ୍କୁ ଚେତାବନୀ ଦେଇଛନ୍ତି । ଆସନ୍ତା ୧୦ ଦିନ ମଧ୍ୟରେ ସେମାନଙ୍କ କଥା କୁ ପ୍ରଶାସନ ନ ବୁଝିଲେ କଳିଙ୍ଗନଗର ଏଡିଏମଙ୍କ କାର୍ଯ୍ୟାଳୟକୁ ଘେରୋଉ କରିବା ଶହ ଅଫିସ କୁ ବନ୍ଦ କରିଦେବେ ବୋଲି କହିଛନ୍ତି । ୟୁନିୟନ ସଭାପତି ସେକ ମହମ୍ମଦ ଯାହେଦଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସମ୍ପାଦକ ନରେନ୍ଦ୍ର ସାମଲଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ । ସରକାର ନୂଆ ନୂଆ ଶିଳ୍ପକୁ ଆମନ୍ତ୍ରଣ କରୁଥିବା ବେଳେ କାହିଁକି ମେସ୍କୋ କୁ ଅନୁକମ୍ପା ଦେଖାଉଛନ୍ତି ତାହା ସେମାନେ ପ୍ରଶ୍ନ କରିଥିଲେ ।

## ଆରଆଇ ଅଫିସରେ ଝୁଲୁଛି ତାଲା



ନିଶ୍ଚିନ୍ତକୋଇଲି ,(ସବ୍ୟୁ) :ମାହାଙ୍ଗା ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ତହସିଲ ଅଧିନସ୍ଥ ଅସୁରେଶ୍ୱର ଗ୍ରାମପଂଚାୟତ ବିଷ୍ଣୁପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଛି। ଦୀର୍ଘ ଦିନ ହେଲା ଏହି କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଜନିତ ସମସ୍ୟା ସୃଷ୍ଟି ହୋଇଛି। ଏହି ସମସ୍ୟାକୁ ଦୂର କରିବା ନିମନ୍ତେ ନବ ନିଯୁକ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ତାଲାରେ ଅଭିନବ ପନ୍ଥାରେ ଏକ ଲିଖିତ ବାର୍ତା ଟାଙ୍ଗି ଦେଇଥିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ବ୍ରିଟିଶ ଅମଳର ବିଷ୍ଣୁପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉପରେ ସ୍ଥାନୀୟ କଟିକଟା, ଅସୁରେଶ୍ୱର,କେଂଟାଳୋ ପ୍ରଭୃତି ଗ୍ରାମପଂଚାୟତର ଶହ ଶହ ସ୍କୁଲ କଲେଜ ଛାତ୍ର ଛାତ୍ରୀ ଓ ସାଧାରଣ ଲୋକେ ବିଭିନ୍ନ ପ୍ରମାଣ ପତ୍ର ତଥା ଜମି ଜମା ସଂକ୍ରାନ୍ତୀୟ କାଗଜପତ୍ର ନିମନ୍ତେ ନିର୍ଭର କରିଥାନ୍ତି। ମାତ୍ର ଦୀର୍ଘ ଦିନ ହେଲା ଏହି କାର୍ଯ୍ୟାଳୟରେ କୌଣସି ଅତିରିକ୍ତ ରାଜସ୍ୱ ନିରୀକ୍ଷକ ,ଅମିନ କିମ୍ବା ପିଅନ ନାହାନ୍ତି। ଜଣେ ମାତ୍ର ନବ ନିଯୁକ୍ତ ରାଜସ୍ୱ ନିରୀକ୍ଷକ ଦିବାସ ନାୟକଙ୍କୁ କାର୍ଯ୍ୟଭାର ଦିଆଯାଇଛି। ଜଣେ ବ୍ୟକ୍ତିଙ୍କ ନିମନ୍ତେ ଏତେବଡ କାର୍ଯ୍ୟାଳୟର କାର୍ଯ୍ୟଭାର ତୁଲାଇବା କାଠିକରପାଠ ଅଟେ। ଏହି କାର୍ଯ୍ୟାଳୟକୁ କୌଣସି କାର୍ଯ୍ୟପାଇଁ ଆସୁଥିବା ବ୍ୟକ୍ତି ବିଶେଷ କିପରି ହଇରାଣ କିମ୍ବା ଅସୁବିଧାର ସମ୍ମୁଖିନ ନହେବେ ସେଥିନିମନ୍ତେ ଶ୍ରୀ ନାୟକ କାର୍ଯ୍ୟାଳୟ ତାଲାରେ ଏକ ଲିଖିତ ବାର୍ତା ସହ ନିଜର ମୋବାଇଲ ନମ୍ବରରେ ଯୋଗାଯୋଗ କରିବା ନିମନ୍ତେ ଅନୁରୋଧ କରିଛନ୍ତି। ଏହି ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଗଛ ବେଶରେ ସଚେତନ କରୁଛନ୍ତି କିନ୍ନର

କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାର ପ୍ରସିଦ୍ଧ ଗଣପର୍ବ ଗଜଲକ୍ଷ୍ମୀ ପୂଜାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଏହି ପରିବେଶ ରେ ଗଛ ବେଶରେ ଜନ ସାଧାରଣଙ୍କୁ ସଚେତନ କରୁଥିବା କିନ୍ନର ଚିନ୍ମୟୀ ଦାସ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ ହୋଇଛନ୍ତି । ହାତରେ ପ୍ଲାକାର୍ଡ ଧରି ଜନ ସାଧାରଣଙ୍କୁ ଗଛ ଲଗେଇ ପରିବେଶକୁ ବଂଚେଇବା ପାଇଁ ସଚେତନ କରାଉଛନ୍ତି । ଚିନ୍ମୟୀଙ୍କ କହିବା ଅନୁଯାଇ ପରିବେଶ ଓ ଜଳବାୟୁ ର ପରିବର୍ତ୍ତନ ପାଇଁ ଜନ ସାଧାରଣଙ୍କୁ ସଚେତନ କରିବା ନିହାତି ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି । ଏଥିପାଇଁ ଚିନ୍ମୟୀ ଦାସଙ୍କୁ ବିଭିନ୍ନ ଅନୁଷ୍ଠାନ, ସଂଗଠନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି ।

## ଶୌଚ ହେବା ସମୟରେ ମହିଳାଙ୍କୁ ଅତ୍ୟାଚାର

ଚଣ୍ଡିଖୋଲ ,(ସବ୍ୟୁ) : ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିତଳ ଗ୍ରାମରେ ଜଣେ ମହିଳାଙ୍କୁ ପାସବିକ ଅତ୍ୟାଚାର କରାଯାଇଥିବା ଜଣାପଡିଛ । ଏହି ଗ୍ରାମର ଜଣେ କାମାନ୍ଧ ଯୁବକ ଜଣେ ମହିଳାଙ୍କୁ ମାଡି ବସିବା ସହ ଗାଧୁଆ ତୁଠରେ ତାଙ୍କ ଅନ୍ତବସ୍ତ୍ର ଫିଙ୍ଗିବା ,ଗାଁ ଦାଣ୍ଡରେ କମେଣ୍ଟ ମାରିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି ବଡଚଣା ଥାନାରେ । ଚଣ୍ଡିତଳ ପଞ୍ଚାୟତ ଜହ୍ଲାଦର ଜୈନିକା ମହିଳା ତାଙ୍କ ବାରିପଟକୁ ଶୌଚହେବାକୁ ଯାଇଥିବା ସମୟରେ ଡାଙ୍ଗୁ ନାମକ ଜଣେ ଯୁବକ ତାଙ୍କୁ ମାଡିବସି ପାସବିକ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛ । ଏନେଇ ବୁଧବାର ବିଳମ୍ବିତ ରାତ୍ରରେ ଥାନାରେ ମହିଳାଙ୍କ ପକ୍ଷରୁ ଲିଖିତ ଏତଲା ହେବାପରେ ପୋଲିସ ତନାଘନା ଆରମ୍ଭ କରିଛ । ଚଣ୍ଡିତଳ ଗ୍ରାମର ଗୋବିନ୍ଦ ସାମଲ ଓରଫ ଡାଙ୍ଗୁଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଯାରୀ ରଖିଛି । ଉକ୍ତ ଯୁବକ ପ୍ରଥମେ ସକାଳେ ଗାଧୋଇବାକୁ ଯିବାବେଳେ ମହିଳାଙ୍କ ଘାଗରା ଫିଙ୍ଗିବା ,ପରବର୍ତ୍ତୀ ସମୟରେ ଗାଁ ଦାଣ୍ଡରେ କମେଣ୍ଟ ମାରିବା ଏବଂ ସନ୍ଧ୍ୟା ସମୟରେ ଶୌଚ ହେବାବେଳେ ମାଡ଼ି ବସିଥିଲା । ଏଥିସହ ଅତ୍ୟାଚାରର ଶିକାର ହୋଇଥିବା ମହିଳାଙ୍କ ସାଙ୍ଗରେଥିବା ତାଙ୍କ ୧୨ ବର୍ଷର ଝିଅକୁ ମାଡମାରୀ ଆହତ କରିଥିବା ଅଭିଯୋଗ ହୋଇଛି । ଗୁରୁବାର ସକାଳୁ ପୀଡ଼ିତାଙ୍କୁ ଥାନାକୁ ଡ଼କାଇ ପୋଲିସ ତାଙ୍କର ବୟାନ ରେକର୍ଡ କରାଇଥିବା ବେଳେ ଡାକ୍ତରୀମାଇନା କରିଥିବା ବଡଚଣା ଥାନା ସୂତ୍ରରୁ ଜଣାପଡିଛି ।

## ଅଭିଭୂତ କଲା ନାଟକ 'ଅଭିନେତ୍ରୀ' ଅଢେଇ କୋଟି ଟଙ୍କାରେ ହେବ ସଂସ୍କୃତି ଭବନ

ଜଗତସିଂହପୁର, (ସବ୍ୟୁ):ପରିବାରଟି ବାପା-ମା' ଛେଉଣ୍ଡ। ବଡ଼ ଭାଇ ବାପର ଭୂମିକା ନିର୍ବାହ କରନ୍ତି। ଏହାରି ଭିତରେ ବଢିଯାଏ ବୟସ, ଗଡ଼ିଯାଏ ସମୟ। ମାତ୍ର ସାନ ଭାଇମାନଙ୍କ ଆବଶ୍ୟକ ଏବଂ ଦାୟିତ୍ୱବୋଧକୁ ତୁଲେଇ ଖୁସି ମନେଇବାରେ ବଡ଼ଭାଇର ଆତ୍ମା ତୃପ୍ତି ହୁଏ। ଏକ ପାରିବାରିକ କାହାଣୀକୁ ନେଇ 'ନାଟ୍ୟ କର୍ମଶାଳା ଜଗତସିଂହପୁର' ପରିବେଷିତ ହୋଇଥିଲା ନାଟକ 'ଅଭିନେତ୍ରୀ'। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ନାଟ୍ୟ ସଂଘ ଓ ଜଗତସିଂହପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏବଂ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ, ମଞ୍ଚ ମଣିଷ ଓ ପ୍ରଥମା ଫାଉଣ୍ଡେସନ ସହଯୋଗରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଏହି ନାଟକ ପରିବେଷିତ ହୋଇଥିଲା। ନାଟ୍ୟକାରମାନଙ୍କ ନିଖୁଣ ଅଭିନୟ ଓ ନାଟକର ଗତିଶୀଳତା ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଓ ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ସ୍ଥାନୀୟ ପୋ?ରାଧକ୍ଷା ଅର୍ଚ୍ଚନା ସିଂହ, ଓଡ଼ିଶା ନାଟ୍ୟସଂଘର ସଭାପତି ମନୋଜ ପଟ୍ଟନାୟକ, ଉପ ସଭାପତି ଜିତେନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ ଶୁଶୀଲ ପଟ୍ଟନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଲାଲା ବିରେନ ରାୟ ଓ ପବିତ୍ର ପଟ୍ଟନାୟକ, ଜଗତସିଂହପୁର ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ନାଟ୍ୟ ନିର୍ଦ୍ଦେଶକ ଶାରଦା ରଣା, ମଞ୍ଚ ମଣିଷର ନିର୍ଦ୍ଦେଶକ ନାଟ୍ୟକାର କୈଳାସ ମଲ୍ଲିକ, ଦୁଃଖୀରମ ସ୍ୱାଇଁ କଳା ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଜୟ ଗୋଛାୟତ,ପ୍ରଥମାର ସଂଗଠନ ସମ୍ପାଦକ ସତ୍ୟବ୍ରତ ବିଶ୍ୱାଳ ପ୍ରମୁଖ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ବିଧାୟକ ଶ୍ରୀ ଦାସ କଳାକାର, ନିର୍ଦ୍ଦେଶକ ଓ ସହଯୋଗୀ ସଦସ୍ୟଙ୍କୁ ସମ୍ମାନିତ କରି କହିଲେ ଖୁବ୍ ଶୀଘ୍ର ଅଢେଇ କୋଟି ଟଙ୍କାରେ ନାଟକ ଉପଯୋଗୀ ହେବ ସଂସ୍କୃତି ଭବନ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଛି।ଏହି କାର୍ଯ୍ୟକ୍ରମକୁ ପ୍ରଥମାର ଆବାହକ ସୋମନାଥ ପରିଡା ସଂଯୋଜନା କରିଥିଲେ ।ଏହି ନାଟକରେ ଅଭିନୟରେ ବର୍ଷାରାଣୀ, ରୁଦ୍ରପ୍ରସାଦ, ସୌମ୍ୟରଂଜନ, ଅଜୟ କୁମାର, ଇତିଶ୍ରୀ, ଶରଣାଞ୍ଜଳି, ଚିତରଂଜନ, ସିକିନା, ସୂର୍ଯ୍ୟକାନ୍ତ, ବସନ୍ତ, ସାଧନା ପ୍ରମୁଖ ଅଭିନୟ କରିଥିଲେ। ନାଟକ କୁ ଦେବ୍ରତ ପଟ୍ଟନାୟକ ନିର୍ଦ୍ଦେଶନା ଦେଇଥିବାବେଳେ ସହ ନିର୍ଦ୍ଦେଶନା ଦେଇଥିଲେ ହିମାଂଶୁ ବେହେରା। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ, ଦୁର୍ଗାପ୍ରସାଦ ସ୍ୱାଇଁ, ବିଜୟ ରାଉତ, ନରେଶ ଦାସ, ଦିଲ୍ଲୀପ ଗୋଛାୟାତ, ଜୟରାମ ମହାନ୍ତି, ସ୍ମୃତିରଞ୍ଜନ ସ୍ୱାଇଁ, ନିଖିଳ ନାୟକ, ଶାରଦା ଦାସ, ସୁଶାନ୍ତ ଦାସ ସୁରେଶ କୁମାର ପ୍ରମୁଖ ରହିଥିଲେ ।

## ଭତ୍ତା ଟଙ୍କା ଧରି ଫେରୁଥିଲେ : ବାଟରେ ଚାଲିଗଲା ଜୀବନ

ମହାକାଳପଡ଼ା ,(ସବ୍ୟୁ ):ମହାକାଳପଡା ବ୍ଲକ ଲାଞ୍ଜୁଡା ପଂଚାୟତ ପାଣିଖିଆ ଗାଁ ର ବିଧବା ସୀତା ହେମ୍ବ୍ରମ ଗୁରୁବାର ଭତ୍ତା ଟଙ୍କାପାଇଁ ଲାଞ୍ଜୁଡା ଯାଇଥିଲେ । ଗାଁ ସ୍କୁଲରେ ଭତ୍ତା ଟଙ୍କା ଦିଆଯାଉଥିଲା । ରୁଗ୍ଣ ବୃଦ୍ଧା ଜଣକ ଗାଁ ଠାରୁ ଦୀର୍ଘ ୩କିଲୋମିଟର ବାଟ ଚାଲି ଚାଲି ଯାଇ ସ୍କୁଲ ରେ ପହଂଚିଥିଲେ । ଆଗରୁ ପହଂଚିଥିବା ଲୋକେ ଭତ୍ତା ଟଙ୍କା ନେବା ପରେ ବୃଦ୍ଧା ନିଜର ଭତ୍ତା ପଇସା ଧରି ୧କିଲୋମିଟର ବାଟ ଚାଲି ବଡ଼ପଲ୍ଲୀ ବଜାରକୁ ଯାଇଥିଲେ । ସେଠାରେ ଡାକ୍ତରଙ୍କ ସହିତ ପରାମର୍ଶ ପରେ ବଜାର ରେ ଚା ପିଇବା ବେଳେ ଟଳିପଡ଼ିଥିଲେ । ବଜାର ଲୋକେ ବୃଦ୍ଧାଙ୍କୁ ଟେକି ନେଇ ସୁରକ୍ଷିତ ସ୍ଥାନରେ ଶୁଆଇ ପାଣିଖିଆ ଖବର ଦେଇଥିଲେ । ପରବର୍ତ୍ତୀ ସମୟରେ ଗାଁ ଲୋକେ ବଡ଼ପଲ୍ଲୀ ରେ ପହଂଚି ଘରକୁ ଆଣିବା ବାଟରେ ଗାଁ ପାଖରେ ବୃଦ୍ଧାଙ୍କର ମୃତ୍ୟୁ ହୋଇଯାଇଛି । ଅନୁସୂଚିତ ଜନଜାତି ବିଧବା ମହିଳାଙ୍କ ର ବଡ଼ ପୁଅ ବିଦେଶରେ ଦାଦନ ଖଟୁଥିବା ବେଳେ ଘରେ ମାନସିକ ନ୍ୟୁନତା ସାନପୁଅ ରହୁଛନ୍ତି ।

ଭତ୍ତା ଟଙ୍କା ଆଣିବା ପାଇଁ କେହି ନଥିବାରୁ ୭୫ବର୍ଷୀୟା ବିଧବା ମହିଳା ନିଜେ ହିଁ ଚାଲି ଚାଲି ଯିବାକୁ ପଡୁଛି । ଆଜିବି ନିଜେ ଅସୁସ୍ଥ ଅବସ୍ଥାରେ ଦୀର୍ଘ ୪କିଲୋମିଟର ପାଦରେ ଚାଲି ଚାଲି ଯିବାରୁ ଜୀବନ ଯାଇଥିବାର ଅନୁମେୟ ହେଉଛି । ପ୍ରଶାସନ ତରଫରୁ ଗାଁ ଗାଁ ରେ ଭତ୍ତା ପ୍ରଦାନ କରାଯାଉଥିଲେ ରୁଗ୍ଣ, ବୃଦ୍ଧ / ବୃଦ୍ଧା ହିଁ ପାଇଁ ବେଶ ଉପକୃତ ହୋଇପାରନ୍ତେ । ବାର୍ଦ୍ଧକ୍ୟ /ବିଧବା /ଭିନ୍ନ କ୍ଷମମାନଙ୍କୁ ନିଜ ନିଜ ଗାଁ ରେ ଭତ୍ତା ପଇସା ପ୍ରଦାନ ର ବ୍ୟବସ୍ଥା ଥିଲେ ଆଜି ରୁଗ୍ଣ ସୀତା ହେମ୍ବ୍ରମଙ୍କର ମୃତ୍ୟୁ କୁ ଏଡାଇ ହୋଇପାରିଥାନ୍ତା ।

## ଛିନତାଇ ନେଇ ଥାନାରେ ଅଭିଯୋଗ

ପାଣିକୋଇଲି ,(ସବ୍ୟୁ) :ବସରେ ଯାତ୍ରା କରୁଥିବା ଜଣେ ଯୁବକଙ୍କ ବ୍ୟାଗକୁ ଛଡ଼ାଇନେବା ନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପ୍ରକାଶଯେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ଗଣେଶ୍ୱର ପାଢୀଙ୍କ ପୁଅ ଗିରିଜାଶଙ୍କର ଭୁବନେଶ୍ୱରରୁ ଏକ ଘରୋଇ ବସରେ ଆନନ୍ଦପୂର ଫେରୁଥିଲେ। ତେବେ ରାତି ୧୧ ସମୟରେ ବସଟି ରାତ୍ରୀଭୋଜନ ନିମନ୍ତେ ଜାତୀୟ ରାଜପଥ ୧୬ର ଏକ ଢାବା ନିକଟରେ ଅଟକି ଥିଲା। ଏହି ସମୟରେ ଗିରିଜା ନିଜ ବ୍ୟାଗକୁ ଧରି ବସର ପଛପଟେ ଛିଡ଼ି ହୋଇଥିବା ବେଳେ ଜଣେ ବ୍ୟକ୍ତି କାରରୁ ଓହ୍ଲାଇ ତାଙ୍କ ବ୍ୟାଗଟିକୁ ଛଡ଼ାଇ ନେଇ କାରରେ ବସି ଭଦ୍ରକ ଅଭିମୂଖେ ପଳାଇଯାଇଥିଲା। ଉକ୍ତ ବ୍ୟାଗରେ ଏକ ମୋବାଇଲ ଫୋନ ,ଦୁଇ ହଜାର ଟଙ୍କା ସମେତ ଗିରିଜାଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା। ଏ ନେଇ ଗିରିଜା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି।

## ବିଶ୍ୱମ୍ଭର କ୍ଲଷ୍ଟରସ୍ତରୀୟ ସୁରଭି

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ ଯାବରା ପଂଚାୟତ ଯାବରା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବନଦୁର୍ଗା। କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଉଦଘାଟକ ଭାବେ ଏ ବି ଇ ଓ ଶାନ୍ତିଲତା ରାଉତ ଯୋଗଦେଇ ସୁରଭି ଛାତ୍ର ଛାତ୍ରୀ ଙ୍କ ପାଇଁ ଏକ ମାଇଲସ୍ତମ୍ଭ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟ ରେ ଏ ବି ଇ ଓ ଅରୁଣ କୁମାର ସେଠି ଯୋଗଦେଇ ଶିକ୍ଷକ ଓ ଛାତ୍ର ଛାତ୍ରୀଙ୍କ ମହୋତ୍ସବ ସୁରଭର ଉପାଦେୟତା ଉପରେ କହିଥିଲେ । ସି ଆର ସି ସିପ୍ରଭାତ କୁମାର ନାଥଙ୍କ ତତ୍ତ୍ୱା ବଧାନରେ ଅନୁଷ୍ଠିତ ସୁରଭିରେ ୧୩ସ୍କୁଲ ର ୧୭୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଆଜି ଉଦଯାପନୀ ରେ ଏ ବି ଇ ଓ ଡ଼ଃ ପ୍ରଭଞ୍ଜନ ପତି ଯୋଗ ଦେଇ ସୁରଭିର ବିଭିନ୍ନ ପ୍ରତିଯୋଗିତାରେ ସଫଳତା ପାଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରି ସୁରଭି ଉପରେ କହିଥିଲେ । ଏଥିରେ ସ୍କୁଲ ପ୍ରଧାନ ଶିକ୍ଷକସିଦ୍ଧାର୍ଥ ଶଙ୍କର ରାଉତ ଅତିଥି ଭାବେ ଉପସ୍ଥିତ ଥିଲେ । ଶୁକଦେବ ପ୍ରସାଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ନୀଳମଣି ଦାଶ, ବିଜୟ କୁମାର ସେଠି, ସୁନନ୍ଦ ପୃଷ୍ଟି, ମନ୍ଦାକିନୀ ଦାଶ, ତରୁଲତା ଜେନା, ବନାନୀ ଶତପଥି, ପ୍ରଭାତୀ ଜେନା, ସ୍ୱପ୍ନରଣୀ ସାହୁ, ରିତାଞ୍ଜଳୀ ତରାଇ ଓ ଅନ୍ୟ ଶିକ୍ଷକ ମିଶି ପରିଚାଳନା କରିଥିଲେ

## ବନବିଭାଗର ଚଢ଼ାଉ : ମେସିନ, ଟ୍ରାକ୍ଟର ଓ କାଠ ଜବତ

ସାଲେପୁର ,(ସବ୍ୟୁ) :କଟକ ରେଞ୍ଜ ଅଧିନ ସାଲେପୁର ଓ ଜଗତପୁର ବନଖଣ୍ଡ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ବେଆଇନ ଭାବେ ଚାଲୁ ଥିବା କାଠ କାରଖାନା ଉପରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର କାଠ କଟା ପାଇଁ ବ୍ୟବହୃତ ସରଞ୍ଜାମ, ଟ୍ରାକ୍ଟର ଓ କାଠ ଜବତ କରାଯାଇଥିବା ଜଣାପଡିଛି । ଆଜି ଜଗତପୁର ସେକ୍ସନ ଅଧିନ ଗୋଟିଏ ଏବଂ ସାଲେପୁର ସେକ୍ସନ ଅଧିନ ଗୋଟିଏ କାଠ କାରଖାନାରେ ଚଢ଼ାଉ କରି ତିନି ଲକ୍ଷ



ଟଙ୍କାର ମେସିନ ଓ କାଠ ଜବତ କରାଯାଇଛ । କଟକ ରେଞ୍ଜର ଶର୍ମିଳି ନାୟକଙ୍କ ନେତୃତ୍ୱରେ ସତ୍ୟଭାମାପୁର ଏବଂ ମାରଡା ଠାରେ ଥିବା ବେଆଇନ ସ ମିଲ ଉପରେ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉରେ ମାରଡା ଠରେ ଥିବା ସ ମିଲ ରୁ ତିନି ଲକ୍ଷ ଟଙ୍କାର ସମିଲ ସରଞ୍ଜାମ ଏବଂ କାଠ ଜବତ ହୋଇଥିବା ବେଳେ ସତ୍ୟଭାମାପୁର ଠାରେ ଥିବା ସ ମିଲରୁ ପାଞ୍ଚ ଲକ୍ଷ ଟଙ୍କାର ସରଞ୍ଜାମ ଏବଂ ଏକ ଟ୍ରାକ୍ଟର ଇଞ୍ଜିନ ଜବତ କରାଯାଇଥିବା ଜଣାପଡିଛି । ଏହି ଚଢ଼ାଉରେ ଏ ସି ଏଫ ଫରେଷ୍ଟ ଭିଜିଲାନ୍ସ ବବିତା ସୋରେନ,ସାଲେପୁର ଫରେଷ୍ଟର ରାକେଶ ସ୍ୱାଇଁ ,ଜଗତପୁର ଫରେଷ୍ଟର ମହେନ୍ଦ୍ର ନାୟକ, ଫରେଷ୍ଟର ସୂର୍ଯ୍ୟକାନ୍ତ ସାହୁ ଏବଂ ସମ୍ମିତ ଆଚାର୍ଯ୍ୟ ସାମିଲ ଥିଲେ ।

## ଜଳିଗଲା ୪ବଖରା : ୮ଛେଳି ଜୀବନ୍ତ ଦଗ୍ଧ

ମହାକାଳପଡ଼ା ,(ସବ୍ୟୁ) :ମହାକାଳପଡ଼ା ବ୍ଲକ ସୁନୀତି ପଂଚାୟତ ସୁଗଲ ଗାଁ ରେ ଅଗ୍ନିକାଣ୍ଡ ଫଳରେ କା ।ଳିପଦ ମଣ୍ଡଳଙ୍କ ଚାରି ବଖରା ଚାଳ ଛପର ଘର ପୋଡି ପାଉଁଶ ହୋଇଯାଇଛି । ପାଖ ପଡୋଶୀ ଶରତ ଦାଶଙ୍କ ଛପର ଘର ଅର୍ଦ୍ଧେକାଂଶ ରେ ପୋଡ଼ିଯାଇଛି । କାଳୀପଦ ମଣ୍ଡଳଙ୍କ ଘର ଜଳିଯିବା ବେଳେ ଗୁହାଳେ ଥିବା ୪ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି । ଆଉ ଘରର ଆସବାବପତ୍ର ସମେତ ଲୁଗାପଟା ,ଟଙ୍କା ପଇସା, ଧାନ ,ଚାଉଳ ,ମୁଗ ,ବିରି ଜଳି ପାଉଁଶ ହୋଇଯାଇଛ । ଜଳୁଥିବା ଘର ଭିତରୁ ଗ୍ୟାସ ସିଲିଣ୍ଡର ଉଦ୍ଧାର କରିବାକୁ ଯାଇ ପଡୋଶୀ ଦିବାକର ନାୟକ ଅଧିକାଂଶ ଭାବେ ଜଳିଯାଇଥିବାର ଜଣାପଡିଛି । ଗ୍ୟାସ ସିଲିଣ୍ଡର ଫାଟିବାରୁ ଦିବାକର ଗୁରୁତର ହୋଇ କେନ୍ଦ୍ରାପଡା ରେ ଚିକିତ୍ସାଧୀନ ଅଛନ୍ତି । ଏନେଇ ଖୋଲା ଆକାଶ ତଳେ ବସିଥିବା ପରିବାରକୁ ସ୍ଥାନୀୟ ସରପଞ୍ଚ ଭଗବତୀ ମଣ୍ଡଳ ପିନ୍ଧା ବସ୍ତ୍ର ସହିତ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି । ପ୍ରଶାସନ ବିପନ୍ନ ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ପାଖ ଗାଁ ପଡୋଶୀ ତଥା ପୂର୍ବତନ ସରପଞ୍ଚ ମନୋଜ ପାତ୍ର ଦାବିକରନ୍ତି । କ୍ଷୟକ୍ଷତି ଆକଳନ ନେଇ ଗୋଗୁଆ ଆରଆଇ ଙ୍କ ସହିତ ଜୋନ ସଭାପତି ପବିତ୍ର ଚୌଧୁରୀ କ୍ଷତିଗ୍ରସ୍ତ ପରିବାରଙ୍କ ନିକଟରେ ପହଁଚି ଥିବାର ଜଣାପଡିଛି ।

# ମା ମଙ୍ଗଳା ନାଟ୍ୟ ପରିଷଦ ସମାରୋହ




ଚଣ୍ଡିଖୋଲ ,(ସବ୍ୟୁ) :ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ମା ମଙ୍ଗଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ଏକ ସମାରୋହ ଓ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା! ସଂସ୍ଥାର ସଭାପତି ପ୍ରକାଶ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବନ୍ଧୁ ଉତ୍ସବରେ ସ୍ଥାନୀୟ ସୁଙ୍ଗୁଡା, ନିଶିମଳଝ,ଖୋଷଲିପୁର୍, ନୂଆସୁଙ୍ଗୁଡାର ନାଟ୍ୟ ଅନୁଷ୍ଠାନ ଗୁଡ଼ିକ ଯୋଗଦେଇ ପାଶ୍ଚାତ୍ୟ ଶିକ୍ଷା ସଂସ୍କୃତି ଓ ଆଧୁନିକତାର ଚାକଚକ୍ୟ ମଧ୍ୟରେ ଆମ ମୂଳ ସଭ୍ୟତା ହଜିଯାଉ ଥିବାରୁ ନାଟ୍ୟ ସଂସଦ ଗୁଡିକ ତାହାକୁ ଉଦଜୀବୀତ ରଖିବାକୁ ମତପ୍ରକାଶ ପାଇଥିଲା! ଏଥିରେ ଅନୁଷ୍ଠାନର ଉପ ସଭାପତି ସ୍ମୃତିରଞ୍ଜନ ମାହାଲା, ସଂପାଦକ ଦେବଦତ୍ତ ଜେନା, ସହ ସମ୍ପାଦକ ପବିତ୍ର ମୋହନ ଜେନା, ସଞ୍ଜୀବ ବଳ, ବରିଷ୍ଠ କଳାକାର ତଥା ଯୁବନେତା ଅକ୍ଷୟକୁମାର ସ୍ୱାଇଁ, ନାଟ୍ୟ ନିର୍ଦ୍ଦେଶକ ହରି ସାମନ୍ତ, ପ୍ରଫୁଲ୍ଲ ମହାରଣା, ପ୍ରମୁଖ ଯୋଗଦେଇଥିଲେ! ଉତ୍ସବରେ ସୁଂଗୁଡ଼ା କାର୍ତ୍ତିକେୟ ପୁସ୍ତକାଗାର ନାଟ୍ୟ ପରିଷଦର ସଭାପତି ମନୋଜ କୁମାର ସାହୁ, ସଂପାଦକ ଦିଲ୍ଲୀପ କୁମାର ବଳ, ନିଶିମଳର ସତ୍ୟନାରାୟନ ନାଟ୍ୟ ପରିଷଦ ସଭାପତି ତପନକୁମାର ଜେନା, ସଂପାଦକ ଉତ୍ତମ କୁମାର ଜେନା, ଅଟଳ ଜେନା, ମା ନଲୁଆଶୁଣି ନାଟ୍ୟ ପରିଷଦର ସଭାପତି ସୁକାନ୍ତ କୁମାର ଜେନା, ସଂପାଦକ ବିଶ୍ୱଜିତ ଜେନା, ଲକ୍ଷ୍ମୀ ନାରାୟଣ ନାଟ୍ୟ ପରିଷଦର ସଭାପତି ବନମାଳୀ ସେନାପତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ! ଆସନ୍ତା ଡ଼ିସେମ୍ବର ୨୫ତାରିଖରେ ଚଣ୍ଡିଖୋଲ ମହୋତ୍ସବ ଅବସରରେ ଅନୁଷ୍ଠିତ ହେବାକୁଥିବା ନାଟ୍ୟ ମହୋତ୍ସବରେ ଲଟେରୀ ଏହିସବୁ ନାଟ୍ୟ ପରିଷଦ ସେମାନଙ୍କର ନାଟକ ପରିବେଶଣ କରାଯିବା ପାଇଁ ସ୍ଥିର ହୋଇଥଲା! ଏହି ଉତ୍ସବରେ ଶତାଧିକ କଳାକାର ଯୋଗ ଦେଇଥିଲେ!

## ବଳଦେବଜିଉ ହାଇସ୍କୁଲରେ ସୁରଭି

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ୍ ଦେଓଦା ଗ୍ରାମସ୍ଥିତ ବଳଦେବଜିଉ ସରକାରୀ ହାଇସ୍କୁଲରେ ସୁରଭି-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅରୁଣ କୁମାର ସରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରବୋଧ କୁମାର ମହାନ୍ତି , ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ପରୀକ୍ଷିତ ପ୍ରଧାନ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷକ କୃଷ୍ଣଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ବାଙ୍କସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବାରିକ, ନୀଳକଣ୍ଠପୁର ପ୍ରକଳ୍ପ ଉପ୍ରା ସ୍କୁଲର ପ୍ରଧାନ ଶିକ୍ଷକ ଚିନ୍ମୟ ଦାସ, ମାଝିପାଟଣା ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନ, ଶିକ୍ଷକ ନାରାୟଣ ଚନ୍ଦ୍ର ସାହୁ, ହୃଷୀକେଶ ନାୟକଙ୍କ ସମେତ ହାଇସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ଛବି ମଲିକ ଧନ୍ୟବାଦ ଦେଇଥିଲେ ।

## ଯୁବ ସାମ୍ବାଦିକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ରଘୁନାଥପୁର, (ସବ୍ୟୁ) : ରଘୁନାଥପୁର ଅଂଚଳର ଯୁବ ସାମ୍ବାଦିକ ପ୍ରଶାନ୍ତ ମୁଦୁଲିଙ୍କର ଅକାଳ ବିୟୋଗରେ ଆଜି ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ୟୁନିୟନ ପକ୍ଷରୁ ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁଙ୍କ ପୈରୋହିତ୍ୱରେ ରଘୁନାଥପୁର ପ୍ରେସ କ୍ଲବରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୟୁନିୟନର ସଭାପତି ସାମ୍ବାଦିକ ରମାକାନ୍ତ ଦାଶ, ଶୁଭଙ୍କର ଜେନା,ପ୍ରତାପ କୁମାର ସିଂ, ସୁବ୍ରତ କୁମାର ନାୟକ, ବିଶ୍ୱରଂଜନ ବିଶ୍ୱାଳ, ଭାଗବତ ପ୍ରସାଦ,ଅଭୟ କୁମାର ସାହୁ, ରଞ୍ଜନ କୁମାର ମଲ୍ଲିକ,ତାପସ କୁମାର ଦାସ, ରାଜେନ୍ଦ୍ର ନାରାୟଣ ସିଂହ, ପ୍ରକାଶ ବାରିକ, ସୁଶାନ୍ତ କୁମାର ରାଉତ, ମଳୟ ପାଣି, ମନୋଜ ସାହୁ, ଉମାକାନ୍ତ ଦାସ, ରାଜ କିଶୋର ସ୍ୱାଇଁ, ପ୍ରଦିପ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହିତ ସାମ୍ବାଦିକ ପ୍ରଶାନ୍ତ ମୁଦୁଲିଙ୍କର ସ୍ମୃତି ଚାରଣ କରିଥିଲେ ।

## ଶୈଳେନ୍ଦ୍ର ଥିଲେ ନିଷ୍ଠାପର ସମାଜସେବୀ

ବାଲିଚନ୍ଦ୍ରପୁର ,(ସବ୍ୟୁ) :ବାଲିଚନ୍ଦ୍ରପୁର ପଂଚାୟତ ର ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର ନାରାୟଣ ଦେଓ ଙ୍କ ବିଓଗରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ନାନପୁର ପଟଣାସ୍ଥ ବାସଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । କବି ରୁଦ୍ର ପ୍ରସନ ସାମଲଙ୍କ ସଭାପତିତ୍ୱ ରେ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ଯୋଗ ଦେଇ ଶୈଳେନ୍ଦ୍ର ବାବୁ ତାଙ୍କ ରାଜନୈତିକ ଜୀବନ କାଳରେ ନିଷ୍ଠାପର ଭାବରେ ସମାଜ ସେବାରେ ନିଜକୁ ନିଓଜିତ କରଥିଲେ ବୋଲି ମତ ପ୍ରକାଶ କରଥିଲେ । ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଶାରଦା ପ୍ରସନ ମହାନ୍ତି ,ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ, ନିରଞ୍ଜନ ଦଳାଇ, ରବୀନ୍ଦ୍ର ଶାନ୍ତି, ଉପନ୍ଦ୍ର ସ୍ୱାଇଁ, ଜତିନ୍ଦ୍ର ରାଉତ, ଲବଙ୍ଗଲତା ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ । ଧରମ ରାଜ ମହାନ୍ତି ଧନ୍ୟବାଦ ଦେଇଥିଲେ

# ଗୁଳିମାଡ଼ ଘଟଣା : ମୁଖ୍ୟ ଅଭିଯୁକ୍ତ ସମେତ ୨ କୋର୍ଟ ଚାଲାଣ

ବ୍ୟାସନଗର,(ଜିପ୍ର): କାଳୀପୂଜା ପୂର୍ବରୁ ବ୍ୟାସନଗରରେ ଘଟିଥିବା ଗୁଳିକାଣ୍ଡ ଘଟଣାରେ ଯାଜପୁର ରୋଡ଼ ପୁଲିସକୁ ମିଳିଛି ସଫଳତା । ପୁଲିସ ଗୁଳିମାଡ଼ ଘଟଣାରେ ସଂପୃକ୍ତ ମୁଖ୍ୟ ଏବଂ ସହଯୋଗୀ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । କୋର୍ଟ ଚାଲାଣ ହୋଇଥିବା ମୁଖ୍ୟ ଅଭିଯୁକ୍ତ କୋରେଇ ଥାନା ଅନ୍ତର୍ଗତ ପୂର୍ବକୋଟ ଗ୍ରାମର ମାଇକେଲ ନାଗଙ୍କ ପୁଅ ମାଇକେଲ ସନ୍ତୋଷ(୨୨) ହୋଇଥିବା ବେଳେ ସହଯୋଗୀ ବ୍ୟାସନଗର ପୌରାଂଚଳ ମୁଣ୍ଡମାଳର ରଂଜିତ ପ୍ରଧାନଙ୍କ ପୁଅ ସନ୍ତୋଷ(୨୩) ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ଯାଜପୁର ରୋଡ଼ ଥାନାରେ ଏସପି ଯଶ ପ୍ରତାପ ସିମଲ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଥିଲେ କି ବୁଧବାର ରାତି ସାଢେ ୭ଘଟିକା ସମୟରେ ବ୍ୟାସନଗର ପୌରାଂଚଳର ଗୋପବନ୍ଧୁ ଛକରୁ ନହକା ବାଇପାସକୁ ପଡ଼ିଥିବା ଗୋପବନ୍ଧୁ ନଗର ରାସ୍ତାର ହୋଟେଲ ପାଂଚାଳି ସମ୍ମୁଖ ଦୁର୍ଗାମାଧବ କମ୍ୟୁନିକେସନକୁ ଲକ୍ଷ୍ୟକରି



ଗୁଳିମାଡ଼ କରି ବାଇକରେ ଫେରାର ହୋଇଯାଇଥିଲେ । ଗୁଳିମାଡ଼ କରି ଅଭିଯୁକ୍ତ ମୁଣ୍ଡମାଳରେ ରହୁଥିବା ସଂପର୍କିୟଙ୍କ ଘରେ ଛପିରହିଥିଲେ । ଏସପିଙ୍କ ସୂଚନା ମତେ ଡ଼ିଏମ କମ୍ୟୁନିକେସନର ମାଲିକ ଦେବୀଦତ ପଣ୍ଡାଙ୍କୁ ଟ୍ରେନ ଟିକେଟ କ୍ୟାନସେଲ ପଇସା ଫେରସ୍ତକୁ ନେଇ କିଛିଦିନ ପୂର୍ବରୁ ଫୋନ ମାଧ୍ୟମରେ ଧମକ ଦେଇଥିଲା । ଏବିଷୟରେ ପୁଲିସ ଟ୍ରାଭେଲ ମାଲିକଙ୍କ ଠାରୁ ଅବଗତ ହେବା ପରେ ଅଭିଯୁକ୍ତ ସନ୍ତୋଷର ମୋବାଇଲକୁ ଟ୍ରାକିଂ କରିଥିଲେ । ଘଟଣା ସମୟରେ ମାଇକେଲ ସନ୍ତୋଷ ଗୁଳିକାଣ୍ଡ ଘଟିଥିବା ସମୟରେ ଥିବା ଜାଣିବା ପରେ ମାଇକେଲ ସନ୍ତୋଷ ଓ ସହଯୋଗୀ ସନ୍ତୋଷକୁ ମୁଣ୍ଡମାଳରେ ରହୁଥିବା ଭଉଣୀଘରୁ ଉଠାଇ ଆଣିଥିଲା । ମାଇକେଲ ସନ୍ତୋଷକୁ ଜେରା ପରେ ସେ ଗୁଳିମାଡ଼ କରିଥିବା କଥା ସ୍ୱିକାର କରିଥିଲା ଏବଂ କ'ଣପାଇଁ ଫୁଟାଇଲା ତାହା ମଧ୍ୟ ପୁଲିସ ଆଗରେ କହିଥିଲା । ମାଇକେଲ କହିଥିଲା କି ୪ଟି ଟିକେଟ ଆସାମର ଡ଼ିବିରିଗାଡ଼ରୁ ଭୁବନେଶ୍ୱରକୁ ରିଟର୍ଣ୍ଣ ଟିକେଟ କରିବାକୁ ୮ହଜାର ଟଙ୍କା ଦେଇଥିଲା । କିନ୍ତୁ ଟିକେଟକୁ କ୍ୟାନସେଲ ହୋଇଥିଲେ ବି ଟ୍ରାଭେଲ ମାଲିକ ସଂପୂର୍ଣ୍ଣ ଟିକେଟ ପଇସା ଫେରାଇ ନଥିଲେ । ଯାହାକୁନେଇ ସେ ଟ୍ରାଭେଲ ମାଲିକ ଶ୍ରୀ ପଣ୍ଡାଙ୍କ ଦୋକାନ ଉପରେ ଗୁଳିମାଡ଼ କରିଥିଲା । ତେବେ ଟ୍ରାଭେଲ ମାଲିକ ଶ୍ରୀ ପଣ୍ଡାଙ୍କ କହିବା ମତେ ମାଇକେଲକୁ ସେ ଟଙ୍କା ଫେରସ୍ତ କରିଥିବା କଥା କହିଥିବା ବେଳେ ମାଇକେଲ ଏହା ଜାଣିପାରିନଥିବା ପୁଲିସ ଆଗରେ ସ୍ୱିକାର କରିବାସହ ଗୁଳିମାଡ଼ ହତ୍ୟା ପାଇଁ ନୁହେଁ କେବଳ ଡ଼ରାଇବା ପାଇଁ କରିଥିଲା ବୋଲି ସ୍ୱିକାର କରିଛି । ଅଭିଯୁକ୍ତ ମାଇକେଲ ଏବଂ ସହଯୋଗୀଙ୍କ ନାମରେ ଦଫା ୨୯୬/ ୩୫୧(୩)/୩୦୮/୧୦୯/ ୩(୫),ବିଏନଏସ /୨୫/ ୨୭ଆର୍ମ ଆକ୍ଟରେ କୋର୍ଟ ଚାଲାଣ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଯାଜପୁର ରୋଡ଼ ଏସଡ଼ିପିଓ ଲକ୍ଷ୍ମୀଧର ସ୍ୱାଇଁ, ଥାନା ଅଧିକାରୀ ଆଶିଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ଖବର ଥାଉକି ବୁଧବାର ସନ୍ଧ୍ୟା ପ୍ରାୟ ୭.୨୮ ମିନିଟ ସମୟରେ ଗୋପବନ୍ଧୁ ଛକରୁ ନହକା ବାଇପାସକୁ ପଡ଼ିଥିବା ଗୋପବନ୍ଧୁ ନଗର ରାସ୍ତାର ହୋଟେଲ ପାଂଚାଳି ସମ୍ମୁଖ ଟ୍ରାଭେଲ ଏଜେନ୍ସିକୁ ଲକ୍ଷକରି ଗୁଳି ମାଡ଼ ହୋଇଥିଲା । ଯେଉଁ ସମୟରେ ଉକ୍ତ ଏଜେନ୍ସିରେ କେହି ନଥିବାରୁ କ୍ଷୟକ୍ଷତି ଘଟିନଥିଲା ।

## ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କୁ ଭେଟିଲେ ଜଗନ୍ନାଥ ସେନା



ରଣପୁର, (ସବ୍ୟୁ): ନୟାଗଡ଼ ଜିଲ୍ଲାର ରଣପୁର ଅଞ୍ଚଳ ହେଉଛି ଐତିହ୍ୟ ସମ୍ପନ୍ନ ପ୍ରାଚୀନ ଅଞ୍ଚଳ । ଏଠାରେ ଓଡିଶା ପ୍ରସିଦ୍ଧ ମା ମଣିନାଗ ମନ୍ଦିର, ବାନ୍ଧମୁଣ୍ଡା ରାଆଁଳା ସ୍ଥିତ ମା ଖିଲାମୁଣ୍ଡା ମନ୍ଦିର ,ଦ୍ଵିତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର, ବଜ୍ରକୋଟ ସ୍ଥିତ ମା ଅସୁରକୁମାରୀ ଜଳପ୍ରପାତ ,ସୁନାଖଳା କୋଟଗଡ ଗୁମ୍ଫା ରଣପୁର ରାଜବାଟୀ ଆଦିଭଳି ବହୁ ପର୍ଯ୍ୟଟନ ସ୍ଥଳୀ ରହିଛି । ଯାହାକି ସାରାରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ । ତେବେ ଦୀର୍ଘ ଦିନ ଧରି ରାଜ୍ୟ ଓ ଜିଲ୍ଲା ପର୍ଯ୍ୟଟନ ବିଭାଗ ଉଦାସୀନତା ମନୋଭାବ ପାଇଁ ରଣପୁରର ପ୍ରମୁଖ ପ୍ରବେଶ ପଥ ଗୁଡିକରେ କିଛି ଜାଗାରେ ସୂଚନା ଦୂରତାର ସୂଚନା ଫଳକ ନଥିବା ଯୋଗୁ ବାହାରୁ ଆସୁଥିବା ପର୍ଯ୍ୟଟକ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଦୀର୍ଘ ଦିନ ଧରି ରଣପୁର ଜଗନ୍ନାଥ ସେନା ତରଫରୁ ଦାବି ପତ୍ର ପ୍ରଦାନ କରାଯାଇଥିବା ବେଳେ ଗୁରୁବାର ଦିନ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଭେଟି ଏ ସମ୍ପର୍କରେ ଅବଗତ କରାଇଛନ୍ତି। ତେବେ ଭୁବନେଶ୍ୱର ଓ ଖୋର୍ଦ୍ଧା ଆଡୁ ରଣପୁର ଆସୁଥିବା ବିଭିନ୍ନ ପର୍ଯ୍ୟଟକ ପାଇଁ ଜଙ୍କିଆ ଜାତୀୟ ରାଜପଥ ଠାରେ ଏକ ଦୂରତା ସମ୍ପର୍ଣ୍ଣ ସୂଚନା ଫଳକ ନଥିବାରୁ ସେପଟୁ ଆସୁଥିବା ପର୍ଯ୍ୟଟକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ସେହିଭଳି ଚାନ୍ଦପୁର ଟାଙ୍ଗୀ ଜାତୀୟ ରାଜପଥ ଓ ସୁନାଖଳା ନୟାଗଡ ଆଡୁ ରଣପୁରକୁ ସଂଯୋଗ କରୁଥିବା ସମସ୍ତ ପ୍ରବେଶ ପଥ ରେ ଦୂରତା ସମ୍ପର୍କୀୟ ସୂଚନା ଫଳକ ରହି ପର୍ଯ୍ୟଟନ କ୍ଷେତ୍ରର ନାମ ରହିଲେ ଏହା ବିଭିନ୍ନ ଆଡୁ ଆସୁଥିବା ପର୍ଯ୍ୟଟକଙ୍କୁ ବେଶ ସହାୟକ ହେବାଏନେଇ ରଣପୁର ଜଗନ୍ନାଥ ସେନା ର ପ୍ରୟାସ କୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି।

## ଗୟାବନ୍ଧ ମୌଜା ଗୋଚର ଜମି ହସ୍ତାନ୍ତର ନେଇ ପ୍ରଶାସନକୁ ଅଭିଯୋଗ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ତହସିଲ ଅନ୍ତର୍ଗତ ଜଂକିଆ ଥାନା ଅଧୀନ ଛଣଗିରି ରାଜସ୍ୱ କାର୍ଯ୍ୟାଳୟ ଅନ୍ତର୍ଗତ ଗୟାବନ୍ଧ ଗ୍ରାମର ଶତାଧିକ ଗ୍ରାମବାସୀ ଗୁରୁବାର ଦିନ ଟାଙ୍ଗୀ ତହସିଲଦାରଙ୍କୁ ଭେଟି ସେମାନଙ୍କ ଗୟାବନ୍ଧ ମୌଜାର ମୋଟ ୧୩୦ ଏକର ଗୋଚର ଓ ପୁରାତନ ପତିତ ଜମି ଇଡକୋକୁ ହସ୍ତାନ୍ତର ନ କରିବାକୁ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ କି ଗତ ତା ୦୪/୧୦ /୨୦୨୫ ରିଖ ଏବଂ ତା ୧୦ /୧୦/ ୨୦୨୫ ରିଖରେ ଟାଙ୍ଗୀ ତହସିଲଦାର ତରଫରୁ ଚାରୋଟି ନୋଟିସ ମାଧ୍ୟମରେ ଗୟାବନ୍ଧ ମୌଜାର ଖାତା ନଂ ୩୩୮ ର ପ୍ଲଟ ନଂ ୫୩୨, ୫୪୨, ୫୭୨,୫୭୪,୧୪୪,୫୦, ୬୮,୬୧,୧୭୬,୫୮୫,୫୮୩,୭୦୫ ଓ ଖାତା ନଂ ୩୪୦ ର ପ୍ଲଟ ନଂ ୫୮୧,୫୮୪,୫୯୩,୭୦୨,୫୯୮,୫୭୯ ସମୁଦାୟ ୧୩୦ ଏକରରୁ ଅଧିକ ଗୋଚର ଓ ପୁରାତନ ପତିତ ଜମି ରହିଅଛି। ସେହିପରି ନୟାକୋଟ ମୌଜାରେ ଥିବା ୨୮୪, ୦୩, ୦୧,୭୯୨, ୫୮୭. ୯୧୩.୯୧୦, ୪୨୪,୪୪୦, ୪୩୫,ରେ ଥିବା ମୋଟ ଏରିଆ ୨୦୧ ଏକର ୬୯୫ ଡେସିମିଲରୁ ଉର୍ଦ୍ଧ ଜାଗାରେ ଥିବା କିସମ ଗୋଚରକୁ ପରିବର୍ତନ କରି ଇଡକୋକୁ ହସ୍ତାନ୍ତର କରିବାକୁ ଚାରି ଗୋଟି ନୋଟିସ ମାଧ୍ୟମରେ ପଞ୍ଚାୟତକୁ ଜଣାଇ ଦିଆଯାଇଛି। ତେଣୁ ଗ୍ରାମବାସୀମାନେ ଏହି ବିଷୟରେ ଆଲୋଚନା ପାଇଁ ଗ୍ରାମରେ ଏକ ଗ୍ରାମସଭା ଗତ ୧୩ ତାରିଖରେ ଡ଼କାଇଥିଲେ।ଏହାପରେ ଗ୍ରାମରେ ଏକ କମିଟି ତହସିଲ ପକ୍ଷରୁ ନୋଟିସ ହୋଇଥିବା ସମସ୍ତ ପ୍ଲଟ ଗୁଡିକୁ ଯାଇ ତଦାରଖ କରିଲା ପରେ ଜାଣିଲା ଯେ ମୌଜା ନୟାକୋଟ ମୌଜା ଜମି ହସ୍ତାନ୍ତରରେ ସେମିତି କିଛି କ୍ଷତି ହେଉ ନଥିବାବେଳେ ମୌଜା ଗୟାବନ୍ଧରେ ଥିବା ପ୍ଲଟ ଗୁଡକରେ ଗ୍ରାମବାସୀମାନେ ଗ୍ରାମର ସୃଷ୍ଟି କାଳୁ ଜୀବନ ଜୀବିକା ନିର୍ବାହ ସହିତ ଘର ଦ୍ୱାର ଏବଂ ମନ୍ଦିର ବାଡି , ଖେଳପଡିଆ ଆଦି କରି ରହି ଆସୁଛନ୍ତି । ଗ୍ରାମରେ ଥିବା ୪୦୦ ପରିବାରରୁ ଉର୍ଦ୍ଧ ଲୋକ ମାନଙ୍କ ସମସ୍ତ ଗାଈଗୋରୁ ଏବଂ ଗୃହପାଳିତ ପଶୁ ଏହି ଜାଗାରେ ଚରାବୁଲା କରି ଆସୁଛନ୍ତି । ପ୍ଲଟ ନଂ ୭୦୨ରେ ଗ୍ରାମର ଖେଳ ପଡିଆ ରହିଛି। ଯେଉଁ ପଡିଆରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ କ୍ରିକେଟ ଏବଂ ରାଜ୍ୟ ସ୍ତରୀୟ ଫୁଟବଲ ଖେଳ ପ୍ରତିବର୍ଷ ଅନୁଷ୍ଠିତ ହେଉଛି ।

ଅନ୍ୟ ଦିନ ମାନଙ୍କରେ ସକାଳେ ଗ୍ରାମର ସମସ୍ତ ବ୍ୟକ୍ତି ସୁସ୍ଥ ରହିବା ପାଇଁ ଚଲାବୁଲା , ଯୋଗ ଅଭ୍ୟାସ କରିବା ସହ ଉପର ବେଳା ସମୟରେ ଗ୍ରାମର ପିଲାମାନେ ବିଭିନ୍ନ ଖେଳ କୁଦ କରିଥାନ୍ତି । ଗ୍ରାମରେ ଥିବା ସରକାରୀ ବିଦ୍ୟାଳୟର ସମସ୍ତ ଖେଳ କୁଦ ଏହି ପଡ଼ିଆରେ ହୋଇଥାଏ । ଏଥି ସହିତ ସରକାରଙ୍କ ତରଫରୁ ୭୦୨ ପ୍ଲଟରୁ ଇ.ଆର୍ ଆର୍. ପି ଯୋଜନାରେ ଗ୍ରାମ ଗରିବ ଲୋକ ମାନଙ୍କୁ ସେମାନଙ୍କ ଜୀବନ ଜୀବିକା ନିର୍ବାହ ପାଇଁ ଜାଳୁ ବୃକ୍ଷ ରୋପଣ କରାଯାଇ ସେହି ପ୍ଲଟକୁ ବଣ୍ଟନ କରାଯାଇଅଛି । ପ୍ଲଟ ନଂ ୫୮୧ରେ ଗ୍ରାମର ସର୍ବ ପୁରାତନ ହନୁମାନ ମନ୍ଦିର ଅବସ୍ଥିତ । ବର୍ଷର ବିଭିନ୍ନ ପର୍ବପର୍ବାଣୀରେ ଗ୍ରାମବାସୀ ମାନେ ଏହି ମନ୍ଦିର ଠାରେ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି । ପ୍ଲଟ ନଂ ୫୮୪, ୫୩୨, ୫୭୪ରେ ଗ୍ରାମର ୭୦ରୁ ଉର୍ଦ୍ଧ ଗରିବ ପରିବାର ଗୁଡିକ ପୁରଷ ପୁରୁଷ ଧରି ଘର କରି ରହି ଆସୁଅଛନ୍ତି । ବହୁ ସଂଖ୍ୟାରେ ଏହି ଜାଗାରେ ବଣ୍ୟଜନ୍ତୁ ଯଥା – ମୟୁର, ହରିଣ, ବାରହା, ବଣ କୁକୁଡା, ହାତୀ ଆଦି ଦୀର୍ଘ ଦିନ ଧରି ରହି ଆସୁଛନ୍ତି ।

ଯଦି ସରକାର ଏମିତି ପଦକ୍ଷେପ ନିଅନ୍ତି ଗ୍ରାମର ସମସ୍ତ ପରିବାର ଏବଂ ଗୃହ ପାଳିତ ପଶୁ ଏବଂ ବଣ୍ୟ ଜନ୍ତୁ ମାନେ ବହୁ ମାତ୍ରାରେ ପ୍ରଭାବିତ ହେବେ । ପ୍ରଶାସନ ଯଦି ସେମାନଙ୍କ ଅଭିଯୋଗକୁ ଅଣଦେଖା କରେ ତାହା ହେଲେ ସେମାନେ ପ୍ରଶାସନ ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି । ଗୁରୁବାର ଦିନ ଶତାଧିକ ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ନୋଟିସରେ ଦର୍ଶାଯାଇଥିବା ଗୟାବନ୍ଧ ମୌଜାର ସମସ୍ତ ପ୍ଲଟ ଗୁଡିକୁ ନୋଟିସରୁ ବାଦ ଦେଇ ଜାଗା ଗୁଡିକୁ ପୂର୍ବବସ୍ଥା ରଖିବା ପାଇଁ ଅନୁରୋଧ କରିଥିଲେ। ଏ ବିଷୟରେ ତହସିଲଦାର ନିଷ୍ଠା ମହାପାତ୍ର ଙ୍କୁ ପଚାରିବାରୁ ସେ କହିଲେ ଗ୍ରାମବାସୀଙ୍କ ଅଭିଯୋଗକୁ ଗ୍ରହଣ କରି ସେ ଶୁକ୍ରବାର ଉକ୍ତ ମୌଜାକୁ ଯାଇ ସରଜମିନ ତଦନ୍ତ କରି ଯାହା ପଦକ୍ଷେପ ନେବେ।

## ଛାତ୍ରଛାତ୍ରୀଙ୍କ ଦକ୍ଷତା ପରିଚୟ ସୃଷ୍ଟି କରେ ସୁରଭି

ବାଲିପାଟଣା ,(ସବ୍ୟୁ): ବାଲିପାଟଣା ବ୍ଲକ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୂଖ୍ୟ ଅତିଥି ଭାବରେ ଯୋଗଦେଇ ବି ଇ ଓ ଡଃ ପ୍ରଭାତ କୁମାର ରଥ ସୁରଭି ଛାତ୍ରଛାତ୍ରୀଙ୍କ ଦକ୍ଷତାର ପରିଚୟ ସୃଷ୍ଟି କରେ ବୋଲି ୨୦୧୧ ମସିହାରୁ ସୁରଭି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି କହିଛନ୍ତି ।ବୁଧବାର ପୂର୍ବାହ୍ନ ସ୍ଥାନୀୟ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ରେ ସିଆରସିସି ମମିତା ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଏବି ଇ ଓ ଯଶୋଦା ସାହୁ , ବିଜୟ ବେହେରା ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ମୋଟ ୧୨ ଟି ବିଦ୍ୟାଳୟ ରୁ ଆସିଥିବା ବିଭିନ୍ନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତ ଅନୁଷ୍ଠିତ ହୋଇଥିଲା ।କୃତି ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିବା ସହିତ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ରୋଜାଲିନ ସାହୁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ ।

## ବାଣ ଜବତ : ଜଣେ ଗିରଫ

ସାକ୍ଷୀଗୋପାଳ, (ସବ୍ୟୁ): ସତ୍ୟବାଦୀ ଥାନା ଅଧୀନ ଅଞ୍ଚଳରେ ଅବୈଧ ଭାବରେ ଆତସବାଜି ତିଆରି ଓ ରଖିବା ସମ୍ପର୍କରେ ଏକ ମାମଲା ରୁଜୁ ହୋଇଛି। ସତ୍ୟବାଦୀ ଥାନା କେଶ ନ ୩୬୪ ତା. ୧୬.୧୦.୨୦୨୫ ରେ ବି.ଏନ.ଏସ. ଧାରା ୨୮୮, ଓଡିଶା ଫାୟାରଓ୍ୱର୍କସ ଏବଂ ଲାଉଡସ୍ପିକର ଆକ୍ଟ ଧାରା ୫, ଏବଂ ଇଣ୍ଡିଆନ ଏକ୍ସପ୍ଲୋସିଭ୍ସ ଆକ୍ଟ ଧାରା ୯ (ଇ) ଅନୁଯାୟୀ ମାମଲା ରଜିଷ୍ଟ୍ର ହୋଇଛି । ଏହି ମାମଲାରେ ଅଭିଯୁକ୍ତ ଭାବରେ ସୁଶାନ୍ତ କୁମାର ବେହେରା(୪୫) ୪୫), , କଳାପାହାଡ଼, ସତ୍ୟବାଦୀ, ପୁରୀ, ଙ୍କୁ ଚିହ୍ନଟ କରାଯାଇଛି । ଅଭିଯୁକ୍ତଙ୍କୁ ଆତସବାଜି ଓ ବିସ୍ଫୋରକ ସାମଗ୍ରୀ ରଖିବା ଓ ତିଆରି କରିବାର ଅଭିଯୋଗରେ ଗିରଫ କରାଯାଇଛି । ପୁରୀ ପୁଲିସ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ ଆଗାମୀ ପର୍ବ ପର୍ବାଣୀ ସମୟରେ ଅନୁମୋଦିତ ଆତସବାଜି ବ୍ୟତୀତ ଅନ୍ୟାନ୍ୟ ବିସ୍ଫୋରକ ଜିନିଷ ବ୍ୟବହାର ନ କରିବାକୁ କୁହାଯିବା ସହ ଅବୈଧ କାରଖାନା ବା ମାଗଜିନ ସମ୍ପର୍କରେ ତଥ୍ୟ ଥିଲେ ନିକଟସ୍ଥ ଥାନା କିମ୍ବା ୧୧୨କୁ ଜଣାଇବାକୁ ଅନୁରୋଧ କରାଯାଇଛି।

## ଡିପିଏସ କଳିଙ୍ଗ ପୁଣି ପ୍ରଥମ

ଫୁଲନଖରା, (ସବ୍ୟୁ) : ଭୁବନେଶର-କଟକ ଟ୍ରିନ୍ସିଟି ଅନ୍ତର୍ଗତ ଫୁଲନଖରା ଅଡ଼ାଳିଆ ଠାରେ ପରିଷ୍କଳିତ ଓଡ଼ିଶାର ଅଗ୍ରଣୀ ସିବିଏସଇ ବିଦ୍ୟାଳୟ ଦିଲ୍ଲୀ ପବ୍ଲିକ ସ୍କୁଲ କଳିଙ୍ଗ ପୁନର୍ବାର ଓଡ଼ିଶା ତଥା ଭୁବନେଶରର ପ୍ରଥମ ସିବିଏସଇ ସହ ଶିକ୍ଷା ବିଦ୍ୟାଳୟର ମାନ୍ୟତା ଲାଭ କରିଅଛି । ବିଦ୍ୟାଳୟର ସୁସ୍ଥ-ସୁନ୍ଦର ପରିବେଶ, ଉଚ୍ଚକୋଟୀର ତଥା ଅନୁକୁଳ ଶୈକ୍ଷିକ ବାତାବରଣ, ଅଭିଜ୍ଞ ଓ ତାଲିମପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ସିବିଏସଇ ତଥା ରାଜ୍ୟ ସରକାରଙ୍କ ନିୟମ ପାଳନରେ ଅଗ୍ରଣୀ ଏହି ବିଦ୍ୟାଳୟ ତା'ର ସାମଗ୍ରିକ ଉପଲବ୍ଧି ତଥା ଉଲ୍ଲେଖନୀୟ ପରୀକ୍ଷା ଫଳ ନିମନ୍ତେ ' ଏଜୁକେସନ ଓ୍ୱାର୍ଲଡ ଇଣ୍ଡିଆ ସ୍କୁଲ ଗ୍ୟାଙ୍କିଙ୍ଗ-୨୦୨୫-୨୬' ଦାରା ସର୍ବୋତ୍କୃଷ୍ଟ ତଥା ପ୍ରଥମ ସିବିଏସଇ ବିଦ୍ୟାଳୟ ଭାବେ ବିବେଚିତ ହୋଇଅଛି ।




ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରୋ-ଭାଇସ ଚେୟାରପର୍ସନ ଶ୍ରୀମତୀ ମାଲା ମିଶ୍ର ଏବଂ କାର୍ଯ୍ୟନିର୍ବାହୀ ଟ୍ରଷ୍ଟି ସୁନୟନା ପାତ୍ରେ। ଏହି ମର୍ଯ୍ୟାଦାଜନକ ସମ୍ମାନ ଗ୍ରହଣ କରିଅଛନ୍ତି । ଭୁବନେଶ୍ୱର ତଥା ଓଡ଼ିଶାର ପ୍ରଥମ ସିବିଏସଇ ବିଦ୍ୟାଳୟର ମାନ୍ୟତା ଲାଭକରିଥିବାରୁ ବିଦ୍ୟାଳୟର ଅଭିଭାବକ/ ଅଭିଭାବିକା ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ଏଥି ନିମନ୍ତେ ଅଭିନନ୍ଦନର ସୁଅ ଛୁଟିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡିପିଏସ କଳିଙ୍ଗ ଗତ ଦଶବର୍ଷ ଧରି କ୍ରମାଗତ ଭାବରେ ଓଡ଼ିଶାର ଶ୍ରେଷ୍ଠ ତିନୋଟି ବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇଆସୁଅଛି।

## ମନ୍ଦାରବସ୍ତ କ୍ଲଷ୍ଟରରେ ସୁରଭି

କଣାସ, (ସବ୍ୟୁ): କଣାସ ସ୍ଥିତ ମନ୍ଦାରବସ୍ତ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ସିନିଅର ବିଭାଗରେ ବିତର୍କ, ବକ୍ତୃତା, ପ୍ରବନ୍ଧ ଏବଂ ସୃଜନଶୀଳ ଲିଖନ ପରି ୯ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲାବେଳେ ଜୁନିଅର ବିଭାଗରେ ସୁନ୍ଦର ହସ୍ତାକ୍ଷର, ସୃତ ଲିଖନ,ଚିତ୍ରାଙ୍କନ, ଦେଶାତ୍ମକ ବୋଧକ ସଙ୍ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ପରି ୮ଟି ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ୧ମ,୨ୟ ଏବଂ ୩ୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀ ମାନଙ୍କୁ ମନୋନୀତ କରାଯାଇଥିଲା। ମନ୍ଦାରବସ୍ତ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସି.ଆର୍.ସି ସି ମମତା ସାହୁ ଅଧକ୍ଷତା କରିଥିଲାବେଳେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଶର୍ମିଷ୍ଠା ଛୁଆଳସିଂହ, ପ୍ରଧାନ ଶିକ୍ଷକ କାଶୀନାଥ ବେହେରା ପ୍ରଦୀପ ପ୍ରଜ୍ବଳନ କରି ଶୁଭ ଉଦଘାଟନ କରିଥିଲେ।ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କଣାସ ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା, ପ୍ରଫୁଲ୍ଲ ବେହେରା, ଏସ ଏମ ସି କମିଟିର ସଭାପତି ନିର୍ମଳ କୁମାର ଗଜେନ୍ଦ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ ଓ ଶିକ୍ଷକ ନୃସିଂହ ଚରଣ ମହାପାତ୍ର ସଂଯୋଜନା କରିଥିଲେ ଓ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଧରଣୀଧର ମହାରଣା ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବିଶ୍ୱନାଥ ପୁର କ୍ଲଷ୍ଟରରେ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀଙ୍କ ଆହ୍ୱାନ କ୍ରମେ ଓ ସିଆରସିସି ଅଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ କଳା ଓ ସଂସ୍କୃତିର ଅନନ୍ୟ କାର୍ଯ୍ୟକ୍ରମ ଶିଶୁ ସୁରଭି କାର୍ଯ୍ୟକ୍ରମ ୨୦୨୫-୨୬ ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରରେ ଥିବା ୧୩ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ବକ୍ତୃତା,ନୃତ୍ୟ,ସଙ୍ଗୀତ ଇତ୍ୟାଦି ରେ ଅଂଶଗ୍ରହଣ କରି ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ।ଶେଷ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କର ମନ ମୋହି ନେଇଥିଲା।ସର୍ବ ଶେଷ ରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ ପ୍ରଶାନ୍ତ କୁମାର ଜେନା,ଉମେଶ ସିଂ,ମାଳବିକା ସ୍ୱାଇଁ, ଅପର୍ଣ୍ଣା କୁମାରୀ ବେହେରା, ଲିଟିନା ଖଟେଇ ଓ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବିଭୂତିପୁର ୟୁଜିୟୁପିରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

କାକଟପୁର, (ସବ୍ୟୁ): କାକଟପୁର ମଣ୍ଡଳ ଶିକ୍ଷା ବିଭାଗ ଅନ୍ତର୍ଗତ କାକଟପୁର ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରର ବାର୍ଷିକ ଶିଶୁ ମହୋତ୍ସବ ସୁରଭି ୨୦୨୫ କଟକଣା ଉର୍ଦ୍ଧ୍ୱ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଲୋକ ମିଶ୍ରଙ୍କ ସଭାପତିତ୍ୱ ଓ ସିଆରସିସି ଶେଖ ଜିଆଉଲ ହକଙ୍କ ସଂଯୋଜନାରେ ବିଭୂତିପୁର ୟୁଜିୟୁପି ସ୍କୁଲରେ ଅନୁଷ୍ଠିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମରେ ୧୦ ବିଦ୍ୟାଳୟର ୧୪୦ ଛାତ୍ରଛାତ୍ରୀ ନୃତ୍ୟ ସଂଗୀତ, ସୃଜନଶୀଳ ଲିଖନ ସମେତ ବିଭିନ୍ନ ବିଭାଗରେ ଅଂଶ ଗ୍ରହଣ କରି ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରିଥିଲେ । ।ଏହି କାର୍ଯ୍ୟକ୍ରମରେ ୧୦ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷକ୍ଷିତ୍ରୀଙ୍କ ସମେତ ଦିପ୍ତୀ କୁମାରୀ ମହାନ୍ତି, ମୋକାରିବ ଖାଁ, ଯାଜ୍ଞସେନୀ ଓଝା, ଜ୍ୟୋର୍ତିମୟୀ ବେହେରା,ମୁନୀର ଅହମ୍ମଦ ଖାଁ, ବିକ୍ରମ ସେଠୀ,ମଙ୍ଗଳା ଭୂୟାଁ,ଶେଖ ଲୋକମାନ ହକିମ, ଅନସାର ହୋସେନ ଖାଁ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଲକ୍ଷାଧିକ ଟଙ୍କାର ସାଗୁଆନ କାଠ ଜବତ

ଆଠଗଡ଼, (ସବ୍ୟୁ) : ବନବିଭାଗ ପକ୍ଷରୁ ଚଢ଼ାଉ କାଠ ସହିତ ଗାଡ଼ି ଜବ୍ଦ। ବିଶେଷ ସୁତ୍ରରୁ ଖବର ପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିନ ନୂଆପାଟଣା ଗ୍ରାମରେ ବନବିଭାଗର ଚଢ଼ାଉ କରିଥିଲେ । ଏଠାରେ ଗୋଟିଏ ଟାଟା ଏସି ଗାଡ଼ି ଯାହାର ନମ୍ବଃ କ୍ଲ୦୫ ଅ୍ଗ ୧୫୧୮ ସହିତ ୧୬ ଟି ଶାଗୁଅନ ଲକ ଜବତ । କାଠର ମୂଲ୍ୟ ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି। ଏହି ଚଢାଉରେ ଖୁଣ୍ଟୁଣୀ ବନାଞ୍ଚଳ ର ଫରେଷ୍ଟର ପ୍ରମୋଦ ସେନାପତି ଫରେଷ୍ଟ ଗାର୍ଡ ରମାକାନ୍ତ ବଳବନ୍ତରାୟ ଙ୍କ ସମେତ ବହୁ ବନ କର୍ମଚାରୀ ଚଢାଉରେ ସାମିଲ ହୋଇଥିଲେ।

## ୟୁଥ କନ୍‌କ୍ଲେଭ, କାଞ୍ଚନ କର୍ପୋରେଟ ଆୱାର୍ଡ-୨୦୨୫




ବାଲିଅନ୍ତା, (ସବ୍ୟୁ): ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ପକ୍ଷରୁ ୟୁଥ କନକ୍ଲେଭ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଷଷ୍ଠ କାଞ୍ଚନ କର୍ପୋରେଟ ଆୱାର୍ଡ-୨୦୨୫ ଭୁବନେଶରସ୍ଥିତ ହୋଟେଲ ମେ ଫେ ୟାରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ତାପସ ରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ମୁଖ୍ୟ କ୍ତା ଭାବେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ମାନବସମ୍ବଳ ଆଶୁତୋଷ ରଥ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ, ପ୍ରବାସୀ ଓଡ଼ିଆ ବିଜେପି ରାଜ୍ୟ ମୁଖ୍ୟ ସଂଯୋଜକ ଜ୍ୟୋତିରଞ୍ଜନ ନାୟକ ଓଡ଼ିଶା ସଂଗ୍ରାହଳୟର ପୂର୍ବତନ ନିର୍ଦ୍ଦେଶିକା ଭାଗ୍ୟଲିପି ମଲ୍ଲ, ରାଜଧାନୀ ପୁସ୍ତକ ମେଳାର ସଭାପତି ଡ.ଉପେନ୍ଦ୍ର ଜେନା, ସମାଜସେବୀ ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ କର୍ପୋରେଟ ଜଗତର ୧୫ଜଣ ବିଶିଷ୍ଟ ଉଦ୍ୟୋଗପତିଙ୍କୁ କାଞ୍ଚନ କର୍ପୋରେଟ ଆୱାର୍ଡ -୨୦୨୫ ପ୍ରଦାନ କରାଯାଇଥିଲା ।ପରେ ପରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଶୁଭଶ୍ରୀ କଳାଶ୍ରୀନିକେତନର ଶୁଭଶ୍ରୀ ମହାନ୍ତି ଏବଂ ତାଙ୍କ ସାଥୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲା ବେଳେ ଜୟଶ୍ରୀ ଧଳ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରଞ୍ଜନ କୁମାର ମହାପାତ୍ର ସାଗତ ଭାଷଣ ଦେଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଶୁଭୋଜିତ ପଣ୍ଡା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଶ୍ରୀଲିପି କୁମାର ପ୍ରଧାନ, ଜ୍ୟୋତିର୍ମୟ ପାଣି,ତପନ ସାଇଁ, ଗୋପାଳ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ସାକ୍ଷୀଗୋପାଳ କଲେଜରେ ରାଷ୍ଟ୍ରୀୟ ପୋଷଣ ସଚେତନତା କାର୍ଯ୍ୟକ୍ରମ



ସାକ୍ଷୀଗୋପାଳ, (ସବ୍ୟୁ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ ଆନୁକୂଲ୍ୟରେ ଗୁରୁବାର ଦିନ ରାଷ୍ଟ୍ରୀୟ ପୋଷଣ ମାସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାଗୃହ ରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରାଧ୍ୟାପିକା ପୁଷ୍ପମିତ୍ରା ପଟ୍ଟନାୟକ ସୁପୋଷିତ ଭାରତ ସଶକ୍ତ ଭାରତ ଓ ସଶକ୍ତ ଭାରତ ହିଁ ଶ୍ରେଷ୍ଠ ଭାରତ ହେବ ବୋଲି ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ତଥା ସାଧନ କର୍ମୀ ଭାବେ ଯୋଗଦେଇ ସାକ୍ଷୀଗୋପାଳ ସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ର ପୋଷଣ ବିଭାଗ ର ବୈଜ୍ଞାନିକ ଡ଼କ୍ଟର ସୁମିତା ଆଚାର୍ଯ୍ୟ ସାମ୍ପ୍ରତିକ ସମୟରେ ସୁପୋଷଣ ଅଭାବ, ମେଦ ବହୁଳତା କିପରି ଗମ୍ଭୀର ସମସ୍ୟା ଭାବେ ମୁଣ୍ଡ ଟେକିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ସଭା ପ୍ରାରମ୍ଭରେ ବରିଷ୍ଠ ଅଧ୍ୟାପିକା ଶ୍ରୀମତୀ ସସ୍ମିତା ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ।

ଅନ୍ୟତମ ଅତିଥି ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି ସୁସ୍ଥ ପରିବାର ସୁସ୍ଥ ଦେଶଗଠନ ର ପ୍ରାଥମିକ ସର୍ତ୍ତ ବୋଲି ମତ ଦେଇଥିଲେ ।ଏହି ଅବସରରେ ଛାତ୍ର ଛାତ୍ରୀଙ୍କୁ ଯୋଗ ପ୍ରଶିକ୍ଷଣ ଦିଆଯାଇଥିଲା ଓ ଯୋଗ ର ଉପକାରିତା ସମ୍ପର୍କ ରେ ଡ଼କ୍ଟର ରାଜଶ୍ରୀ ଶତପଥୀ ସୂଚନା ଦେଇଥିଲେ । ଏହା ସହ ରନ୍ଧନ ପ୍ରତିଯୋଗିତା ର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରିଶେଷରେ ଅଧ୍ୟାପିକା ଶ୍ରୀମତୀ ସଂଘମିତ୍ରା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସରସ୍ୱତୀ କଳା ପରିଷଦର ସାମ୍ବାଦିକଙ୍କୁ ଶ୍ରଦ୍ଧାଞ୍ଜଳି

ଫୁଲନଖରା ,(ସବ୍ୟୁ): ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ପକ୍ଷରୁ ପରିଷଦର କଳାବିହାର ସ୍ଥିତ କାର୍ଯ୍ୟାଳୟରେ ପରିଷଦର ବରେଣ୍ୟ ସଂଯୋଜକ ଚକ୍ରବର୍ତ୍ତୀ ଓତାଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପରିଷଦର ଉପ ସଭାପତି ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସଂପାଦକ ଅଶୋକ ପଟ୍ଟନାୟକ, ସଭାପତି ପ୍ରତିଭା ଶତପଥୀ,ପ୍ରଧ୍ୟାପକ ଡକ୍ଟର କଳି ମୁଲ୍ଲା,ଇଂ.ଅଶୋକ ବିଶ୍ୱାଳ,ଅଶୋକ ବିଶାଳ ରାଷ୍ଟ୍ରବାଦୀ ସଂଘ ଓଡ଼ିଶା ସଭାପତି ସାମାଜିକ କର୍ମୀ ଇଂ.ଗିରିଜା ଶଙ୍କର ପତି, ସାଂସ୍କୃତିକ ସଂପାଦକ ଦୈତାରି ପ୍ରଧାନ,ଉପଦେଷ୍ଟା ବାବୁଲି ପାତ୍ର, ସାହିତ୍ୟିକ ବିକ୍ରମ ନନ୍ଦ,ସମାଜସେବୀ ପ୍ରଲୋପ ନାରାୟଣ ମହାପାତ୍ର,କୃଷକ ନେତା ଦେବୀ ପ୍ରସାଦ ପତି,ଆଓ୍ୱାଜ ମିଡ଼ିଆ ବ୍ୟୁରୋ ମୁଖ୍ୟ ସାମ୍ବାଦିକ ସତ୍ୟବ୍ରତ,କୋଷାଧ୍ୟକ୍ଷ ଇଂ.ସେବକ ଶ୍ରୀକାନ୍ତ,କଣ୍ଠଶିଳ୍ପୀ ମଣ୍ଟୁ,ଇଂ.ଅମୀୟ ରଂଜନ,ପପିନା ବେହେରା, ପ୍ରିୟାଂଶି ସାହୁ,ହରପ୍ରିୟା ହାତୀ,ଆଶିଷ ବାଡ଼ି,ପରିଷଦ ସମସ୍ତ କାର୍ଯ୍ୟକର୍ତ୍ତା,ସରସ୍ୱତୀ ସଙ୍ଗୀତ ବିଦ୍ୟାଳୟର ବିଦ୍ୟାର୍ଥୀ, ଅଭିଭାବକ ଅଭିଭାବିକା ଆଦି ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ । ମାନ୍ୟବର ବିଧାୟକ କଟକ ସଦର ସ୍ତମ୍ଭକାର ଇଂ.ପ୍ରକାଶ ଚଂଦ୍ର ସେଠୀ, ହୃଷୀକେଶ ଜେନା,ନିରଂଜନ ରାଉଳ,ସମୀର ପଣ୍ଡା,ଯୋଗେନ୍ଦ୍ର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି ପ୍ରମୁଖ ଶୋକ ପ୍ରକାଶ କରିଥିଲେ ।

## ବୟାଳିଶମୌଜାରେ ବନ୍ଦ ହୋଇଗଲାଣି ହାଇମାଷ୍ଟ ଲାଇଟ

ଫୁଲନଖରା, (ସବ୍ୟୁ):ବୟାଳିଶମୌଜାର ବିଭିନ୍ନ ପଂଚାୟତରେ ଥିବା ବିଭିନ୍ନ ଛକ ସ୍ଥାନ ଏବଂ ଗାଁ ର ମଧ୍ୟ ଭାଗରେ ପଞ୍ଚୟତ ଉନ୍ନୟନ ପାଣ୍ଠି ଏବଂ ବିଧାୟକ ଉନ୍ନୟନ ପାଣ୍ଠି ରୁ ହାଇମାକ୍ସ ଲାଇଟ ଲଗାଯାଇଥିଲା । ଏହା ଲୋକମାନଙ୍କର ବହୁ କାମରେ ଆସୁଥିବା ବେଳେ ଛକ ଏବଂ ଗାଁ ଗୁଡିକରେ ଚୋରି ଏବଂ ଅସମାଜିକ ଆଡା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା ।ହେଲେ ଏହି ତିନିମାସ ମଧ୍ୟରେ ସେହି ହାଇମାକ୍ସ ମଧ୍ୟରୁ ଆର୍ଦ୍ଧାଧିକ ଖରାପ ହୋଇଗଲାଣି । ଫଳରେ ସେହି ସ୍ଥାନ ସବୁ ଅନ୍ଧାର ରହିବ ଦ୍ୱାରା ଅସମାଜିକ ବ୍ୟକ୍ତିମାନଙ୍କର ଆଡା ସ୍ଥଳୀ ପାଲିଟି ଗଲାଣି । ଝିଙ୍କିରିଆ ଦୁର୍ଗାଘର ସମ୍ମୁଖରେ ଲାଗିଥିବା ହାଇମାକ୍ସ ଲାଇଟ ଦୀର୍ଘ ୬ମାସ ଧରି ଅଚଳ ହୋଇପଡିରହିଛି ।

ଅନ୍ୟପଟେ ମା କନକ ଦୁର୍ଗା ପୀଠ ସ୍ଥଳୀରେ ଲାଗିଥିବା ହାଇମାକ୍ସ ବନ୍ଦ ହୋଇପଡିଛି । ସେହିପରି ବେଣ୍ଟକାର ଛକରେ ଲାଗିଥିବା ହାଇମାକ୍ସ ଅଧା ଜଳୁଛି । ଝିଙ୍କିରିଆ ସେତୁ ରେ ଅଧା ଲାଇଟ ଜଳୁ ଥିବା ବେଳେ ଆଉ ଅଧା ଡିଜେ ଲାଇଟ ଭଳି ଧପ ଧପ ହେଉଛି । ଗାଁ ରାସ୍ତାରେଥିବା ବିଦ୍ୟୁତ ଖୁଣ୍ଟିରେ ଲାଗିଥିବା ଲାଇଟ ପ୍ରାୟ ସବୁ ଗାଁରେ ବନ୍ଦ ପଡିଛି।

ତେବେ ସରକାରଙ୍କ ଯୋଜନା ଅନୁଯାୟୀ ଲାଇଟ ଲଗାଇଥିବା ଠିକା ସଂସ୍ଥା ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ତୁଲାଇବା କଥା । ପଞ୍ଚାୟତର ଉନ୍ନୟନ ଯୋଜନା ମଧ୍ୟରେ ନୂଆ ଲାଇଟ ଲଗାଇବା ଏବଂ ରକ୍ଷଣାବେକ୍ଷଣ କରିବାର ପ୍ରୋତ୍ସାହନ ଠିକେ ମଧ୍ୟ ସମ୍ପୃକ୍ତ ସରପଞ୍ଚମାନେ ଏ ବିଷୟରେ କର୍ଣ୍ଣପାତ କରୁନାହାନ୍ତି । ତୁରନ୍ତ ଏହି ଲାଇଟ ଗୁଡିକୁ ସଜା ବୟାଳିଶମୌଜା ଉନ୍ନୟନ ପରିଷଦ ତରଫରୁ ଦାବି କରାଯାଇଛି ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି




ବଡମ୍ବା,(ସବ୍ୟୁ): ରଗଡ଼ି ନୋଡାଲ କ୍ଲଷ୍ଟର ଅନ୍ତର୍ଗତ ଚମ୍ପେଇଦ୍ୱାର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରାଙ୍ଗଣରେ ଚମ୍ପେଇଦ୍ୱାର ଗଡାପୋଖରୀ ଉଚ୍ଚ ବିଦ୍ୟାଳୟ ଓ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟଦ୍ୱୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପଣ୍ଡା ଓ ରମେଶ ଚନ୍ଦ୍ର ବେହେରାଙ୍କ ସହଯୋଗରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସମାପନ ହୋଇଛି ।କ୍ଲଷ୍ଟର ସଂଯୋଜକ ସୁରସୁନ୍ଦର ଶତପଥୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବଡମ୍ବା ନରସିଂହପୁର ମଣ୍ଡଳ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂହ,ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ବଡମ୍ବା ମଣ୍ଡଳ ସହ ଶିକ୍ଷାଧିକାରୀ ବିବେକାନନ୍ଦ ସାହୁ,ବିଶିଷ୍ଟ ଅତିଥିଭାବେ ଦିନିଆରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ସନାତନ ବେହେରା,ସମ୍ମାନିତ ଅତିଥିଭାବେ ବଡମ୍ବା ମଣ୍ଡଳ ପ୍ରାକ୍ତନ ସହ ଶିକ୍ଷାଧିକାରୀ ନରେନ୍ଦ୍ର କୁମାର ରଥ,ବର୍ତ୍ତମାନର ବଡମ୍ବା ମଣ୍ଡଳ ସହ ଶିକ୍ଷାଧିକାରୀ ଶିବ ପ୍ରସାଦ ବ୍ରହ୍ମା, ସହ ଶିକ୍ଷାଧିକାରୀଣି ସୁଷମା ମଞ୍ଜରୀ ମହାଳିକ,ସମାଜସେବୀ ନିଗମାନନ୍ଦ ନାୟକ,ସିନେ କଳାକାର ମନୋରଞ୍ଜନ ମହାନ୍ତି,ଶିଳ୍ପୀ ସଂଜୀବିତା, ବିଶିଷ୍ଟ ପାଲାଗାୟକ ମାୟାଧର ଶତପଥୀ ପ୍ରଭୃତି ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ । ୮ ଟି ବିଦ୍ୟାଳୟରୁ ପ୍ରାୟ ୧୫୦ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଶିଶୁ ମହୋତ୍ସବ ସୁରଭିକାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରାୟ ୨୦ଟି ପ୍ରତିଯୋଗିତା ହୋଇଥିଲା । ଚିତ୍ରାଙ୍କନ,ସୃଜନଶୀଳ ଲିଖନ,ତର୍କ,ବକ୍ତୃତା,କୁଇଜ,ସୁନ୍ଦର ହସ୍ତାକ୍ଷର ଓ ବିଶେଷ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ର ଓ ଛାତ୍ରୀମାନଙ୍କ ପାଇଁ ଗଳ୍ପ କଥନ,ଚିତ୍ରାଙ୍କନ ଓ ଗଣିତ ଦୌଡ଼ ପ୍ରତିଯୋଗିତା ମାନ ହୋଇଥିଲା ଯାହା ଚଳିତ ବର୍ଷ ସୁରଭିକୁ ବହୁତ ଋଦ୍ଧିମନ୍ତ କରିଥିଲା । କାର୍ଯ୍ୟକ୍ରମକୁ ଚମ୍ପେଇଦ୍ୱାର ଗଡାପୋଖରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ସଂଯୋଜନା କରିଥିଲାବେଳେ ନୂଆପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ସେଠୀ,ରଗ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ମଞ୍ଜରୀ ସ୍ୱାଇଁ,ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁବାଳା ରାଉତ,ଶିକ୍ଷୟିତ୍ରୀ ଶାନ୍ତିଲତା ନାଏକ ପ୍ରମୁଖ ସହଯୋଗ କରିଥିଲେ । ସର୍ବଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନରେ ଦିନିଆରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଦିତୀୟ ରଗ ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ତୃତୀୟ ସ୍ଥାନରେ ଚମ୍ପେଇଦ୍ୱାର ଗଡାପୋଖରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରୀମାନେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଆସନ୍ତା ବ୍ଲକ ସ୍ତରୀୟ ସୁରଭିକୁ ପ୍ରଥମ ଗୃପ ଉନ୍ନୀତ ହୋଇଥିଲା ବେଳେ ୨୧ ବର୍ଷ ଇତିହାସରେ ପ୍ରଥମଥର କରି ଚମ୍ପେଇଦ୍ୱାର ଉଚ୍ଚ ଓ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଆୟୋଜନ ପାଇଁ ସୁଯୋଗ ଦେଇଥିବାରୁ କ୍ଲଷ୍ଟର ସଂଯୋଜକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ଶେଷରେ ଶିକ୍ଷୟିତ୍ରୀ ସୁଲୋଚନା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୌରାଙ୍ଗପୁର ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି ଉଦ୍‌ଯାପିତ

ରଣପୁର, (ସବ୍ୟୁ): ନୟାଗଡ଼ ଜିଲ୍ଲା ରଣପୁର ଶିକ୍ଷା ମଣ୍ଡଳ ଗୌରାଙ୍ଗପୁର , ଗୋପାଳପୁର, କାସନ୍ଦା ଆଦି ସମସ୍ତ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହେଉଛି। ବୁଦବାର ବିଳମ୍ବିତ ସନ୍ଧ୍ୟାରେ ଗୌରାଙ୍ଗପୁର ବିଦ୍ୟାଳୟ ରେ ବଳରାମପୁର ଓଡିଶା ଆଦର୍ଶ ବିଦ୍ୟାଳୟ ସମେତ ୧୫ ଟି ବିଦ୍ୟାଳୟକୁ ନେଇ ୨୦୨୫ ଶିଶୁ ସୁରଭି ମହୋତ୍ସବ ଉଦଯାପନୀ ହୋଇଯାଇଛି। ଏଥିରେ ୨୪୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୁଇଜ ଠାରୁ ଆରମ୍ଭ କରି ଚିତ୍ରାଙ୍କନ ଓ କଳାହାଣ୍ଡିର ଘୁମୁରା ନତ୍ୟ ଆଦି ପରିବେଷଣ କରାଯାଇଥିଲା। ଗୌରାଙ୍ଗପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବିଦେଶିନୀ ପତି ଆଦି ବିଚାରକ ମଣ୍ଡଳୀ ବିଚାରକ ଭାବେ ବିଚାର କରି ୯୩ ଜଣ ବିଭିନ୍ନ ବର୍ଗର ବିଭିନ୍ନ କ୍ଷେତ୍ରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଭା ଓ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟକୁ ମାନପତ୍ର ଓ ଟ୍ରଫି ମୁଖ୍ୟ ଅତିଥି ଆଚାର୍ଯ୍ୟ ଓ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।ଉଦଘାଟନୀ ପର୍ବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ପ୍ରଶନ୍ନ କୁମାର ରଥ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଉଦଯାପନୀ ସନ୍ଧ୍ୟା ସଭାରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଆଚାର୍ଯ୍ୟ ବିଶ୍ୱରଂଜନ,ମୁଖ୍ୟ ବକ୍ତା ଭାବେ ସମାଜସେବୀ ସିତେନ୍ଦ୍ର ବଳିଆର ସିଂ, ସଭାପତିତ୍ୱ କରିଥିଲେ ଗୌରାଙ୍ଗପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ବିଦେଶିନୀ ପତି,ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜିତେନ୍ଦ୍ର କୁମାର କାଣ୍ଡି,ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ମିଶ୍ର ଯୋଗ ଦେଇଥିଲେ। ଗୌରାଙ୍ଗପୁର ସାଧନ କେନ୍ଦ୍ର ସଂଯୋଜକ ସୁଧାକର ମିଶ୍ର ସମସ୍ତ ଆୟୋଜନ କରିବା ସହ ଧନ୍ୟବାଦ ଅର୍ପଣ କରି ନିଜର ଅଭିଜ୍ଞତା ପରିପ୍ରକାଶ କରିଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୬୫)

–ମୋକ୍ଷଯୋଗଃ–

(ଶ୍ରୀଭଗବାନୁବାଚ )

**ମନ୍ମନା ଭବ ମଦ୍ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ ।**
**ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ॥ ୬୫ ॥**

ତ୍ୱଂ ମନ୍ମନାଃ (ମଦେକଚିତ୍ତଃ), ମଦ୍ଭକ୍ତଃ (ମଦ୍ଭଜନଶୀଳଃ), ମଦ୍ୟାଜୀ (ମଦ୍ୟଜନଶୀଳଃ) ଭବ: ମାଂ ଏବ ନମସ୍କୁରୁ, (ଏବଂ ବର୍ତ୍ତମାନଃ ତ୍ୱଂ ମତ୍ପ୍ରସାଦାତ୍) ମାମେବ ଏଷ୍ୟସି (ପ୍ରାପ୍ସ୍ୟସି) (ଅତ୍ର ସଂଶୟଂ ମାଂ କାର୍ଷୀଃ), ତ୍ୱଂ ମେ ପ୍ରିୟଃ ଅସି, (ଅତଃ) ଅହଂ ତେ (ତୁଭ୍ୟଂ) ସତ୍ୟଂ (ଯଥା ଭବତି ଏବଂ) ପ୍ରତିଜାନେ (ପ୍ରତିଜ୍ଞାଂ କରୋମି) ॥ ୬୫ ॥

# ସରକାର ଓ ଗଣମାଧ୍ୟମ

ଗତ ୧୫ ଅକ୍ଟୋବର (୨୦୨୫)ରେ ଗୋଟିଏ ଦୈନିକ ସମ୍ବାଦପତ୍ରର ବାର୍ଷିକୋତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବାଦପତ୍ର ସମ୍ବନ୍ଧରେ ଅନେକ ମନ୍ତବ୍ୟ ଦେଇଛନ୍ତି । ସେ ସବୁ ବିଷୟ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ମଧ୍ୟ ପାଇଛି । ମୁଖ୍ୟମନ୍ତ୍ରୀଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ କଥା ମଧ୍ୟରୁ ଗୋଟିଏ କଥା ହେଉଛି ସମ୍ବାଦ ପରିବେଷଣ ବେଳେ ଗଣମାଧ୍ୟମର ଅନୁଷ୍ଠାନ ଓ ସମ୍ବାଦିକମାନେ ସତର୍କତା ଅବଲମ୍ବନ କରିବା ଉଚିତ । ପ୍ରକୃତରେ ତାହା ହିଁ ଠିକ୍ କଥା । ସମ୍ବାଦ ପରିବେଷଣ ସମୟରେ ସତର୍କତା ଅବଲମ୍ବନ କରାଯିବା ଅତ୍ୟନ୍ତ ଜରୁରୀ । ସମ୍ବିଧାନର ଧାରା ୧୯ (୧) (କ)ରେ ଯେଉଁ ମୌଳିକ ଅଧିକାର ବିଷୟରେ ଅବତାରଣା କରାଯାଇଛି, ତହିଁରେ ମତପ୍ରକାଶ କରିବାର ଓ କଥା କହିବାର ସ୍ୱାଧୀନତା ବିଷୟରେ ଉଲ୍ଲେଖ କରାଯାଇଛି । ମାତ୍ର ଏହି ସ୍ୱାଧୀନତାକୁ ସାମ୍ବାଦିକମାନେ ସ୍ୱେଚ୍ଛାଚାରିତାରେ ପରିଣତ ନ କରନ୍ତୁ । ଭାବିଚିନ୍ତି ସମାଚାର ପ୍ରକାଶନ ନ କଲେ ସମ୍ବାଦପତ୍ର ଉପରେ ଜନସାଧାରଣ ଆସ୍ଥା ହରାଇବେ । ଜନସାଧାରଣଙ୍କର ମୌଳିକ ସମସ୍ୟାଠାରୁ ଆରମ୍ଭ କରି, ଯାବତୀୟ ସମସ୍ୟା ଉପରେ ସମ୍ବାଦ ପରିବେଷଣ କରି ସମ୍ବାଦପତ୍ରଗୁଡ଼ିକ ଅତୀତରେ ଓ ଏବେ ମଧ୍ୟ ଜନସାଧାରଣଙ୍କର ହୃଦୟକୁ ସ୍ପର୍ଶ କରି ପାରିଛି । ଏ କଥା ସତ ଯେ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ସମ୍ବାଦପତ୍ରମାନେ ସରକାରୀ ବା ବେସରକାରୀ ବିଜ୍ଞାପନ ଉପରେ ନିର୍ଭର କରି କୌଣସିମତେ ତିଷ୍ଠି ରହିଛନ୍ତି । କରୋନା ମହାମାରୀ ସମୟରେ ଅଧିକାଂଶ ସମ୍ବାଦପତ୍ରକୁ ଗ୍ରାହକମାନେ ଆଉ ଆଗ୍ରହର ସହିତ କ୍ରୟ କଲେ ନାହିଁ । ଫଳରେ ସମ୍ବାଦପତ୍ର ପ୍ରକାଶିତ ହେଲା ସତ, କିନ୍ତୁ ଦୁର୍ଦ୍ଦଶା ଦେଇ ଗତି କଲା । ଏଠି ବଡ଼ ବା ଛୋଟ ଖବର କାଗଜମାନଙ୍କ ମଧ୍ୟରେ ଏକତା ନାହିଁ । ସାମ୍ବାଦିକମାନଙ୍କର ଯେଉଁ ସବୁ ସଂଘ ରହିଛି, ସେମାନଙ୍କ ମଧ୍ୟରେ ବି ଏକତା ନାହିଁ । ଅଥଚ ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ ଗୁରୁତ୍ୱ ଦେଇ ଆସିଛନ୍ତି । ସଂଘ ପାଇଁ ଜମି ଦେଇଛନ୍ତି ରାଜଧାନୀର କେନ୍ଦ୍ରାଞ୍ଚଳମାନଙ୍କରେ । ସାମ୍ବାଦିକ ସଂଘମାନେ ସଂଘର କୋଠାବାଡ଼ି କରିଛନ୍ତି । କିନ୍ତୁ ତଦ୍ୱାରା ପ୍ରକୃତ ସାମ୍ବାଦିକ ଉପକୃତ ହୁଅନ୍ତି କି ନାହିଁ, ସେ କଥା ଠିକ୍ ଭାବେ ଜଣା ନାହିଁ । ସାମ୍ବାଦିକ ସଂଘଗୁଡ଼ିକ ବୋଧହୁଏ ଠିକ୍ ଭାବେ କାର୍ଯ୍ୟ କରୁଥିବେ । ସଂଘଗୁଡ଼ିକ କେବଳ ସରକାରଙ୍କୁ ସ୍ମାରକପତ୍ର ଦେଇଦେଲେ କିମ୍ବା ବାର୍ଷିକ ଉତ୍ସବ ପାଳନ କରିଦେଲେ, ସାମ୍ବାଦିକଙ୍କ ସମସ୍ୟାର ସମାଧାନ ହୋଇ ପାରିବ ନାହିଁ । ଏଥିପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରାଯିବା ଆବଶ୍ୟକ । ରାଜ୍ୟ ସରକାର ଅନେକ ରାଜ୍ୟସ୍ତରୀୟ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ଓ ସମ୍ବାଦପତ୍ରମାନଙ୍କୁ ବାସଗୃହ ମଧ୍ୟ ଯୋଗାଇ ଦେଇଛନ୍ତି । ମାତ୍ର ଆହୁରି ଅନେକ ରହି ଯାଇଥିବା ସମ୍ବାଦପତ୍ରରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସରକାରୀ ସ୍ୱୀକୃତି ବା ସରକାରୀ ବାସଗୃହ ଯୋଗାଇ ଦେବାକୁ ରାଜ୍ୟ ସରକାର ଚିନ୍ତା କରିବେ ବୋଲି ଆମେ ଅନୁରୋଧ କରୁଛୁଁ ।

ଷାଠିଏ ଦଶକର ଗୋଟିଏ ଘଟଣା । ଅନେକ ବରିଷ୍ଠ ସାମ୍ବାଦିକଙ୍କର ହୁଏତ ମନେଥିବ । ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ମନଇଚ୍ଛା ସରକାରଙ୍କୁ ଗାଳି ଦେଇ ଲେଖୁଥିବା ସାମ୍ବାଦିକମାନଙ୍କର ସ୍ୱାଧୀନତାକୁ ସଙ୍କୁଚିତ କରିବା ଲାଗି ଓଡ଼ିଶା ବିଧାନସଭାରେ ଏକ ବିଲ୍ ଆଗତ କରିଥିଲେ । ମାତ୍ର ତତ୍କାଳୀନ ଭଦ୍ରକର ସ୍ୱାଧୀନ ବିଧାୟକ ନିତ୍ୟାନନ୍ଦ ମହାପାତ୍ର (ପରେ ମନ୍ତ୍ରୀ ହୋଇଥିଲେ) ଏହାର ଘୋର ବିରୋଧ କରିଥିଲେ । ଉଲ୍ଲେଖନୀୟ ଯେ ନିତ୍ୟାନନ୍ଦ ମହାପାତ୍ର 'ଦୈନିକ ଆଶା' ଓ ଆଉ ଏକ ଇଂରାଜୀ ଦୈନିକ The New Orissaର ସମ୍ପାଦକ ଥିଲେ । ସାପ୍ତାହିକ, ପାକ୍ଷିକ ଓ ପରେ ମାସିକ 'ଡଗର' ପତ୍ରିକାର ସେ ଜଣେ ସଫଳ ସମ୍ପାଦକ ମଧ୍ୟ ଥିଲେ । ବିଜୁ ବାବୁ ବିରୋଧୀ ଦଳକୁ ସମ୍ମାନ ଦେଇ ସେହି ବିଲ୍‌ଟିକୁ ଆଉ କାର୍ଯ୍ୟକାରୀ କଲେ ନାହିଁ । ଫଳରେ ସେହି ବିଲ୍‌ଟି ଅକାମୀ ହୋଇ ମୃତ ଆଇନରେ ପରିଣତ ହୋଇଥିଲା ।

ନିକଟରେ କୋଲକାତାର ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର କରାଯିବା ଘଟଣା ଗଣମାଧ୍ୟମରୁ ପ୍ରଥମେ ଜାଣିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନେଇଥିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ପଶ୍ଚିମବଙ୍ଗର ମହିଳା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପଦକ୍ଷେପ ବଳିଷ୍ଠ ନୁହେଁ ବୋଲି ବିଭିନ୍ନ ଗଣମାଧ୍ୟମ ପ୍ରକାଶ କରିଛି । ମାତ୍ର କେବଳ ସମ୍ବାଦପତ୍ର ନୁହେଁ, ସାମାଜିକ ଗଣମାଧ୍ୟମ ଓ ତଡ଼ିତ ଗଣମାଧ୍ୟମ (Electronic Media)ଙ୍କର ମଧ୍ୟ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅଯଥାରେ କାହାକୁ ସମାଲୋଚନା କରିବା ବା ଟେକାଟେକି କରିବା ସାମାଜିକ ଗଣମାଧ୍ୟମର ଧର୍ମ ନୁହେଁ । ଏଥିପ୍ରତି ସେମାନେ ସତର୍କ ରହିବା ଆବଶ୍ୟକ ।

## ସଙ୍କଳ୍ପ

**ଉଚ୍ଚ ହେବା ପାଇଁ,କର ଯେବେ ଆଶା,**
**ଉଚ୍ଚ କର ଆଗେ ,ନିଜ ମାତୃଭାଷା ॥**
**ଗଙ୍ଗାଧର ମେହେର**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# କଳିଙ୍ଗ ଘାଟିର ଭୂବିପର୍ଯ୍ୟୟ: ପ୍ରକୃତିର ପ୍ରତିଶୋଧ

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଓଡ଼ିଶାର ଭୂସ୍ୱର୍ଗ କାଶ୍ମୀର କୁହାଯାଉଥିବା ପ୍ରାକୃତିକ ବିଭବର ଅନନ୍ୟ ଗନ୍ତାଘର ଓଡ଼ିଶାର ଦକ୍ଷିଣ ଅଂଶର ମୁଖ୍ୟ ଭାଗକୁ ଯୋଡିଥିବା କଳିଙ୍ଗ ଘାଟି ଏବେ ଭୟଙ୍କର ବିପର୍ଯ୍ୟୟକୁ ସାମ୍ନା କରୁଛି । ଲଗାଣ ବର୍ଷା ଓ ଭୂସ୍ଖଳନ ପାଇଁ ରାସ୍ତା ବିପର୍ଯ୍ୟସ୍ତ ହେବା ସହ ଘାଟି ରାସ୍ତା ଛାରଖାର ହୋଇଯାଇଛି । ଏହି ପୃଷ୍ଠଭୂମିରେ ଆମେ ଏଠାରେ ଉଲ୍ଲେଖ କରୁଛୁକି ଯେ, ନିଜର ଜୀବନ ଅନୁକୂଳ ବାତାବରଣ ପାଇଁ ପୃଥିବୀରେ ମାନବ ସଭ୍ୟତାର ସୃଷ୍ଟି । ସମସ୍ତ ବିପଦ ଆପଦକୁ ମୁକାବିଲା କରି ସଭ୍ୟତାର ବିକାଶ ସହ ପୃଥିବୀର ଭୌଗୋଳିକ ଆଉ ପାଣିପାଗ ଅନେକ ବିପଦ ଆପଦ ଓ ଦୈବଦୁର୍ବିପାକ ସଂଗଠିତ କରିଥାଏ । ଏହା ଭିତରୁ କିଛି ପ୍ରାକୃତିକ ଆଉ କିଛି ମାନବକୃତ ହୋଇଥାଏ । ବିଗତ କିଛି ଦିନ ଜଳବାୟୁ ଜନିତ ଦୁର୍ବିପାକରେ ଓଡ଼ଶାବାସୀ ଯଥାସମ୍ଭବ ନିଜକୁ ବଞ୍ଚାଇବା ସହ ପ୍ରକୃତିର ଭାରସାମ୍ୟ ରକ୍ଷା ପାଇଁ ଉଦ୍ୟମ କରୁଛନ୍ତି । ତେବେ ଚଳିତ କନ୍ଧମାଳର କଳିଙ୍ଗ ଘାଟିର ଭୂସ୍ଖଳନ ଏକ ନିଶ୍ଚିନ୍ତ ଭାବେ ସମ୍ବେଦନଶୀଳ ଘଟଣା ।

ଗତ ସେପ୍ଟେମ୍ବର ୧୬ ତାରିଖରୁ ଏହି ଭୂସ୍ଖଳନ ଆରମ୍ଭ ହୋଇଥିଲା । ଏଠାରେ ସୂଚିତ କରାଯାଇପାରେ ପୂର୍ବରୁ ବିଧିବଦ୍ଧ ଭାବେ ପକ୍କା ସଡ଼କ ନିର୍ମାଣ ହୋଇ ପ୍ରଶସ୍ତ ରାସ୍ତାଟି ନୟାଗଡ଼, ଗଞ୍ଜାମ ଜିଲ୍ଲାକୁ କନ୍ଧମାଳ ସହ ସଂଯୋଗ କରିଛି । ଏହି ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ବନ ବିଭଗ, ମୃତ୍ତିକା ସଂରକ୍ଷଣ ବିଭାଗ, ରାସ୍ତା ନିର୍ମାଣ ବିଭାଗ ତଥା ରାଜସ୍ୱ ବିଭାଗ ଦ୍ୱାରା ସମ୍ପାଦିତ ହେଉଛି । ବିଗତ ଦିନରେ ଏହି ଅଞ୍ଚଳରେ ବନାଗ୍ନି ସହିତ ଚୋରା କାଠ ବେପାର ଯୋଗୁଁ ବନର ଘନତ୍ୱ ଯଥେଷ୍ଟ କମିବାରେ ଲାଗିଛି ।

ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା ଏହି ଅଞ୍ଚଳ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି । ଯୋଗାଯୋଗ ବ୍ୟବସ୍ଥା ପାଇଁ ରାସ୍ତା ପ୍ରଶସ୍ତିକରଣର ନିହାତି ଆବଶ୍ୟକତା ରହିଛି । କିନ୍ତୁ ଏ ନେଇ ବୈଜ୍ଞାନିକ ପଦ୍ଧତି ଦ୍ୱାରା ମାନବକୃତ ତ୍ରୁଟିକୁ ସମୀକ୍ଷା କରାଯିବା ଉଚିତ । ଏହା ପୂର୍ବରୁ ଉତ୍ତରାଖଣ୍ଡ ଓ କେରଳର ୱାୟନାଡ଼ ଅଞ୍ଚଳର ଭୟାବହ ବିପର୍ଯ୍ୟୟକୁ ଆମେ ଦେଖିଛେ ।

ବାଦଲ ଫଟା ବର୍ଷା । ଭୟଙ୍କର ଭୂସ୍ଖଳନ, ବନ୍ୟା ବିଭୀଷିକା। ପୋଛି ନେଉଛି ଗାଁ, ରାସ୍ତା ଅବରୋଧ କରୁଛି ପାହାଡ଼ ଧସା ପଥର । କଳିଙ୍ଗ ଘାଟିରେ ଯାତାୟତ ବନ୍ଦ । ଗତ ତିନି ମାସ ହେବ ଏମିତି ଘଟଣା ସବୁ ପାଲଟିଛି ବଡ଼ ଖବର । ଓଡ଼ିଶା ସମେତ କିଛି ରାଜ୍ୟରେ ପ୍ରକୃତିର ଏଭଳି ରାଗ ମିଜାଜ୍ ଚିନ୍ତା ବଢ଼ାଇଛି । କ୍ରମାଗତ ଭାବେ ଏଭଳି ଘଟଣା କ'ଣ ମଣିଷ ଉପର ପ୍ରକୃତିର ପ୍ରତିଶୋଧ? ଆମେ ନିୟମିତ ଜଙ୍ଗଲ କାଟୁଛୁ । ମନଇଚ୍ଛା ପାହାଡ଼ ଖୋଳୁଛୁ । ଭଲ ମନ୍ଦ କି ଆଗତ ଭବିଷ୍ୟତ ବିଚାର ନାହିଁ । ରାତି ପାହିଲେ ପ୍ରକୃତି ଉପରେ ଆମର ନିର୍ଦ୍ଦୟ ଅତ୍ୟାଚାର । ଲକ୍ଷ୍ମଣରେଖା ମାନୁଛି ବା କିଏ ? ଆମ ଶୋଷଣ ଓ ଅତ୍ୟାଚାର ଢ଼େର ମଥାପାତି ସହିଲା ପ୍ରକୃତିରାଣୀ ।

ଲାଗୁଛି ଏବେ ପୁରା ରାଗି ପାଚି ଲାଲ। କଡ଼ାଗଣ୍ଡା ପ୍ରତିଶୋଧ ନେବାକୁ ଅଣ୍ଟା ଭିଡ଼ିଛି। ପ୍ରକୃତିର ଯେଉଁ ଜମି, ଜଙ୍ଗଲ ଛଡ଼ାଇ ନେଇ ଆମେ ଆକାଶଛୁଆଁ କୋଠା, ସପିଂ ମଲ ଛିଡ଼ା କରାଇଥିଲୁ, ପାଣିର ଝଡ଼କାରେ ସବୁ ମାଟିରେ ମିଶିଛି । ସତେ ଯେମିତି ଆମଠୁ ନିଜ ଜମି ପୁଣି ଛଡ଼ାଇ ନେଇଛି ପ୍ରକୃତି । ବାଦଲ ଓ ନଦୀ ଆମକୁ ନାଲିଆଖି ଦେଖାଉଛି । ସହର ଭାସୁଛି କିନ୍ତୁ ହସୁଛି ପ୍ରକୃତି ।

ବାସ୍ତବରେ ପ୍ରକୃତି ଆମର ପରୀକ୍ଷା ନେଉଛି । ଆମକୁ ଏଣିକି ପ୍ରକୃତି ଅନୁକୂଳ ମନୋଭାବ ନେଇ ଜୀବନ କାଟିବାର ସମୟ ଆସିଛି । ପରିବେଶବିତଙ୍କ ଅଭିଯୋଗ, ନଦୀନାଳ ପରେ ଏବେ ମଣିଷ ପାହାଡ଼ ଉପରେ ଆଖି ପକାଇଛି । ଅଟ୍ଟାଳିକା, ହୋଟେଲ, ରେସ୍ତୋରାଁରୁ ଶିଳ୍ପ ପ୍ରକଳ୍ପ ମଧ୍ୟ ପାହାଡ଼ ତାଡ଼ି ନିର୍ମାଣ କରୁଛି । ପାହାଡ଼ର ସବୁଜିମା ଉପରେ ଜବରଦଖଲ କରି ନିଜର ଲୋଭ ପୂରଣ କରୁଛି । ଆମକୁ ପ୍ରକୃତି ଦେଇଛି ଅନେକ କିଛି । ବିସ୍ତୀର୍ଣ୍ଣ ବେଳାଭୂମି, ବହୁ ନଦୀ, ଝରଣା, ଘଞ୍ଚ ଜଙ୍ଗଲ ସହ ପାହାଡ଼ ପର୍ବତ ଆମ ଦେଶର ବଡ଼ ସମ୍ପଦ । ମାତ୍ର ମଣିଷର ଲୋଭ ପାଇଁ ଜୈବ ସନ୍ତୁଳନ ଏବେ ବିଗିଡ଼ିବାକୁ ବସିଛି । ମାଡ଼ି ଆସିଲାଣି ଭୟଙ୍କର ବିପଦ । ଆମ ଲୋଭରୁ ଆମେ ଏବେ ବିପଦର ଯନ୍ତାରେ । ଏ ବୁଢ଼ିଆଣୀ ଜାଲରୁ କେମିତି ମିଳିବ ମୁକ୍ତି ?

**ବାସ୍ତବରେ ପ୍ରକୃତି ଆମର ପରୀକ୍ଷା ନେଉଛି । ଆମକୁ ଏଣିକି ପ୍ରକୃତି ଅନୁକୂଳ ମନୋଭାବ ନେଇ ଜୀବନ କାଟିବାର ସମୟ ଆସିଛି । ପରିବେଶବିତଙ୍କ ଅଭିଯୋଗ, ନଦୀନାଳ ପରେ ଏବେ ମଣିଷ ପାହାଡ଼ ଉପରେ ଆଖି ପକାଇଛି । ଅଟ୍ଟାଳିକା, ହୋଟେଲ, ରେସ୍ତୋରାଁରୁ ଶିଳ୍ପ ପ୍ରକଳ୍ପ ମଧ୍ୟ ପାହାଡ଼ ତାଡ଼ି ନିର୍ମାଣ କରୁଛି । ପାହାଡ଼ର ସବୁଜିମା ଉପରେ ଜବରଦଖଲ କରି ନିଜର ଲୋଭ ପୂରଣ କରୁଛି । ଆମକୁ ପ୍ରକୃତି ଦେଇଛି ଅନେକ କିଛି । ବିସ୍ତୀର୍ଣ୍ଣ ବେଳାଭୂମି, ବହୁ ନଦୀ, ଝରଣା, ଘଞ୍ଚ ଜଙ୍ଗଲ ସହ ପାହାଡ଼ ପର୍ବତ ଆମ ଦେଶର ବଡ଼ ସମ୍ପଦ । ମାତ୍ର ମଣିଷର ଲୋଭ ପାଇଁ ଜୈବ ସନ୍ତୁଳନ ଏବେ ବିଗିଡ଼ିବାକୁ ବସିଛି । ମାଡ଼ି ଆସିଲାଣି ଭୟଙ୍କର ବିପଦ । ଆମ ଲୋଭରୁ ଆମେ ଏବେ ବିପଦର ଯନ୍ତାରେ । ଏ ବୁଢ଼ିଆଣୀ ଜାଲରୁ କେମିତି ମିଳିବ ମୁକ୍ତି ?**

କନ୍ଧମାଳର କଳିଙ୍ଗ ଘାଟି ଭୟ ଦେଖାଇଲାଣି । ଦୁଇ ଦୁଇଥର ଭୂସ୍ଖଳନରୁ ରାସ୍ତାରେ ପାହାଡ଼ର ଅତଡ଼ା । କନ୍ଧମାଳ ଜିଲ୍ଲାର ଜୀବନରେଖାରେ ଯାତାୟତ ବନ୍ଦ । କଳିଙ୍ଗଘାଟିର ଭୂସ୍ଖଳନ ମନରେ ଛନକା ପୁରାଇଛି । ମନକୁ ପାପ ଛୁଉଁଛି । ଓଡ଼ିଶାରେ ଉତ୍ତରାଖଣ୍ଡ ଭଳି ସ୍ଥିତି କେବେ ଆସିବ କି ? ବଦଳିଛି ଫୁଲବାଣୀ–ଗଞ୍ଜାମକୁ ସଂଯୋଗ କରୁଥିବା କଳିଙ୍ଗ ଘାଟି ରାସ୍ତାର ଚିହ୍ନବର୍ଣ୍ଣ । ଏ ଘାଟିରେ ପୂର୍ବରୁ ଅନେକ ଥର ପଥର ଧସିଛି। ମାତ୍ର ଏଥର ଅପେକ୍ଷାକୃତ ବଡ଼ ବଡ଼ ପଥର ଧସିଛି । ୨୦୧୩ ମସିହାରେ କେଦାରନାଥରେ ବାଦଲ ଫଟା ବର୍ଷା ନିର୍ଦ୍ଦୟ ଭାବେ ଛଅ ହଜାର ମଣିଷଙ୍କ ଜୀବନ ନେଇଥିଲା । କେରଳରେ ବାଦଲ ପଟା ବିପ୍ରାତ ମନେ ପଡ଼ିଲେ ଭୟ ଗୋଡ଼ାଉଛି। ପ୍ରକୃତିର ପ୍ରକୋପ ଆଗରେ ମଣିଷ ଅସହାୟ ହୋଇ ହାତ ଟେକି ଦେଇଥିଲା । ତଥାପି ବୁଦ୍ଧି ପଶିଲାନି । ଯେମିତି କର୍ମ ସେମିତି ଫଳ । ଗାତ ଖୋଳୁଛୁ । ସେଇ ଗାତରେ ନିଜେ ପଡୁଛୁଁ । ନିଜ ଗୋଡ଼ରେ ନିଜେ କୁରାଢ଼ି ମାରୁଛୁ । ପ୍ରକୃତି ଦେଖାଉଛି କରାଳ ରୂପ । ଲୋଭ ଓ ମୋହରୁ ଆମର ମୁକ୍ତି ବା କାହିଁ?

ପ୍ରାକୃତିକ ବିପର୍ଯ୍ୟୟ, ଭୂସ୍ଖଳନ ଓ ବିଭିନ୍ନ ଜାଗତିକ ଅଘଟଣ ଭିତରେ ଏହିଟା ସତ୍ୟ ଯେ ଆମେ ଯେଉଁ ପ୍ରଦୂଷଣ କରୁଛୁ ଏହା ଆମ ଭୂତଳ ଜଳ, ମାଟି, ନଦୀ, ସମୁଦ୍ର ଏପରିକି ଆମ ଶରୀରକୁ ବିଷାକ୍ତ କରିସାରିଛି । ଏସବୁ ଭିତରେ ଆମ ଜୀବନ ଶୈଳୀର ପ୍ରମୁଖ ଅଙ୍ଗ ପାଲଟିଥିବା ପ୍ଲାଷ୍ଟିକ କଥାକୁ ମଧ୍ୟ ଆଲୋଚନାରେ ସ୍ଥାନିତ କରାଯାଉ । ବହୁମୁଖୀତା, ସ୍ଥାୟିତ୍ୱ ଓ କମ ଖର୍ଚ୍ଚ କାରଣରୁ ପ୍ୟାକେଜିଂ ଠାରୁ ନିର୍ମାଣ, ସ୍ୱାସ୍ଥ୍ୟ ସେବାଠାରୁ ପରିବହନ ପ୍ରତି କ୍ଷେତ୍ରରେ ଏହାର ବ୍ୟାପକ ବ୍ୟବହାର ଦେଖାଦେଇଛି । ୧୯୫୦ ମସିହାରେ ପ୍ଲାଷ୍ଟିକ ସମାଗ୍ରୀର ଉତ୍ପାଦନ ଦୁଇ ମିଲିୟନ ମେଟ୍ରିକ ଟନ ଥିବାବେଳେ ୨୦୨୪ ମସିହାରେ ଏହାର ପରିମାଣ ହେଉଛି ୪୬୦ ମିଲିଅନ ମେଟ୍ରିକ ଟନ । ତେବେ ସବୁଠାରୁ ବଡ଼ କଥା ହେଉଛି ପ୍ଲାଷ୍ଟିକର ବ୍ୟାପକ ପ୍ରଦୂଷଣ ସମାଜର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର କୁହାଯାଉଥିବା ସବୁଜ ବନାନୀ ଓ ପାର୍ବତ୍ୟାଞ୍ଚଳ ତଥା ଘାଟି ରାସ୍ତା ପାଇଁ ଅତ୍ୟନ୍ତ ଘାତକ ସାବ୍ୟସ୍ତ ହେଉଛି ।

ପାହାଡ଼ ଉପରେ ସେଲଫି ପଏଣ୍ଟରେ ସେଲଫି ନେଉଛୁଁ । ରିଲସ୍ କରୁଛୁଁ। ନିଜକୁ ଶାନ୍ତ କରିବାକୁ ପ୍ରକୃତି କୋଳକୁ ଧାଇଁ ଯାଉଛୁଁ । ହେଲେ ନିର୍ଦ୍ଦୟ ଭାବେ ସେଇ ପ୍ରକୃତିକୁ ଅଶାନ୍ତ କରି ଚାଲିଛୁଁ । ପ୍ରକୃତି ଜମି ଆମେ ଛଡ଼ାଇ ନେଇ ଅଟ୍ଟାଳିକା ଛିଡ଼ା କରୁଛୁ । ପ୍ରକୃତି ଇଟାର ଜବାବ ପଥରେ ଦେଉଛି । ଭୂସ୍ଖଳନ, ଭୀଷଣ ବନ୍ୟାରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଘର ମାଟିରେ ମିଶୁଛି । ମଣିଷଙ୍କ ଜୀବନ ବି ଯାଉଛି । ପ୍ରକୃତି ସତେ ଯେମିତି ରାଣ ନିୟମ ଖାଇଛି, ଆମଠାରୁ ତା' ଜମି ଫେରାଇ ନେବ । କଳେ ବଳେ ବା କୌଶଳେ । ଜଳବାୟୁ ଜାରି କରିଛି ଜରୁରୀ ପରିସ୍ଥିତି । ପ୍ରାକୃତିକ ବିପର୍ଯ୍ୟୟ, ପ୍ରବଣ ରାଜ୍ୟ ଓଡ଼ିଶା। ପ୍ରାୟ ପ୍ରତିବର୍ଷ ଆମକୁ ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼େ । ଭୂସ୍ଖଳନ ବିପଦର ମୁକାବିଲା ପାଇଁ ସ୍ୱଳ୍ପକାଳୀନ ନୁହେଁ ଦୀର୍ଘମିଆଦି ଯୋଜନା ଲୋଡ଼ା । ବ୍ୟାପକ ଖଣି ଓ ପଥର ବ୍ଲାଷ୍ଟିଂ ବନ୍ଦ ନହେଲେ ଭୂସ୍ଖଳନ ବିପଦ ବଢ଼ିବ । ସରକାରୀ ସ୍ତରରେ ଯେତିକି ପଦକ୍ଷେପ ନିଆଯିବ, ତା'ଠୁ ଅଧିକ ସଚେତନ ଆମକୁ ହେବାକୁ ପଡ଼ିବ । ଆମର ଅଭାବକୁ ନିୟନ୍ତ୍ରଣ କରିବାକୁ ହେବ । ପାହାଡ଼ରୁ ମନଇଚ୍ଛା ଗଛକଟା ରୋକିବା । ପ୍ରକୃତି ଉପରେ ଆମେ ଅତ୍ୟାଚାରରେ ତାଲା ମାରିବା। ଆସନ୍ତୁ ସୁରକ୍ଷିତ ଜୀବନ ପାଇଁ ପ୍ରକୃତିର ସୁରକ୍ଷା ପାଇଁ ଶପଥ ନେବା ।

**ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ମୋ–୯୪୩୭୨୪୨୩୧୭**

# ସଡ଼କ ସମସ୍ତଙ୍କର, ଦୁର୍ଘଟଣା ଘଟୁଛି କାହିଁକି ?

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଭାରତର ବିକାଶଶୀଳ ରାଜଧାନୀ ରାସ୍ତାଗୁଡ଼ିକ କେବଳ ପ୍ରଗତିର ପ୍ରତୀକ ନୁହେଁ ବରଂ ମୃତ୍ୟୁର ପ୍ରତୀକ ବୋଲି ମଧ୍ୟ ସମାଲୋଚନା କରାଯାଉଛି । ପ୍ରତିଦିନ ଦେଶର ବିଭିନ୍ନ ସ୍ଥାନରୁ ଅନେକ ଦୁର୍ଘଟଣାର ରିପୋର୍ଟ ଆସୁଛି, ଯାହା ଦେଶର ସଡ଼କ ସୁରକ୍ଷା ବ୍ୟବସ୍ଥାର ପର୍ଦ୍ଦାଫାସ କରେ । ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି ଟ୍ରାଫିକ୍ ନିୟମ ପ୍ରତି ଅବମାନନା ଏବଂ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ଶିଥିଳତା । ଜରୁରୀକାଳୀନ ସେବାର ଅଭାବ ମଧ୍ୟ ବେଳେ ବେଳେ ସଡ଼କ ଦୁର୍ଘଟଣାରେ ଆହାତଙ୍କ ମୃତ୍ୟୁର କାରଣ ପାଲଟି ଯାଏ । ସ୍ଥଳବିଶେଷରେ ଦୁର୍ଘଟଣା ପରେ ଦେଖାଯାଇଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବହେଳା ହେଉଛି ପ୍ରାଥମିକ ଚିକିତ୍ସାର ଅଭାବ । ଯଦି ଦୁର୍ଘଟଣାର ପ୍ରଥମ ଘଣ୍ଟାରେ ଉପଯୁକ୍ତ ଚିକିତ୍ସା ଉପଲବ୍ଧ ହୋଇପାରନ୍ତା, ତେବେ ଅନେକ ଜୀବନ ବଞ୍ଚିଯାନ୍ତା ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଭାରତରେ ୫୦ ପ୍ରତିଶତ ସଡ଼କ ଦୁର୍ଘଟଣା ମୃତ୍ୟୁ ହସ୍ପିଟାଲକୁ ଯିବା ପୂର୍ବରୁ ଘଟିଥାଏ । କାରଣ ଜରୁରୀକାଳୀନ ସେବା ଆବଶ୍ୟକତାନୁସାରେ ଯଥେଷ୍ଟ ନୁହେଁ । ୨୦୨୧ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ରିପୋର୍ଟ ଅନୁଯାୟୀ ଦେଶରେ ବର୍ଷରେ ୧୫,୫୬୨୨ ସଡ଼କ ମୃତ୍ୟୁ ଘଟିଥିଲା ଯାହା ମଧ୍ୟରୁ ୬୯,୨୪୦ଟି ଦୁଇଚକିଆ ଯାନ ଥିଲା । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟଙ୍କ ତଥ୍ୟ ଅନୁଯାୟୀ ୨୦୨୨ରେ ୪୬୪,୯୧୦ ଦୁର୍ଘଟଣା ଫଳରେ ୧୪୭,୯୧୩ ଜଣଙ୍କ ମୃତ୍ୟୁ ହୋଇଥିଲା । ଏତଦ୍ ବ୍ୟତୀତ ପଦଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଥିଲା ସମସ୍ୟା ଘେରରେ । ଏହା ବିଚାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ରାସ୍ତା କେବଳ ଯାନବାହନ ପାଇଁ ନୁହେଁ । ପଦଯାତ୍ରୀଙ୍କର ମଧ୍ୟ ଏହା ଉପରେ ଚାଲିବାର ସମାନ ଅଧିକାର ଅଛି । କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ରିପୋର୍ଟ ଏକ ଭୟଙ୍କର ଚିତ୍ର ପ୍ରଦାନ କରେ । ଅନେକ ପଥଯାତ୍ରୀ ମଧ୍ୟ ଦୁର୍ଘଟଣା ଯୋଗୁଁ ମୃତ୍ୟୁ ମୁଖରେ ପଡ଼ିଥା'ନ୍ତି । ପଦଯାତ୍ରୀମାନଙ୍କ ସୁରକ୍ଷା ସମ୍ପର୍କରେ ବିଭିନ୍ନ ସ୍ତରରେ ସତର୍କତା ଓ ସଚେତନତାର ଅଭାବ ଏବଂ ଟ୍ରାଫିକ୍ ନିୟମର ଉଲଘଂନକୁ ସୂଚିତ କରେ । ଭାରତରେ ରାସ୍ତାଗୁଡ଼ିକ ମୁଖ୍ୟତଃ ଯାନବାହନ ପାଇଁ ଡିଜାଇନ୍ କରାଯାଇଛି ଯାହା ପଦଯାତ୍ରୀମାନଙ୍କୁ ସେମାନଙ୍କ ସୁରକ୍ଷା ପାଇଁ ସଂଘର୍ଷ କରିବାକୁ ପଡୁଛି ।

ସମସ୍ୟା ହେଉଛି ଯେ ଭାରତରେ ୧୦୮ ଏବଂ ୧୦୨ ଭଳି ଆମ୍ବୁଲାନ୍ସ ସେବାଗୁଡ଼ିକ ପ୍ରାୟତଃ ଅଧିକ ଲୋଡ୍ ନେଇଥାଏ । ଗ୍ରାମାଞ୍ଚଳ ଏବଂ ରାଜପଥ ଅଞ୍ଚଳରେ ପରିସ୍ଥିତି ଆହୁରି ଖରାପ । ଯେଉଁଠାରେ ଆମ୍ବୁଲାନ୍ସ ପହଞ୍ଚିବାକୁ ହାରାହାରି ୪୫ ମିନିଟ୍‌ରୁ ଏକ ଘଣ୍ଟା ସମୟ ଲାଗେ । ଏକ ଅଧ୍ୟୟନ ଅନୁଯାୟୀ ଜାତୀୟ ରାଜପଥରେ ଦୁର୍ଘଟଣାସ୍ଥଳରୁ ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚିବାରେ ବିଳମ୍ବ ୪୦ ପ୍ରତିଶତ ମୃତ୍ୟୁର କାରଣ । ଟ୍ରାଫିକ ଜାମ୍ ଆମ୍ବୁଲାନ୍ସଗୁଡ଼ିକୁ ବାଧା ଦିଏ । ଫରେନସିକ୍ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ହସ୍ପିଟାଲ ପୂର୍ବରୁ ଜରୁରୀକାଳୀନ ସେବାକୁ ସୁଦୃଢ଼ କରାଯାଏ ତେବେ ୩୦ରୁ ୫୦ ପ୍ରତିଶତ ଜୀବନ ରକ୍ଷା କରାଯାଇପାରିବ । ଏହାକୁ ଅଣଦେଖା କରାଗଲେ ସମସ୍ୟା ଜଟିଳ ହୋଇପଡ଼େ । ଏହା ଏକ ଜାତୀୟ ସମସ୍ୟା । ଏହାର ଏକ ପ୍ରମୁଖ କାରଣ ହେଉଛି ମାନସିକତା । ବିଭିନ୍ନ ଇଣ୍ଟରନେଟ୍ ପ୍ଲାଟଫର୍ମରେ ଆଲୋଚନା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଲୋକମାନେ ନିୟମଗୁଡ଼ିକୁ କେବଳ ସାଜସଜ୍ଜା ବୋଲି ବିବେଚନା କରନ୍ତି ।

ଅଧିକାଂଶ ସହରରେ ଫୁଟପାଥ୍ ଅସ୍ତିତ୍ୱହୀନ, ଭଙ୍ଗା କିମ୍ବା ଜବରଦଖଲ କରାଯାଇଛି । ଏହା ପଦଯାତ୍ରୀମାନଙ୍କୁ ମୁଖ୍ୟ ରାସ୍ତାରେ ଚାଲିବାକୁ ବାଧ୍ୟ କରେ । ଦ୍ରୁତଗାମୀ ଯାନବାହନ ଯୋଗୁଁ ଦୁର୍ଘଟଣାର ଆଶଙ୍କା ସର୍ବଦା ରହିଥାଏ । ଏହା ବ୍ୟତୀତ ରାସ୍ତା ଜବରଦଖଲ ମଧ୍ୟ ଏକ ପ୍ରମୁଖ ସମସ୍ୟା ପାଲଟିଛି । ସହରଗୁଡ଼ିକରେ ରାସ୍ତା କଡ଼ରେ ଯାନବାହାନ ପାର୍କିଂ କରାଯାଉଛି ଯାହା ଯାତାୟାତକୁ ବାଧା ଦେଉଛି ଏବଂ ପଦଯାତ୍ରୀଙ୍କ ଜୀବନ ପାଇଁ ବିପଦ ସୃଷ୍ଟି କରୁଛି । ସ୍ଥାନୀୟ କର୍ତ୍ତୃପକ୍ଷ ଫୁଟପାଥ୍ ଏବଂ ରାସ୍ତାରେ ଜବରଦଖଲ ବିରୋଧରେ କେବଳ ନାମକୁ ମାତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି ।

ସାଧାରଣ ରାସ୍ତାମାନଙ୍କରେ ପଦଯାତ୍ରୀଙ୍କ ଅଧିକାରକୁ ସ୍ୱୀକୃତି ଦିଆଯାଇଥିଲେ ମଧ୍ୟ ଏ ବିଷୟରେ ସମସ୍ତେ ସଚେତନ ହେବା ଆବଶ୍ୟକ । ଇଣ୍ଡିଆନ୍ ରୋଡ୍ କଂଗ୍ରେସ ୨୦୧୨ ମସିହାରେ ସୁପାରିଶ କରିଥିଲା, ଯେଉଁଥିରେ ଫୁଟପାଥ୍ ସମ୍ପର୍କରେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଥିଲା । ଏଥିରେ ସର୍ବନିମ୍ନ ୧.୮ ମିଟର ଚଉଡା ପ୍ରତିବନ୍ଧକ ମୁକ୍ତ ପଦଯାତ୍ରୀ ଜୋନ୍ ପାଇଁ ସୁପାରିଶ ଅନ୍ତର୍ଭୁକ୍ତ ଥିଲା । ଏଥିରେ ରାସ୍ତା ବିକାଳୀ ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ଏକ ପୃଥକ ଫର୍ନିଚର ଜୋନ୍, ନିର୍ଦ୍ଦିଷ୍ଟ ବସ୍ ଷ୍ଟପ୍ ଏବଂ ଜେବ୍ରା କ୍ରସିଂରେ ପଦଯାତ୍ରୀଙ୍କୁ ପ୍ରାଥମିକତା ଦେବା ପାଇଁ ପରାମର୍ଶ ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ତଥାପି ବାସ୍ତବତା ହେଉଛି ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ଏଜେନ୍ସିଗୁଡ଼ିକ ପ୍ରାୟତଃ ଏହି ନିର୍ଦ୍ଦେଶାବଳୀକୁ ଅଣଦେଖା କରନ୍ତି । ଯେଉଁଠାରେ ଜେବ୍ରା କ୍ରସିଂ ସ୍ଥାପନ କରାଯାଏ, ଡ୍ରାଇଭରମାନେ ପ୍ରାୟତଃ ସେଗୁଡ଼ିକୁ ଅବମାନନା କରନ୍ତି । ନିୟମର କଠୋର ପ୍ରୟୋଗ ସ୍ଥାନୀୟ ପ୍ରଶାସନ ଏବଂ ଟ୍ରାଫିକ୍ ପୋଲିସ ଉପରେ ନିର୍ଭର କରେ କିନ୍ତୁ ସେମାନେ କ୍ୱଚିତ୍ ଧ୍ୟାନ ଦିଅନ୍ତି । ସରକାର ଏବଂ ପ୍ରଶାସନ ପ୍ରାୟ ଏକ ବଡ଼ ଦୁର୍ଘଟଣା ପରେ ସଂସ୍କାର ଉପରେ ଧ୍ୟାନ ଦିଅନ୍ତି । ଏହା କେବଳ ଏକ ପ୍ରତିକ୍ରିୟାଶୀଳ ଆଭିମୁଖ୍ୟ । ଫିନଲ୍ୟାଣ୍ଡ ୨୦୩୦ ସୁଦ୍ଧା ଚାଲିବା ଏବଂ ସାଇକେଲ ଚଲାଇବା ସ୍ଥାନକୁ ୩୦ ପ୍ରତିଶତକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖିଛି । ମେକ୍ସିକୋ ସିଟିରେ ସୁଗମ ଫୁଟପାଥ୍ ସୃଷ୍ଟି କରି ଯାତ୍ରା ସମୟ ୪୦ ପ୍ରତିଶତ ହ୍ରାସ କରିଛି । ଜାପାନ ଏବଂ ସ୍ୱିଡେନ ଭଳି ଦେଶଗୁଡ଼ିକରେ ହଳଦିଆ ରାସ୍ତା ଏବଂ ଶ୍ରବଣୀୟ ସଙ୍କେତ ଭଳି ଅକ୍ଷମମାନଙ୍କୁ ସହାୟତା କରିବା ପାଇଁ ବିଶେଷ ସୁବିଧା ଅଛି । ଭାରତ ମଧ୍ୟ ଚାଲିବାର ଅଧିକାରକୁ କେବଳ ଏକ ସୁରକ୍ଷା ସମସ୍ୟା ଭାବରେ ନୁହେଁ ବରଂ ସମ୍ମାନ, ସମାନତା ଏବଂ ସ୍ୱାସ୍ଥ୍ୟର ସମସ୍ୟା ଭାବରେ ବିଚାର କରିବା ଉଚିତ ।

ଅଧିକ ଗତିରେ ତଥା ହେଲମେଟ୍ କିମ୍ବା ସିଟବେଲ୍ଟ ବିନା ଗାଡି ଚାଳନା ଏବଂ ଲେନ୍ ଭାଙ୍ଗିବା ଆମ ଅନେକଙ୍କ ପାଇଁ ବିପଦର କାରଣ ହୋଇଥାଏ । ସ୍କୁଲଗୁଡ଼ିକରେ ଟ୍ରାଫିକ୍ ନିୟମ ପର୍ଯ୍ୟାପ୍ତ ଭାବରେ ଶିକ୍ଷା ଦିଆଯାଏ ନାହିଁ । ଫଳସ୍ୱରୂପ ପିଲାମାନେ ବଡ଼ ହେଲେ ନିୟମକୁ ଗୁରୁତ୍ୱ ଦିଅନ୍ତି ନାହିଁ । ଦ୍ୱିତୀୟତଃ ଜନସଂଖ୍ୟାର ଘନତା । ୧୪୦ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶରେ ରାସ୍ତାଗୁଡ଼ିକ ଓଭରଲୋଡ୍ ହୋଇଯାଏ । ତୃତୀୟତଃ ଟ୍ରାଫିକରେ ନିୟମ ଭାଙ୍ଗିବାକୁ ସ୍ମାର୍ଟ ଭାବରେ ଦେଖାଯାଏ । ଚତୁର୍ଥ ଭାରତରେ ଯୋଗାଡ ଯନ୍ତ୍ର ସଂସ୍କୃତି ପ୍ରଚଳିତ । ନିୟମ ଭାଙ୍ଗିବାକୁ ଅନେକଙ୍କ ଦ୍ୱାରା ଚତୁରତା ବୋଲି ବିବେଚନା କରାଯାଏ । ଅବହେଳାର ଏକ ପ୍ରମୁଖ କାରଣ ହେଉଛି ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକଙ୍କ ଶିଥିଳତା । ଟ୍ରାଫିକ ପୋଲିସର ଅଭାବ ମଧ୍ୟ ଗୁରୁତର । ପୋଲିସ ଗବେଷଣା ଏବଂ ବିକାଶ ବ୍ୟୁରୋ ଅନୁଯାୟୀ ୮୫୧୪୪ ଟ୍ରାଫିକ ପୋଲିସ ପଦବୀ ମଧ୍ୟରୁ ୩୦ ପ୍ରତିଶତ ଏବଂ ୫୮୫୦୯ କନଷ୍ଟେବଳ ପଦବୀ ମଧ୍ୟରୁ ୩୯ ପ୍ରତିଶତ ଖାଲି ଅଛି । କଠୋରତା ବିନା ଲୋକମାନେ ନିୟମ ଭଙ୍ଗ କରନ୍ତି । ଏଜେନ୍ସିଗୁଡ଼ିକ ଏତେ ଅଳସୁଆ କାହିଁକି? କ୍ୟାମେରା, ସ୍ପିଡ୍ ଗନ୍ ଏବଂ ୱାଲ୍ କ୍ୟାମେରା ଭଳି ଉପକରଣ ଅପର୍ଯ୍ୟାପ୍ତ । ଦ୍ୱିତୀୟ ହେଉଛି ଦୁର୍ନୀତି । ୫୦ – ୧୦୦ ଟଙ୍କାରେ ଛୋଟ ଛୋଟ ଉଲ୍ଲଂଘନର ସମାଧାନ କରାଯାଏ, ଯାହା ଭୟକୁ ଦୂର କରେ । ତୃତୀୟରେ ତାଲିମର ଅଭାବ । ଯଦି ଭାରତ ଅନ୍ୟ ଦେଶମାନଙ୍କ ପରି କଠୋର ହୁଏ ତେବେ ଟ୍ରାଫିକ କ୍ଷେତ୍ରରେ ଉନ୍ନତି ସମ୍ଭବପର ହେବ ବୋଲି ମନେହୁଏ ।

**ନୟାଗଡ଼, ମୋ–୯୪୩୭୬୪୨୯୪୭**

# ସତ୍‌ସଙ୍ଗ

ମନୋଜ କୁମାର ବେହେରା

ସ୍ୱାମୀ ମହାରାଜଜୀ ଦିନେ ଗୋଟିଏ ଗାଁରେ ପ୍ରବଚନ ଦେଉଥିଲେ । ଗାଁର ସରପଞ୍ଚଙ୍କ ମନରେ ଗୋଟିଏ ଜିଜ୍ଞାସା ଥିଲା, ଯାହା ସେ ମହାରାଜଙ୍କୁ ପଚାରିଲେ ! ଗୀତାର ମୂଲ୍ୟବାନ କଥା କ'ଣ ବାସ୍ତବରେ ମନୁଷ୍ୟର ଜୀବନକୁ ବଦଳେଇ ଦେଇ ପାରିବ? ଆଉ ସଂସାରରେ ପ୍ରେମ କେତେ ପ୍ରକାରର ଅଛି ? ମହାରାଜ କହିଲେ, ତୁମେ ବସ, ମୁଁ ସଂକ୍ଷିପ୍ତ ଭାବରେ ବତାଉଛି । ମହାରାଜ କହିବା ଆରମ୍ଭ କଲେ,ଲାଭ–ହାନି,ଜୟ–ପରାଜୟ ଆଉ ସୁଖ –ଦୁଃଖକୁ ସମାନ ବୋଲି ବୁଝିକରି ଜୀବନ ଜୀଇଁଲେ ଏହି ଜୀବନ ଶ୍ରେଷ୍ଠ ହୋଇଥାଏ । 'ତୁ' କେବଳ କର୍ମକର ଆଉ ଫଳର ଚିନ୍ତା ଭଗବାନଙ୍କ ଉପରେ ଛାଡି ଦେ । ଅର୍ଥାତ୍ ତୁମେ ତୁମର ଶତପ୍ରତିଶତ ଦେବା ବିଷୟରେ ଭାବ ।

ଆସୁରୀ ସ୍ୱଭାବବାଲା କେବେ ସଫଳ ହୁଅନ୍ତି ନାହିଁ । ଅତଃ ନିଜ ଆଚରଣକୁ ଶୁଦ୍ଧ ରଖ । ନିଷ୍କାମ ଉପାସନାରେ ଭଗବାନ ପ୍ରସନ୍ନ ହୋଇକରି ଭକ୍ତର ସୁରକ୍ଷା କରିଥାନ୍ତି । କ୍ରୋଧରୁ ମଣିଷ ନିଜକୁ ନିୟନ୍ତ୍ରଣ କରିପାରେନି । ଅତଃ ସେଥିରୁ ସ୍ମୃତି ଭ୍ରମ ହୋଇଥାଏ । ସ୍ମୃତି ଭ୍ରମ ହେଲେ ତା'ର ବୁଦ୍ଧି ନଷ୍ଟ ହୋଇଥାଏ । ଆଉ ବୁଦ୍ଧିର ନାଶ ହେଲା ପରେ ମନୁଷ୍ୟ ନିଜକୁ ନାଶ କରିବସେ । ପରିବର୍ତ୍ତନ ସଂସାରର ନିୟମ ଅଟେ । ଯେମିତି ତୁମେ ମୃତ୍ୟୁକୁ ବୁଝିଥାଅ, ତାହା ତ ଜୀବନ ଅଟେ । ଗୋଟିଏ କ୍ଷଣରେ ତୁମେ କୋଟି କୋଟି ସମ୍ପତ୍ତିର ମାଲିକ ହୋଇଯାଅ ଆଉ ଦ୍ୱିତୀୟ କ୍ଷଣରେ ତୁମେ ଦରିଦ୍ର ହେଇଯାଅ । ତୋର–ମୋର, ଛୋଟ–ବଡ, ଆପଣା–ପର ଏସବୁ ମନରୁ ହଟେଇ ଦିଅ । ତା'ପରେ ଏସବୁ ତୁମର ଅଟେ, ତୁମେ ସମସ୍ତଙ୍କ ପ୍ରିୟ ହୋଇଯିବ । ଆଉ ଭୟଭୀତ ଲୋକ ସର୍ବଦା କୌଣସି ନା'କୌଣସି ଲଢେଇରୁ ବଞ୍ଚିବାର ପ୍ରୟାସ କରିଥାନ୍ତି । ଆଗରେ ରହିକରି ଲଢିବା ଉଚିତ୍ ନୁହେଁ, ଯଦି କିଏ ଲଢିବା ପାଇଁ ଆସୁଥାଏ ତା'ହେଲେ ତାକୁ ଉଚିତ୍ ଶିକ୍ଷା ଶିଖେଇ କରି ସେ ଦମ୍ ନେଇଥାଏ । ଗୀତା କର୍ମ କରିବାକୁ ଆଉ ଜୀବନକୁ ଆଗକୁ ବଢିବାର ପ୍ରେରଣା ଦେଇଥାଏ । ମହାତ୍ମା କହିଲେ,ପ୍ରତ୍ୟେକ ଲେଖା ହୋଇଥିବା କଥାକୁ ପ୍ରତ୍ୟେକ ପଢିବାବାଲା ବୁଝି ପାରିବେନି । କାହିଁକି ଲେଖିବାବାଲା 'ଭାବନା' ଲେଖିଥାନ୍ତି ଆଉ ଲୋକେ କେବଳ 'ଶବ୍ଦ' ପଢିଥାନ୍ତି ।ଶେଷରେ ମହାରାଜ କହିଲେ, ଦୁନିଆରେ ତିନିପ୍ରକାରର ପ୍ରେମ ଅଛି..ପ୍ରଥମ ହେଲା–କର୍ମ, ଦ୍ୱିତୀୟ ହେଲା–ପ୍ରେମ, ତୃତୀୟ ହେଲା ପ୍ରାର୍ଥନା ।

**ବାୟାବାବା ମଠ ଲେନ୍,ଭୁବନେଶ୍ୱର ମୋ–୭୯୭୮୩୦୬୧୧**

# ନୂଆପଡ଼ା ଉପନିର୍ବାଚନ ଲାଗି ଅଦ୍ୟାବଧି ନାମାଙ୍କନ ଦାଖଲ କରିଛନ୍ତି ଜଣେ

ଭୁବନେଶ୍ୱର,୧୬।୧୦,(ସବ୍ୟୁ) :ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ବିଧାନସଭା ରେ ଉପନିର୍ବାଚନ ପାଇଁ ଅଦ୍ୟାବଧି ସୁଦ୍ଧା ଜଣେ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ତାଙ୍କର ନାମ ଆଶ୍ରୟ ମହାନନ୍ଦ ଅଟେ। ଭାରତ ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ (ସୋମବାର) ତାରିଖ ଧାର୍ଯ୍ୟ ହୋଇଛି । ସେହିପରି ଅକ୍ଟୋବର ୨୨ (ବୁଧବାର) ରେ ନାମାଙ୍କନ ପତ୍ର ଯାଞ୍ଚ ହେବାକୁ ଥିବାବେଳେ ଅକ୍ଟୋବର ୨୪ (ଶୁକ୍ରବାର) ତାରିଖକୁ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି । ନଭେମ୍ବର ୧୬ ( ରବିବାର) ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ।

# ଖଣି , କ୍ରସର ପରିଦର୍ଶନ କଲେ ଉପଜିଲ୍ଲାପାଳ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲାର ଉପଜିଲ୍ଲାପାଳ ସିବ୍ ମାଲବିଆ ଗୁରୁବାର ଶାରୀଶୁଆ ପାହଡର ବିଭିନ୍ନ ଖଣି ସହ ପାହାଡ ସଂଲଗ୍ନ ୪ଟି କ୍ରସର ପରିଦର୍ଶନ କରି ଏକ ପଥର ବୋଝେଇ ଟ୍ରକ ସହିତ କ୍ରସର ଭିତରେ ବେଆଇନ ଭାବେ ଗଛିତଥିବା ପଥର କୁ ଜବତ କରିଥିଲେ। ଏବଂ ଜୁନିଅର ଖଣିଅଧିକାରୀଙ୍କୁ ଜବତ ପଥର ଉପରେ ଜରିମାନା ଦାୟିତ୍ୱ ପ୍ରଦାନ କରିଥିଲେ। ପାହାଡର ବଗେଇପୁର ମୌଜାର ୧୮,୧୯,୨୦ ଓ ୨୧ ଏବଂ ବନ୍ଧନଟା କପିଳଝୁରି ମୌଜାର ୮୭,୮୯ ଓ ୯୬ନମ୍ବର ଖଣି ପରିଦର୍ଶନ ପରେ ତ୍ରିବେଣୀ,ମା ମଙ୍ଗଳା,ଜଗନ୍ନାଥ ଓ ମା ଅମ୍ବିକା ଆଦି କ୍ରସର ପରିଦର୍ଶନ କରିଥିଲେ। କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରା,ତହସିଲଦାର ଅମିତ ରଞ୍ଜନ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡିର ଦାୟିତ୍ୱ ବଣ୍ଟନ

ଭୁବନେଶ୍ୱର,୧୬।୧୦,(ସବ୍ୟୁ) : ନୂଆପଡ଼ା ଉପନିର୍ବାଚନ ଲାଗି ବିଭିନ୍ନ ୫୨ ବିଜେଡ଼ି ନେତାଙ୍କୁ ବିଭିନ୍ନ ବ୍ଲକ୍ ଓ ଏନଏସିର ଦାୟିତ୍ୱ ଦିଆଯାଇଛି । ନୂଆପଡ଼ା ବ୍ଲକ୍ ଲାଗି ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ସଞ୍ଜୟ ଦାସବର୍ମା, ଅରୁଣ ସାହୁ ଓ ପ୍ରତାପ ଜେନାଙ୍କ ସମେତ ୧୮ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ନୂଆପଡ଼ା ଏନଏସି ପାଇଁ ଅତନୁ ସବ୍ୟସାଚୀ ନାୟକ, ସାରଦା ନାୟକଙ୍କ ସମେତ ୮ ଜଣ ଦାୟିତ୍ୱରେ ଅଛନ୍ତି । କୋମନା ବ୍ଲକ୍ ଲାଗି ପ୍ରଣବ ପ୍ରକାଶ ଦାସ, ପ୍ରତାପ ଦେବଙ୍କ ସମେତ ୧୮ ଜଣ ଦାୟିତ୍ୱରେ ଥିଲା ବେଳେ ଖରିଆର ରୋଡ ଏନଏସି ଲାଗି ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ୮ ଜଣ ଦାୟିତ୍ୱରେ ଅଛନ୍ତି ।

# ଗୋଷ୍ଠୀ ସଂଘର୍ଷ ଘଟଣାରେ ୨ କୋର୍ଟ ଚାଲାଣ

ନୀଳଗିରି ,(ସବ୍ୟୁ):ଗତ ବୁଧବାର ଦିନ ଅପରାହ୍ନ ପ୍ରାୟ ୪ଟା ସମୟରେ ଉଭୟ ଗୋଷ୍ଠୀ ମଧ୍ୟରେ ବଚସାରୁ ଆରମ୍ଭ ହୋଇ ଶେଷରେ ରକ୍ତର ଖେଳ ଖେଳିଥିଲେ । ନିଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଜଣଙ୍କୁ ଗିରଫ କରିଥିଲେ । ଗିରଫ ଦୁଇ ଅଭିଯୁକ୍ତ ନିଳଗିରି ଏନ୍ଏ ସି ର ମଙ୍ଗଳା ସାହି ଗ୍ରାମର ଫିରଜ୍ ସାହା ଓ ମନ୍ ଓ୍ୱାର ହୁସେନ ସାହା ବୋଲି ଜଣା ପଡିଛି । ଜାମିନ ନାମଞ୍ଜୁର ହେବାରୁ ଦୁଇ ଜଣଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଅନୁସାରେ ନିଳଗିରି ଡେଲି ମାର୍କେଟରେ ଗୋଷ୍ଠୀ ସଂଘର୍ଷ ଘଟିଥିବା ବେଳେ ଉକ୍ତ ମାର୍କେଟରେ ମନ୍ ଓ୍ୱାର ହୁସେନ ସାହା ମାଂସ ଦୋକାନ କରି ବ୍ୟବସାୟ କରିଆସୁଥିବା ବେଳେ କିଛି ନିଳଗିରି ଯୁବକ ସମେତ ରେମୁଣା ଅଞ୍ଚଳର ଦୁଇଜଣ ଯୁବକଙ୍କ ସହିତ ମନ୍ ଓ୍ୱାର ହୁସେନ ସାହା ସହିତ ତାର ସମସ୍ତ ସମ୍ପର୍କୀୟ ମାନେ ଏକ ଜୁଟ ହୋଇ ରେମୁଣା ମଙ୍ଗଳପୁର ଗ୍ରାମର ହିତେଶ ବେହେରା ଉକ୍ତ ଗ୍ରାମର ମନୋଜ ଟୁଙ୍ଗଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ଘଟଣା ସ୍ଥଳରେ ଗୁରୁତର ଅବସ୍ଥାରେ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେପଟେ ରେହମନ୍ ସାହା, ଅବଦୁଲ୍ କୁଦୁସ୍ ସାହା, ମନ୍ ଓ୍ୱାର ହୁସେନ ସାହା, ଫିରଜ ସାହା ଆହତ ହୋଇଥିବାର ହେଖିବାକୁ ମିଳିଛି । ଏନେଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଫିରାଜ୍ ସାହା ଓ ମନ୍ ଓ୍ୱାର ହୁସେନ ସାହାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏନେଇ ପୃଥକ୍ ପୃଥକ୍ ଭାବେ ଅଭିଯୋଗ କରାଯାଇଥିବାର ଜଣା ପଡ଼ିଛି ।

# ଦେଓ ନଦୀ ବନ୍ଧ ପାଚେରୀ ନିମ୍ନମାନର, ତଦନ୍ତ ଦାବି



କରଞ୍ଜିଆ,(ସବ୍ୟୁ): ହାତିବାରୀ ଦେଓ ନଦୀ ବନ୍ଧ ଠାରେ ନିର୍ମାଣ ହେଉଥିବା ପାଚେରୀ ନିର୍ମାଣରେ ବ୍ୟାପକ ଦୁର୍ନୀତି ହେଉଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରକାଶଥାଉକି ଗତ ୨୪/୦୧/୨୫ରେ ଠିକାଦାର ବାଚସ୍ପତି ଘୋଷ ଟେଣ୍ଡର ପାଇ ଏକ ୧୨୮୦ମିଟର ଲମ୍ବ ପାଚେରୀ ନିର୍ମାଣ ଆରମ୍ଭ କରିଥିଲେ । ଏହି କାମ ଠିକାଦାର ବିନା ସୂଚନା ଫଳକରେ କରୁଛନ୍ତି ଓ ଏହି କାମରେ ଲାଗୁ ଥିବା ଇଟା ମଧ୍ୟ ବହୁତ ନିମ୍ନ ମାନର ବୋଲି ଜଣାପଡିଛି । ଏ ବିଷୟରେ ଗ୍ରାମବାସୀମାନେ ବାରମ୍ବାର ଅଭିଯୋଗ କଲାପରେ ମଧ ବିଭଗୀୟ ଯନ୍ତ୍ରୀ କିଛି ଶୁଣୁନାହାନ୍ତି । ବିଭାଗୀୟ ଯନ୍ତ୍ରୀ ଠିକାଦାରଙ୍କୁ ବିଶେଷ ଅନୁକମ୍ପା ଦେଖାଉଥିବାର ଦେଖିବାକୁ ମିଳିଛି । ଏହି ପାଚେରୀରେ ବ୍ୟବହୃତ ଇଟାକୁ ନେଇ ଟେଷ୍ଟ କଲାପରେ ଜଣାପଡିଛି ଯେ ଇଟାର ମାନ ୩୮. ୩୨କେଜି / ସିଏମ ୨ ରହିଛି । ସରକାରୀ ହିସାବରେ ୭୫କେଜି/ସିଏମ ୨ରୁ ଉର୍ଦ୍ଧ ରହିବାର କଥା । କିନ୍ତୁ ଏହି ପାଚେରୀ ନିର୍ମାଣରେ ଠିକାଦାର ବହୁ ନିମ୍ନମାନର ଇଟା ବ୍ୟବହାର କରୁଛନ୍ତି । ଏହି କାର୍ଯ୍ୟର ଶେଷ ତାରିଖ ଗତ ତିନି ମାସ ତଳେ ସରିଥିଲେ ମଧ ଏବେ ପର୍ଯ୍ୟନ୍ତ କାର୍ଯ୍ୟ ସରିନାହିଁ ।ଏହି ପାଚେରୀ ନିର୍ମାଣକୁ ଗ୍ରାମବାସୀ ପ୍ରଥମରୁ ବିରୋଧ କରୁଛନ୍ତି ।କାରଣ ଦେଓ ନଦୀ ବନ୍ଧ ଦ୍ୱାରା ବିସ୍ଥାପିତ ହୋଇଥିବା ୮ଗୋଟି କଲୋନୀର ପାରିପାର୍ଶ୍ୱକ ଉନ୍ନତି ପାଇଁ ଯଥା, ରାସ୍ତା ଘାଟ, ପାନୀୟ ଜଳ, ବିଦ୍ୟୁତ , ଶ୍ମଶାନ ଘାଟ ଦାମୋଦର ଘାଟ, ଅଙ୍ଗନବାଡି, କଲୋନୀ ପାଚେରୀ ଇତ୍ୟାଦି ନ କରି ୧କୋଟି ୬୨ଲକ୍ଷ ର ପାଚେରୀ କରିବାର ଆବଶ୍ୟକତା ନଥିଲା । କାରଣ ୧୦ଲକ୍ଷ ଟଙ୍କାରେ ତାର ଜାଲି ଦିଆଯାଇ ପାରିଥାନ୍ତା । ଏ ବିଷୟରେ ଗ୍ରାମବାସୀ, ସରପଞ୍ଚ ବୀରେନ୍ଦ୍ର ସୟ ଓ ମନରେଗା ଓ ଅଣସଂଗଠିତ ଶ୍ରମିକ ସଂଗଠନ, ମୟୁରଭଞ୍ଜ ର ସଭାପତି ଚନ୍ଦ୍ର କୁମାର ଶ୍ୟାମଳେନ୍ଦୁ ଦାସ ଏକ ଅଭିଯୋଗ ୨୨/୪/୨୫ ରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ରାଜ୍ୟ ଜଳ ସମ୍ପଦ ବିଭାଗ ଇ ଆଇ ସି ଚନ୍ଦ୍ର ଶେଖର ପାଢ଼ୀ ଓ ମୁଖ୍ୟମନ୍ତ୍ରୀ ବସନ୍ତ ରାଉତଙ୍କୁ ଅବଗତ କରଥିଲେ ।ଏ ବିଷୟରେ ବିଭାଗୀୟ ଏସସି ଙ୍କ ମତାମତ ନିଆଯାଇଥିଲା, ସେ କହିଥିଲେ କୌଣସି ନୂତନ ଟେଣ୍ଡର କାମର ସୂଚନା ଫଳକ ସେଠାରେ ଲଗାଯାଏ ନାହିଁ ।ନିମ୍ନମାନର ମ୍ୟାଟେରିଆଲ ବିଷୟରେ କହିଲେ କ୍ୱାଲିଟି ଟେଷ୍ଟ କରି କାର୍ଯ୍ୟ କରାହେଉଛି । କିନ୍ତୁ ବାସ୍ତବ ରେ ତାହା ସତନୁହେଁ, ଇଟାର ମାନ ଏଠାରେ ବହୁତ ନିମ୍ନ ମାନର ବୋଲି ଅଭିଯୋଗ ହେଉଛି ।

# ରାଜ୍ୟ ସମବାୟ ନୀତି ୨୦୨୫ ସମ୍ବନ୍ଧିତ ଆଞ୍ଚଳିକ କର୍ମଶାଳା

କେନ୍ଦୁଝର, (ସବ୍ୟୁ): ଅଡିଟୋରିୟମ କେନ୍ଦୁଝରଠାରେ ପାଞ୍ଚ ଗୋଟି ଜିଲ୍ଲା ଯଥା- କେନ୍ଦୁଝର , ମୟୂରଭଞ୍ଜ , ବାଲେଶର , ଯାଜପୁର ଓ ଭଦ୍ରକ କୁ ନେଇ ଓ ରାଜ୍ୟ ସମବାୟ ନୀତି ୨୦୨୫ ଉପରେ ଏକ ଆଞ୍ଚଳିକ କର୍ମଶାଳା ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମବାୟ , ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ । ଅନ୍ୟାନ୍ୟ ବରେଣ୍ୟ ଅତିଥିଙ୍କ ମଧ୍ୟରେ ମାନ୍ୟବର ବିଧାୟକ, ତେଲକୋଇ ଡାକ୍ତର ଫକୀର ମୋହନ ନାଏକ, ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, ବିଶିଷ୍ଟ ସମବାୟବିତ ତଥା ଓ ରାଜ୍ୟ ସମବାୟ ନୀତି ୨୦୨୫ ଚିଠା କମିଟିର ପ୍ରମୁଖ ସଦସ୍ୟ ଯଜ୍ଞେଶର ବାବୁ, ପ୍ରଖ୍ୟାତ ସମବାୟବିତ ପ୍ରଫେସର ହରେକୃଷ୍ଣ ମିଶ୍ର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଓ ରାଜ୍ୟ ସମବାୟ ନୀତି ୨୦୨୫ ଚିଠା କମିଟିର ସଦସ୍ୟ ଗୋପବନ୍ଧୁ ଶତପଥି, ବରିଷ୍ଠ ସମବାୟବିତ ତଥା ଚିଠା କମିଟିର ସଦସ୍ୟ ଅଜୟ କୁମାର ସାହୁ, ପ୍ରମୋଦ କୁମାର ସାହୁ , ଯୁଗ୍ମ ନିବନ୍ଧକ, କୃଷ୍ଣଚନ୍ଦ୍ର ଦାସ, ଯୁଗ୍ମ ନିବନ୍ଧକ, ସମବାୟ ସମିତି ସମୂହ, ଓ ଉପସ୍ଥିତ ଥିଲେ । କେନ୍ଦୁଝର , ମୟୂରଭଞ୍ଜ , ବାଲେଶ୍ୱର , ଯାଜପୁର ଓ ଭଦ୍ରକ ଜିଲ୍ଲାର ସମବାୟବିତ, ବୁଦ୍ଧିଜୀବି, ଅଗ୍ରଣୀ କୃଷକ, Pଛାତ୍ର/ଛାତ୍ରୀ, ଜନସାଧାରଣ ପ୍ରମୁଖ ଯୋଗ ଦେଇ ଏକ ସୁଦୃଢ଼ ସମବାୟ ନୀତି ଗଠନ ଦିଗରେ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଏଥିରେ ପାଞ୍ଚଟି ଜିଲ୍ଲାର ସମସ୍ତ ଉପନିବନ୍ଧକ, ସମବାୟ ସମିତି ସମୂହ ତଥା ଅନ୍ୟାନ୍ୟ ସମବାୟ ବିଭାଗର ଅଧିକାରୀମାନେ ଯୋଗ ଦେଇ କର୍ମଶାଳାର ସଫଳ ରୂପାୟନ ପାଇଁ ସହଯୋଗ କରିଥିଲେ । ରାଜ୍ୟ ସମବାୟ ନୀତି ୨୦୨୫ କାର୍ମଶାଳା ସରକାରଙ୍କ ଏକ ସାଗତ ଯୋଗ୍ୟ ପଦକ୍ଷେପ ବୋଲି ଉପସ୍ଥିତ ସମବାୟବିତ ଓ ବୁଦ୍ଧିଜୀବି ମତ ପ୍ରକାଶ କରିଥିଲେ । ଉକ୍ତ କାର୍ମଶାଳାଟି ଉପନିବନ୍ଧକ କେନ୍ଦୁଝର ପର୍ଶୁରାମ ପାତ୍ରଙ୍କ ପ୍ରତ୍ୟକ୍ଷ ତିବଧାନ ଅନୁଷ୍ଠିତ ହୋଇଥିଲା । ସମବାୟ ବିଭାଗର ଅନ୍ୟାନ୍ୟ କର୍ମଚାରୀ, ଏକାଦଶୀ ଦାସ, ସହକାରୀ ନିବନ୍ଧକ, ବାଲେଶର, ମଙ୍ଗଳ ସୋରେନ, ବରିଷ୍ଠ ସହକାରୀ ନିବନ୍ଧକ ଚମ୍ପୁଆ, ରାମଚନ୍ଦ୍ର ବିଶାଳ, ସହକାରୀ ନିବନ୍ଧକ ଅନନ୍ଦପୁର, ବସନ୍ତ ନାୟକ , ସହକାରୀ ନିବନ୍ଧକ କରଞ୍ଜିଆ, ସୁଶୀଲ ଚନ୍ଦ୍ର ନାଏକ, ହେମନ୍ତ କୁମାର ନାଏକ, ବିମ୍ବାଧର ନାଏକ, ଯତୀନ ମହାନ୍ତ, ବିଭୁତି ଭୂଷଣ ନାଏକ, ଦିବ୍ୟରଞ୍ଜନ ସେଠୀ, ରଞ୍ଜନ ନାଏକ ପ୍ରମୁଖ ସହଯୋଗ କରିଥିଲେ । ଏହି କର୍ମଶାଳାରେ ଉପନିବନ୍ଧକ କେନ୍ଦୁଝର ପର୍ଶୁରାମ ପାତ୍ର ସାଗତ ଭାଷଣ ଦେଇଥିଲେ ।

# ମହିନ୍ଦ୍ରା ଆଣିଲା ନୂଆ ବୋଲେରୋ ରେଞ୍ଜ




ଭୁବନେଶ୍ୱର, (ସବ୍ୟୁ): ଭାରତର ଅଗ୍ରଣୀ ଏସୟୁଭି ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ ପକ୍ଷରୁ ଉନ୍ନତ ଷ୍ଟାଇଲ, ଅଭ୍ୟନ୍ତର ଓ ଆରାମଦାୟକ ସୁବିଧା ସହିତ ନୂତନ ବୋଲେରୋ ଶ୍ରେଣୀ ଉନ୍ମୋଚନ କରାଯାଇଛି । କମ୍ପାନି ଟପ୍-ଏଣ୍ଡ ଭାରିଆ୍ ବୋଲେରୋ ବି୮ ଏବଂ ବୋଲେରୋ ନିଓ ଏନ୧ ସହ ଏହାର ଏସୟୁଭି ଶ୍ରେଣୀର ଆକର୍ଷଣକୁ ବୃଦ୍ଧି କରିଛି ।ନୂତନ ବୋଲେରୋର ମୂଲ୍ୟ ୭.୯୯ ଲକ୍ଷ ଟଙ୍କାରୁ ୯.୬୯ ଲକ୍ଷ ଟଙ୍କା (ଏକ୍ସ-ଶୋରୁମ୍) ମଧ୍ୟରେ ରହିଛି ଏବଂବୋଲେରୋ ନିଓର ମୂଲ୍ୟ ୮.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ଟପ୍ ଭାରିଆ୍ ଏନ ୧୧ର ମୂଲ୍ୟ୯.୯୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି । ୨୫ ବର୍ଷର ପରମ୍ପରା ଏବଂ ୧୬ ଲକ୍ଷରୁ ଅଧିକ ସନ୍ତୁଷ୍ଟ ଗ୍ରାହକଙ୍କ ସହିତ ବୋଲେରୋ ଭାରତୀୟ ପରିବାର,ଉଦ୍ୟୋଗୀ ଏବଂ ଗ୍ରାମୀଣ ଯୁବସମାଜ ପାଇଁ ଏକ ବିଶ୍ୱସ୍ତ ପସନ୍ଦ ହୋଇରହିଛି । ଏହି ଏସୟୁଭି ଏହାର ବିଶ୍ୱସନୀୟତାଏବଂ ଦୃଢ଼ ପ୍ରତିଷ୍ଠାରେ ଅଟଳ ରହି ବର୍ତ୍ତମାନ ଏକ ଅଧିକ ପ୍ରିମିୟମ୍ ଏବଂ ସମକାଳୀନ ଡିଜାଇନ ହାସଲ କରିଛି ।ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଟୋମୋଟିଭ୍ ବିଭାଗ ନଳିନୀକାନ୍ତ ଗୋଲ୍ଲାଗୁଣ୍ଟା କହିଛନ୍ତି ଯେ, ୨୫ ବର୍ଷରୁ ଅଧିକ ସମୟ ଧରି ବୋଲେରୋ ସମୟର ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଭାରତର ସବୁଠାରୁ ବହୁମୁଖୀ ଏବଂ ମଜଭୁତ ଏସୟୁଭିଗୁଡିକ ମଧ୍ୟରୁ ଗୋଟିଏ ଭାବରେ ସ୍ଥାନ ପାଇଛି । ନୂଆଭାରତର ପରିର୍ବିତ ଏବଂ ଦ୍ରୁତ ଗତିରେ ବିକଶିତ ହେଉଥିବା ଆକାଂକ୍ଷାକୁ ପୂରଣ କରିବା ପାଇଁ ନୂତନ ବୋଲେରୋ ଶ୍ରେଣୀକୁ ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଏରିଆ ସେଲ୍ସ ମ୍ୟାନେଜର ତନ୍ମୟ ଦେ, ଜେନେରାଲ ମ୍ୟାନେଜର ସଞ୍ଜୟ ବିଶ୍ୱାଳ, ବିଡିଏମ୍ ରୋମିଲା ମଜୁମଦାର ଏବଂ ରାଜେଶ ରଥ ଯୋଗ ଦେଇଥିଲେ ।

# ଶିକ୍ଷକ ନିଯୁକ୍ତି ଦାବିରେ ଧାରଣା ଦେଲେ ଛାତ୍ରଛାତ୍ରୀ, ଅଭିବାବକ

ସୋର,(ସବ୍ୟୁ):ସୋର ବ୍ଲକ ମୁଳିସିଂ ପଞ୍ଚାୟତ ମାଙ୍ଗେଶ୍ୱରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ଏବଂ ଅଧିକ ଶିକ୍ଷକ ନିଯୁକ୍ତିକୁ ଦାବି କରି ଅଭିଭାବକମାନେ ପିଲାମାନଙ୍କୁ ସ୍କୁଲକୁ ନଛାଡି ଗଣଧାରଣା ଦେବା ସହିତ ପ୍ରତିବାଦ କରିଛନ୍ତି । ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୫ ଜଣ ପିଲା ପାଠ ପଢୁଥିବାବେଳେ ଜଣେ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି । ୧୭ ବର୍ଷ ପୂର୍ବରୁ ଏଠାରେ ନିଯୁକ୍ତି ପାଇଥିବା ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ବେହେରାଙ୍କୁ ବିଭାଗ ତରଫରୁ ଡେପୁଟେସନରେ ଅନ୍ୟସ୍କୁଲ ନିଆଯିବା ପରେ ଏଠାରେ ଜଣେ ଶିକ୍ଷୟିତ୍ରୀ ମନୋରମା ବେହେରା ପ୍ରଧାନ ଶିକ୍ଷୟତ୍ରୀ ଦାୟିତ୍ୱ ତୁଲାଇବା ସହ ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି । ଜଣେ ଶିକ୍ଷୟିତ୍ରୀ ଥିବାରୁ ପିଲାମାନଙ୍କ ପାଠ ପଢ଼ାରେ ବ୍ୟାଘାତ ହେଉଛି । ଫଳରେ ଏଠାରେ ଶିକ୍ଷକ ନିଯୁକ୍ତି କରିବା ସହିତ ମନୋରମା ଙ୍କୁ ଏଠାରୁ ବଦଳି କରିବାକୁ ନେଇ ଗ୍ରାମବାସୀ ମାନେ ୨୦୦୯ ମସିହାରୁ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ତେବେ ଚଳିତ ବର୍ଷ ମାର୍ଚ୍ଚ ମାସ ଠାରୁ ଗ୍ରାମବାସୀ ମାନେ ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଶିକ୍ଷା ବିଭାଗ ନିକଟରେ ଦାବୀ କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା । ତେଣୁ ଗୁରୁବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣ ଧାରଣା ଦେବା ସହିତ ସ୍କୁଲକୁ ପିଲାମାନଙ୍କୁ ନଛାଡି ସ୍କୁଲ ନିକଟରେ ଥିବା ଏକ ହରିହାଟ ଘରେ ଗ୍ରାମବାସୀମାନେ ଚାନ୍ଦାକରି ପିଲାମାନଙ୍କୁ ପାଠ ପଢାଇବାକୁ ଧାର୍ଯ୍ୟ କରିଛନ୍ତି । ଖବର ପାଇ ସୋର ଅତିରିକ୍ତ ଶିକ୍ଷାଧିକାରୀ ସୋମନାଥ ଦାସ ଘଟଣା ସ୍ଥଳରେ ପହଞ୍ଚି ଅଭିଭାବକ ମାନଙ୍କୁ ବୁଝାସୁଝା କରିଥିଲେ ମଧ ଖବର ଲେଖାଯିବା ପର୍ଯ୍ୟନ୍ତ ଏହାର ସମାଧାନ ହୋଇନଥିବା ଜଣାପଡିଛି ।

# ଅସୁସ୍ଥ ପୂର୍ଣ୍ଣଚନ୍ଦ୍ରଙ୍କୁ ଭେଟିଲା ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ମହତୀପୁର ଗ୍ରାମ ପଞ୍ଚାୟତ ଅଧୀନ କଣ୍ଠାପଡା ଗ୍ରାମର ବିଶିଷ୍ଟ ପଣ୍ଡିତ ତଥା ଆଞ୍ଚଳିକ ବ୍ରାହ୍ମଣ ସମିତିର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମିଶ୍ର ବାଇକ ଦୁର୍ଘଟଣାରେ ଗୁରୁତର ହୋଇ ଦେଢ ମାସଧରି ଚିକିତ୍ସିତ ହେବା ପରେ ଏବେ ୨ଦିନ ତଳେ ଘରକୁ ଫେରିଛନ୍ତି। ଗୁରୁବାର ଦିନ ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି ର ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀଙ୍କ ନେତୃତ୍ୱରେ ସଭାପତି ଜଳଧର ମିଶ୍ର,ସାଧାରଣ ସମ୍ପାଦକ ରମାକାନ୍ତ ଶତପଥି,ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ବୁଦ୍ଧିରାମ ପାଣିଗ୍ରାହୀ,ବାସୁଦେବ ପଣ୍ଡା,ରାମଚନ୍ଦ୍ର ପଣ୍ଡା,ପଦ୍ମନାଭ ପଣ୍ଡା,ଦିନବନ୍ଧୁ ଦାଶ,ସଙ୍କୀର୍ତ୍ତନ ପଣ୍ଡା,ପିତାମ୍ବର ପତି,ଶ୍ୟାମସୁନ୍ଦର ପଣ୍ଡା,କୈଳାସ ପଣ୍ଡା ପ୍ରମୁଖ ପୂର୍ଣ୍ଣଚନ୍ଦ୍ରଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା ଲାଗି ମନ୍ତ୍ରପାଠ ସହିତ ଆର୍ଥିକ ସହଯୋଗ କରିଥିଲେ।

**AFFIDAVIT**

By virtue of an affidavit sworn before the Exec- utive Magistrate, Cuttack vide no.8637 dtd.15.10. 25, I, Sasmita Rani Sinha, W/o- Akhilesh Kumar Sinha resident of Ashirbad, near Malgodo- wn road, Po.- College Sqr., Ps.- Chauliaganj, Dist.- Cuttack- 753003 state that, my correct name is **Sasmita Rani Sinha** but in my son **Anwesh Sinha**'s School admission register and in his Birth Certificate my name has been wrongly mentioned as Sasmita Sinha. That, **Sasmita Rani Sinha** and **Sasmita Sinha** is the same and one person.

# ନାବାଳିକା ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ ଦଣ୍ଡ

ଜଗତସିଂହପୁର, (ସବ୍ୟୁ) : ୨୦୨୧ ବିରିଡି ଥାନା ନାବାଳିକା ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତ ସୌମ୍ୟ ରଞ୍ଜନ ବେହେରାଙ୍କୁ ୨୦ବର୍ଷ କାରଦଣ୍ଡ ସହିତ ୧୦ ହଜାର ଟଙ୍କା ଜୋରିମାନରେ ଦଣ୍ଡିତ କଲେ ସ୍ୱତନ୍ତ୍ର ପୋକସୋ କୋର୍ଟ ବିଚାରପତି ଏସ. ଏ. କେ. ଜେ ଅହମଦ ।ଜୋରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି ।ସୂଚନା ଅନୁସାରେ ୨୦୨୧ ଅଗଷ୍ଟ ୨୧ ତାରିଖରେ ବିରିଡି ଥାନା ଅଞ୍ଚଳରେ ଜଣେ ନାବାଳିକା ଘରେ ସାନ ଭଉଣୀ ସହିତ ଶୋଇଥିବା ବେଳେ ଅଭିଯୁକ୍ତ ଗୋଷାଣୀଦେଇପୁର ଗ୍ରାମର ସୌମ୍ୟ ରଞ୍ଜନ ବେହେରା ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲେ।ଏହା ଦେଖି ଭୟରେ ସାନ ଭଉଣୀ ଘରୁ ଦୌଡି ପଳାଇଥିଲେ।ଅଭିଯୁକ୍ତ ପିଡ଼ିତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ କାହାରିକୁ ନକହିବାକୁ କହିଥିଲେ ।ମାତ୍ର ଘଟଣାର ୫ ଦିନ ପରେ ପିଡିତା ତାଙ୍କ ମାଆଙ୍କୁ ସମସ୍ତ ଘଟଣା କହିବା ପରେ ପିଡ଼ିତାଙ୍କ ମାଆ ବିରିଡି ଥାନାରେ ଅଗଷ୍ଟ ୨୬ ତାରିଖରେ ଏତଲା କରିଥିଲେ ।ଉକ୍ତ ଏତଲାକୁ ଭିତ୍ତିକରି ବିରିଡି ପୋଲିସ କେଶ ନମ୍ବର ୧୬୪/୨୧ ରୁଜୁ କରି ଅଭିଯୁକ୍ତ ସୌମ୍ୟ ରଞ୍ଜନ ବେହେରାଙ୍କୁ ଗିରଫ କରିଥିଲା ।ଆଜି ଉକ୍ତ ମାମଲାର ବିଚାର କରି ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ସ୍ୱତନ୍ତ୍ର ପୋକସୋ କୋର୍ଟ ବିଚାରପତି ସୟଦ ଅବଦୁଲ କାଦିର ଜାହିର ଅହମଦ ଅଭିଯୁକ୍ତ ସୌମ୍ୟ ରଞ୍ଜନ ବେହେରାଙ୍କୁ ୨୦ ବର୍ଷ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ଜୋରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି ।ପିଡିତାଙ୍କୁ ଆଇନ ସେବା ପ୍ରାଧିକରଣ ପକ୍ଷରୁ ୫ ଲକ୍ଷ ଟଙ୍କା କ୍ଷତିପୁରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି।ଏହି କେଶକୁ ସ୍ୱତନ୍ତ୍ର ସରକାରୀ ଓକିଲ ଦୋଳଗୋବିନ୍ଦ ଦାଶ ପରିଚାଳନା କରୁଥିଲେ।

# ମହିଳାଙ୍କୁ ପୋଡି ମାରିବା ଘଟଣାରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଜଗତସିଂହପୁର,(ସବ୍ୟୁ):ବାଲିକୁଦା ଥାନା ୨୦୨୧ ମସିହାରେ ଜଣେ ମହିଳାଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ପୋଡି ମାରିବା ଘଟଣାରେ ଅଭିଯୁକ୍ତ ଓଚିନ୍ଦା(ପାଇକସାହି) ଗ୍ରାମର ସୁଦାମ ସ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଜିଲ୍ଲା ଓ ଦୌରାଜଜ ଶ୍ରୀନିବାସ ପ୍ରତିହାରୀ ।ସୂଚନା ଆନୁସାରେ ଖାଲଗାଁର ଦେବାଶିଷ ପାଳଙ୍କ ମୃତ୍ୟୁ ପରେ ତାଙ୍କ ପନୀ ସସ୍ମିତା ପାଳଙ୍କ ସହିତ ଅଭିଯୁକ୍ତ ସୁଦାମ ସ୍ୱାଇଁଙ୍କ ସମ୍ପର୍କ ହୋଇଥିଲା ।ପରେ କୌଣସି କାରଣରୁ ଉଭୟଙ୍କ ଭିତରେ ମନୋମାଳିନ୍ୟ ହୋଇଥିଲା ।ଏହାକୁ ନେଇ ୨୦୨୧ ମସିହା ଅପ୍ରେଲ ୧୧ ତାରିଖରେ ବାଲିକୁଦା ଥାନା ଖାଲଗାଁର ସସ୍ମିତା ପାଳ ତାଙ୍କ ବାପ ଘର ମଙ୍ଗପୁରରେ ରାତିରେ ଶୋଇଥିବା ଅବସ୍ଥାରେ ବିଳମ୍ବିତ ରାତିରେ ଓଚିନ୍ଦା ଗ୍ରାମର ସୁଦାମ ସ୍ୱାଇଁ ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ ।ଗୁରୁତର ଅବସ୍ଥାରେ ସସ୍ମିତାଙ୍କୁ ବାଲିକୁଦା ଓ ପରେ ଜଗତସିଂହପୁର ମେଡିକାଲକୁ ଅଣାଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।କଟକ ମେଡିକାଲରେ ପିଡିତା ସମସ୍ତ ଘଟଣା କହିବା ପରେ ଚିକିତ୍ସାଧୀନ ଅବସ୍ଥାରେ ଅପ୍ରେଲ ୧୨ ତାରିଖ ୨୦୨୧ରେ ଏତଲା ଦେଇଥିଲେ ପିଡିତା।ମାତ୍ର ପିଡିତାଙ୍କ ଅବସ୍ଥା ଗୁରୁତର ଥିବାରୁ ସେହି ଦିନ ରାତି ୧ଟା ସମୟରେ ଆଖି ବୁଜିଥିଲେ।ଆଜି ଏହା ହତ୍ୟାକାଣ୍ଡ ଘଟଣାର ବିଚାର କରି ଜିଲା ଓ ଦୌରା ଜଜ ଶ୍ରୀନିବାସ ପ୍ରତିହାରୀ ୧୩ ଜଣ ସାକ୍ଷୀ ମାନଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତ ସୁଦାମ ସ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ।ଜୋରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।ଏହି ମାମଲାକୁ ସରକାରୀ ଓକିଲ ତପନ କୁମାର

**ଦଲିଲ ହଜିଛି**

ଏତଦ୍ଦ୍ୱାରା ଘୋଷଣା କରୁଅଛି କି ମୁଁ ଜଗତ ଜୀବନ ମହାନ୍ତି, ପିତା ସ୍ୱର୍ଗତ ମୁରଲୀଧର ମହାନ୍ତି, ଗ୍ରାମ–ଖନ୍ଦୋଳ, ପୋଷ୍ଟ–ଶୁକ୍ଳେଶ୍ୱର, ଥାନା–ମାହାଙ୍ଗା, ଜିଲ୍ଲା–କଟକର ବାସିନ୍ଦା ଅଟେ । ମୁଁ ଗତ ୧୩.୧୦.୨୦୨୫ ତାରିଖ ଦିନ ୧୦ଟା ବେଳେ ଘରୁ ବାହାରି ସାଲେପୁର–ଛତିଆ ପୂର୍ତ୍ତ ବିଭାଗ ରାସ୍ତାରେ ମାହାଙ୍ଗା ବ୍ଲକକୁ ଯାଉଥିଲି । ମୋ ଗାଡ଼ିରେ ଟଙ୍ଗା ଯାଇଥିବା ବ୍ୟାଗଟି ରାସ୍ତାରେ କେଉଁଠି ଛିଣ୍ଡି ପଡ଼ିଛି । ଫଳରେ ସେଥିରେ ଥିବା ୨ଟି ଦଲିଲ ହଜିଯାଇଛି । ଯାହାର ନମ୍ବର ହେଉଛି **RSD No-1520 dated 06/06/1986** ଓ ଅନ୍ୟଟି **RSD No.- 10441900451 dated 03/07/ 2019** । ଯଦି କେହି ଏହାକୁ ପାଇବେ ତାହେଲେ ନିକଟସ୍ଥ ଥାନାରେ ଦେଇପାରିବେ । ଅନ୍ୟପକ୍ଷରେ କେହି ଏହାକୁ ବ୍ୟବହାର କଲେ ଆଇନ ଅନୁସାରେ ସେ ଦଣ୍ଡିତ ହେବେ ।

**AFFIDAVIT**

By virtue of an affidavit sworn before Notary Public,Nayagarh Odisha on dated 15.10.2025 I, Praphul Kumar Raut S/o - Prahlada Rout Resident Of Village Badaput P.O- Panchrida P.S- Sarankul Dist-Nayagarh,PIN- 752080 declare that I have changed my name from Anirudha Rout to Praphul Kumar Raut Henceforth, I shall be known as Praphul Kumar Raut for all purposes.

Sd/- Praphul Kumar Raut

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ବେତନଟୀ, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ବ୍ଲକ ସଠିଲୋ କ୍ଲଷ୍ଟର ସୁରଭି କାର୍ଯ୍ୟକ୍ରମ ଆଞ୍ଚଳିକ ସାଧନ କର୍ମୀ ସଞ୍ଜୟ କୁମାର ପଣ୍ଡିତଙ୍କ ସଭାପତିତ୍ୱରେ ସରକାରୀ ଉ ପ୍ରା ବିଦ୍ୟାଳୟ ସଠିଲ ଠାରେ ଅନୁଷ୍ଠିତ ହୋଇଯାଇଛି । ବେତନଟୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର ମୁଖ୍ୟ ଅତିଥି ଭାବରେ ଯୋଗ ଦେବା ସହିତ ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ଉପସ୍ଥିତ ଥିଲେ । ବରିଷ୍ଠ ଶିକ୍ଷକ ଜୟ ଚନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ । ସଠିଲୋ କ୍ଲଷ୍ଟର ସମସ୍ତ ବିଦ୍ୟାଳୟ ବିଦ୍ୟାଳୟ ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ମୋଟ ବରିଷ୍ଠ ବର୍ଗର ୯ ଟି, କନିଷ୍ଠ ବର୍ଗ ର ୯ଟି, ଏଫ ଏଲ ଏ ନ ବର୍ଗର ପ୍ରଥମ, ଦ୍ୱିତୀୟ, ତୃତୀୟ ଶ୍ରେଣୀ ୧୨ ଟି ବିଭାଗ ରେ ପ୍ରତିଯୋଗିତା କରାଯାଥିଲା । ମୋଟ ୯୦ ଜଣ ପ୍ରତିଯୋଗୀ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ଏହାପରେ ପୁରସ୍କାର ବିତରଣ କରାଯାଥିଲା । ପୁରସ୍କାର ବିତରଣ ସଭାରେ ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ଅନୁରୂପ ଭାବେ ବୈଶିଙ୍ଗା ଥାନା ଅଧୀନ ବଡଛୁରୁଣୀ ସ୍ଥିତ ପଦ୍ମଲୋଚନ ହାଇସ୍କୁଲରେ ଛଚିନାପଦା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବୁଧବାର ଅପରାହ୍ନ ୪ଟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଲେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର । ଛଚିନାପଦା କ୍ଲଷ୍ଟରର ସିଆରସିସି ପ୍ରଦୀପ କୁମାର ଦାସଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କରଙ୍କ ସମେତ ପଦ୍ମଲୋଚନ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ବେହେରା ମଞ୍ଚାସିନ ଥିଲେ । ଜଗଦୀଶ ମହାନ୍ତ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଧାଂଶୁ ସାହୁ କୁନି କୁନି ପିଲାମାନଙ୍କୁ ନେଇ ପ୍ରତିଯୋଗୀତା ପରିଚାଳନା କରିଥିଲେ । ଏହି ଅବସରରେ ପ୍ରଫୁଲ୍ଲ ବେହେରା, ଉଦୟନାଥ ବେହେରା, ରୁକ୍ମଣୀ ଗିରି ଏବଂ ଚକ୍ରଧର ସେଠିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଆୟୋଜକ ପଦ୍ମଲୋଚନ ହାଇସ୍କୁଲର ଦୁଇଜଣ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଚାଳନାରେ ସମସ୍ତେ ସହଯୋଗ କରିଥିଲେ

**ଚକ୍ରଧରପୁର ଡିଭିଜନରେ ବିଭିନ୍ନ ଆସେଟ୍ସ ପାଇଁ ଇ-ନିଲାମ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର ଡିଭିଜନ ଦକ୍ଷଣ ପୂର୍ବ ରେଳପଥ ଚକ୍ରଧରପୁର ଡିଭିଜନରେ ନିମ୍ନୋକ୍ତ ଆସେଟ୍ସ ବର୍ଗ ପାଇଁ ଇ–ନିଲାମ ଆହ୍ୱାନ କରୁଛନ୍ତି । ଏ ସମ୍ପର୍କରେ ଇ–ନିଲାମ ବିଜ୍ଞପ୍ତିର ଡ୍ରାଫ୍ଟ ସଂଲଗ୍ନ କରଯାଇଛି ଯାହାକି **https://www.ireps.gov.in/website** ରେ ସୂଚିତ ହୋଇଛି । ଇ–ନିଲାମ ର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ ଅଟେ : କ୍ର.ନଂ., କ୍ୟାଟେଗୋରୀ, କାଟେଲଗ୍ ନଂ, ନିଲାମ ତାରିଖ, ନିଲାମ ଆରମ୍ଭ ସମୟ ଓ ନିଲାମ ବନ୍ଦ ସମୟ ନିମ୍ନରେ ଦିଆଯାଇଛି : ୧, ବିଜ୍ଞାପନ, ଏଡିଭିଟି–ସିକେପିଡିଆଇଭି–ଆରଓବି, ୨୪.୧୦.୨୦୨୫, ୧୨.୦୦ ଘଟିକା ଓ ୧୩.୦୦ ଘଟିକା । ୨, ପେ ଆଣ୍ଡ ୟୁଜ୍ ଟଏଲେଟ୍, ପିଏନ୍ୟୁ–ସିକେପିଡିଆଇଭି–ଓସିଟି, ୨୪.୧୦.୨୦୨୫, ୧୩.୦୦ ଘଟିକା ଓ ୧୩.୫୦ ଘଟିକା । ୩, ପେ ଆଣ୍ଡ ୟୁଜ୍, ପିଏନ୍ୟୁ–ଲାଉଞ୍ଜ–ଜେଏସ୍‌ଜି, ୨୫.୧୦.୨୦୨୫, ୧୧.୩୦ ଘଟିକା ଓ ୧୨.୦୦ ଘଟିକା । ୪, ପିଏମ୍‌ବିଜେକେଏସ୍, ପିଏମ୍‌ବିଜେକେଏସ୍–ଟାଟା–୨୫, ୨୭.୧୦.୨୦୨୫, ୧୨.୦୦ ଘଟିକା ଓ ୧୨.୩୦ ଘଟିକା । ୫, ପାର୍କିଂ, ପାର୍କିଂ–ସିକେପି–୨୫, ୨୯.୧୦.୨୦୨୫, ୧୨.୦୦ ଘଟିକା ଓ ୧୨.୩୦ ଘଟିକା । ଆଗ୍ରହୀ ପକ୍ଷମାନେ ଏଥିପ୍ରତି ଧ୍ୟାନ ଦିଅନ୍ତୁ ଏବଂ କ୍ଷେତ୍ର ସ୍ଥଳର ସବିଶେଷ ବିବରଣୀ ନିମନ୍ତେ ଉପରେ ସୂଚିତ ୱେବ୍‌ସାଇଟ୍‌କୁ ଯାଆନ୍ତୁ ଏବଂ ଇ–ନିଲାମ ବିଜ୍ଞପ୍ତି ସମ୍ପର୍କରେ ତତ୍ ସମ୍ପର୍କୀୟ ସୂଚନା ହାସଲ କରନ୍ତୁ । ଯଦି ଅଧିକ କିଛି ଜାଣିବାର ଥାଏ/ସ୍ପଷ୍ଟିକରଣ ଦେବାକୁ ଚାହାନ୍ତି ତେବେ ଦୟାପୂର୍ବକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିନ୍ତି ।

(PR-730) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳବାଇ
ଆମେ ହାସ୍ୟ ସହ ସେବା ପ୍ରଦାନ କରୁଛୁ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟ୍ରମ୍ପଙ୍କ...

କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୋର ବନ୍ଧୁ । ଆମ ଭିତରେ ଭଲ ସମ୍ପର୍କ ରହିଛି । ଟ୍ରମ୍ପଙ୍କ ଏହି ଦାବିକୁ ନେଇ ଭାରତରେ ରାଜନୈତିକ ବାଦ ବିବାଦ ଆରମ୍ଭ ହୋଇଛି । ବିରୋଧି ଦଳ ନେତା ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀଙ୍କୁ ପୁଣି ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ ଟ୍ରମ୍ପଙ୍କ ଆଗରେ ପୁଣି ମୋଦି ଭୟଭିତ ହୋଇଛନ୍ତି । ଟ୍ରମ୍ପ ପ୍ରଧାମନ୍ତ୍ରୀଙ୍କୁ କିଭଳି କାର୍ଯ୍ୟ କରିବେ ନିର୍ଦ୍ଦେଶ ଦେଇଛନ୍ତି । ଇସ୍ରାଏଲ ହମାସ ମଧ୍ୟରେ ଶାନ୍ତିଚୁକ୍ତି ନେଇ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ରାଷ୍ଟ୍ରପତିଙ୍କୁ ପ୍ରଶଂସା କରିଛନ୍ତି । ଏହା ସତ୍ତ୍ୱେ ଭାରତ ଉପରେ ଟ୍ରମ୍ପ ଚାପ ପକାଉଛନ୍ତି ।

### ବିଦାୟ...

ଘନୀଭୂତ ୨୪ ବେଳକୁ ଲଘୁଚାପରେ ପରିଣତ ହେବ । ପରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମଦିଗରେ ଗତି କରି ୨୬ ତାରିଖ ସୁଦ୍ଧା ଅବପାତ ରୂପ ହୋଇପାରେ । ଏହାସହ ଆରବସାଗରରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ଅଛି । ପୂର୍ବାଳି ବାୟୁ ଆସିବା ଯୋଗୁ ବର୍ଷା ହୋଇପାରେ । ଉପକୂଳବର୍ତ୍ତୀ ଅଞ୍ଚଳରେ ପବନ ଓ ଆକାଶ ମେଘୁଆ ସହିତ ବର୍ଷା ହୋଇପାରେ ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଡଃ. ତିରୁପତି ପାଣିଗ୍ରାହୀଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଜୀବନବ୍ୟାପୀ ସମ୍ମାନ



ଭୁବନେଶ୍ୱର (ସବ୍ୟୁ): ସିକିମ୍ ଆଇସିଏଫ୍ଆଇ ବିଶ୍ୱବିଦ୍ୟାଳୟର ୧୮ତମ ସମାବର୍ତ୍ତନ ଉତ୍ସବ ଏବଂ ସିକିମ୍ ରାଜ୍ୟର ୫୦ ବର୍ଷ ପୂର୍ତ୍ତି ଉତ୍ସବ ସିକିମ୍ ଗ୍ୟାଙ୍ଗଟକ୍ ସ୍ଥିତ ଚିନ୍ତନ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ସିକିମ୍ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ସୋମଦ୍ଦର ଏବଂ ସମ୍ମାନିତ ଅତିଥି ଭାବେ ଭାରତର ପୂର୍ବତନ ପ୍ରଧାନ ବିଚାରପତି ଡକ୍ଟର ଜଷ୍ଟିସ୍ ଡି. ୱାଇ ଚନ୍ଦ୍ରଚୂଡ଼ ଯୋଗଦେଇ ଓଡିଶାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀଙ୍କୁ ତାଙ୍କର ବଳିଷ୍ଠ ନେତୃତ୍ୱ, ଦୂରଦୃଷ୍ଟି ଏବଂ ଶିକ୍ଷା ପ୍ରତି ଆଜୀବନ ଉତ୍ସର୍ଗୀକୃତତାକୁ ନେଇ ଆଇସିଏଫ୍ଆଇ ବିଶ୍ୱବିଦ୍ୟାଳୟ ତରଫରୁ ଜୀବନବ୍ୟାପୀ ସଫଳତାର ସମ୍ମାନ ପ୍ରଦାନ କରିଛନ୍ତି । ଓଡିଶା ଓ ଓଡିଶା ବାହାରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଏବଂ ସମ୍ମିଳିତ ବିକାଶ ପ୍ରତି ତାଙ୍କର ଅବଦାନକୁ ଭୂୟସୀ ପ୍ରଶଂସା କରିଛନ୍ତି ଉପସ୍ଥିତ ଥିବା ଅତିଥିମାନେ ।

## ଶିଶୁ ହସିଲେ ଦୁନିଆ ହସିବ

# ଅନ୍ତର୍ନିହିତ ପ୍ରତିଭାର ଅନ୍ୱେଷଣ ଶିଶୁ ମହୋତ୍ସବ ସୁରଭି



ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ବ୍ଲକ ନରଣଗଡ଼ ଆଂଚଳିକ ସାଧନ କେନ୍ଦ୍ର ଆନୁକୂଲ୍ୟରେ ସରକାରୀ ଉ.ପ୍ରା ବିଦ୍ୟାଳୟ, ଜଗନ୍ନାଥପୁରଠାରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି ।ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଶରତ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ ରେ ମୁଖ୍ୟ ସଂଯୋଜକ ଭାବରେ ରାଜୀବ ଚରଣ ମହାପାତ୍ର, ଅତିଥିଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଦାସ, ଯୁଧିଷ୍ଠିର ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ସୁରଭିର କୁନି କୁନି କଳିକାମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ପରିସ୍ଫୁଟନ ନିମନ୍ତେ ଶିଶୁ ମହୋତ୍ସବ ସୁରଭିର ଉପାଦେୟତାକୁ ଭୂରିଭୂରି ପ୍ରଶଂସା କରିଥିଲେ। କ୍ଲଷ୍ଟରର ୧୦ଟି ବିଦ୍ୟାଳୟରୁ ୧୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ୩୦ ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ଯେଉଁମାନଙ୍କର ମିଳିତ ସହଯୋଗରେ ଶିଶୁ ମହୋତ୍ସବ ସୁରଭି ସଫଳତାର ରୂପରେଖ ପାଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ଶିକ୍ଷାଗତ ଏବଂ ସାଂସ୍କୃତିକ ପ୍ରତିଯୋଗିତା ଯଥା ବିତର୍କ, କୁଇଜ୍, ଚିତ୍ରାଙ୍କନ, ଗଣିତ, ଦୌଡ଼, ଗୀତ ନାଚ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥୀମାନଙ୍କୁ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ନରଣଗଡ଼ ରାଜୀବ ଚରଣ ମହାପାତ୍ରଙ୍କ କରକମଳରେ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା।

## ନୂଆପଡ଼ା ଉପନିର୍ବାଚନ ପରିଚାଳନା ନେଇ

# ଷ୍ଟିୟରିଂ ଓ ମନିଟରିଂ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ) : ନଭେମ୍ବର ୧୧ ତାରିଖରେ ଅନୁଷ୍ଠିତ ହେବାକୁ ନୂଆପଡ଼ା ଉପନିର୍ବାଚନର ପରିଚାଳନା ନିମନ୍ତେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ଷ୍ଟିୟରିଂ ଓ ମନିଟରିଂ କମିଟି ଗଠନ କରିଛନ୍ତି । ଉକ୍ତ କମିଟି ଦ୍ୱୟ ବ୍ୟବସ୍ଥିତ ଭାବରେ ନିର୍ବାଚନ ପରିଚାଳନା କରି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ବିଜୟୀ କରିବାରେ ସମସ୍ତ ଦାୟୀତ୍ୱ ନିର୍ବାହ କରିବାକୁ ଶ୍ରୀ ଦାସ ଅନୁରୋଧ କରିଛନ୍ତି ।

ନିର୍ବାଚନ ଷ୍ଟିୟରିଂ କମିଟିରେ କଂଗ୍ରେସ ନେତୃବୃନ୍ଦ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା, ଦେବାଶିଷ ପଟ୍ଟନାୟକ, ସିଦ୍ଧାର୍ଥ ସ୍ୱରୂପ ଦାଶ, ବିଧାୟକ ଅଶୋକ ଦାସ, ବିଧାୟକ ସାଗର ଚରଣ ଦାସ, କାଡ୍ରାକା ଆପାଲା ସ୍ୱାମୀ, ସତ୍ୟଜିତ ଗମାଙ୍ଗୋ, ମଙ୍ଗୁ ଖିଲ, ପବିତ୍ର ସାଉଁଟା ଓ ନୀଳମାଧବ ହିକକା ପ୍ରମୁଖ ରହିଛନ୍ତି ।

ସେହିପରି ନିର୍ବାଚନ ମନିଟରିଂ କମିଟିରେ କଂଗ୍ରେସ ନେତୃବୃନ୍ଦ ଭାରତ ଭୂଷଣ ବେମାଲ, ବିନୋଦ ପାତ୍ର, କୃଷ୍ଣଚନ୍ଦ୍ର ଶଗରିଆ, ଜାକବ ପ୍ରଧାନ, ଅଶିତ ପଟ୍ଟନାୟକ, ଦୌପ୍ରଦୀ ମାଝୀ, ଫକୀର ଜଗତ, ବିଜୟାନନ୍ଦ ଚାଉଲିଆ, ସରୋଜ ପ୍ରଧାନ, ପିନାକୀ ନାରାୟଣ ଦାସ, ସେମ ହେମ୍ବ୍ରମ, ଜ୍ଞାନରଞ୍ଜନ ଦାସ, ଗଣେଶ ସାହୁ, ଅନିଲ ମେହେର, ଅଜିତ ଦାସ, ଜଳନ୍ଧର ନାୟକ, ଅଖିଳ ଭତ୍ରା, ଦିଲ୍ଲୀପ ଦୁରିଆ, ନିର୍ମଳ ନାୟକ, ହରଦିପ ସିଂ ଓ ଅଙ୍କିତ ସିଂଘାଇ ପ୍ରମୁଖ ରହିଛନ୍ତି ବୋଲି ପିସିସି କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି ।

# ଖୋର୍ଦ୍ଧାରେ ବିଶ୍ୱ ଛାତ୍ର ଦିବସ ପାଳନ

ଖୋର୍ଦ୍ଧା, (ସବ୍ୟୁ) : ରାଧାବଲ୍ଲଭ ସାହିତ୍ୟ ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ବିଶ୍ୱ ଛାତ୍ର ଦିବସ ପାଳିତ ହୋଇଯାଇଛି। ଭାରତରେ ୧୧ତମ ରାଷ୍ଟ୍ରପତି, ଛାତ୍ରବତ୍ସଳ ବୈଜ୍ଞାନିକ ଭାରତ ରତ୍ନ ଏ.ପି.ଜେ ଅବଦୁଲ୍ କାଲାମଙ୍କ ଜନ୍ମ ଦିନକୁ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରାଯାଏ। କାଲାମଙ୍କ ଜୀବନ ଆଦର୍ଶ ଛାତ୍ରମାନଙ୍କ ପାଇଁ ପ୍ରେରଣାର ଉତ୍ସ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଚେକୋସ୍ଲୋଭିଆର ରାଜଧାନୀ ପ୍ରେଗ୍‌ଠାରେ ୯ଜଣ ସ୍ୱାଧୀନ ଚେତା ଛାତ୍ରଙ୍କୁ ୧୯୩୯ ମସିହାରେ ଫାଶୀ ଦିଆଯାଇଥିଲା। ସେହି ଶିକ୍ଷାର୍ଥୀମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ସମଗ୍ର ପୃଥିବୀରେ ବିଶ୍ୱ ଛାତ୍ର ଦିବସ ପାଳନ କରାଯାଉଅଛି। ଶିକ୍ଷାବିତ୍ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ୟାଙ୍କ ଅଫ୍ ନ୍ୟୁୟର୍କର ଉପସଭାପତି ସନ୍ତୋଷ କୁମାର ସାହୁ ମୁଖ୍ୟ ଅତିଥି, କବି ଭବାନୀ ପ୍ରସାଦ କର ମୁଖ୍ୟ ବକ୍ତା ଓ ଅଭିନେତା ଟଂଟୁ ଜେନା ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରୋଭର ରେଞ୍ଜରମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ଚିକିତ୍ସାଳୟ ଯାଇ ହବିଷିଆଳିଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଲେ ଏସ୍‌ପି



ପୁରୀ, (ସବ୍ୟୁ): ଜଗନ୍ନାଥ ମନ୍ଦିର ଭିତରେ ଥିବା ପାର୍ଶ୍ୱ ଦେବା ଦେବୀଙ୍କୁ ଦର୍ଶନ ସମୟରେ ଜଣେ ହବିଷ୍ୟାଳୀ ସନ୍ତୁଳନ ହରାଇ ତଳେ ପଡିଯାଇଥିଲେ। ଯାହା ଫଳରେ ତାଙ୍କ ପାଦରେ ଆଘାତ ଲାଗି ଥିଲା । ତାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇ ଥିଲା। ଚିକିତ୍ସକଙ୍କ ସୂଚନା ମୁତାବକ ତାଙ୍କ ପାଦ ମକଚି ହୋଇଥିବାରୁ ଯନ୍ତ୍ରଣା ଅନୁଭବ କରି ଥିଲେ। ତାଙ୍କୁ ଆବଶ୍ୟକ ଚିକିତ୍ସା ପ୍ରଦାନ କରା ଯାଇଛି । ଏ । ସମ୍ପର୍କରେ ଖବର ପାଇ ଏସ୍ପି ପ୍ରତୀକ ସିଂହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇ ହବିଶ୍ୟାଳୀ ମାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝିବା ପାଇଁ ଯାଇ ଦେଖା କରିଥିଲେ । ହବିଷ ବ୍ରତଧାରି ମା ଜଣାଇଥିଲେ ଯେ, ସେ ନିଜେ ସନ୍ତୁଳନ ହରାଇ ପଡିଯାଇଥିଲେ। ଏହା ଭିଡ଼ କିମ୍ବା ଅନ୍ୟ କାହାର ପେଲା ଠେଲା ଦ୍ୱାରା ହୋଇ ନାହିଁ।

# ଦରଘା ବଜାର ସିଟି ହସ୍ପିଟାଲ ଅଞ୍ଚଳକୁ ସାଇଲେଣ୍ଟ ଅଞ୍ଚଳ ଘୋଷଣା କର: ହାଇକୋର୍ଟ

## ୪୮ ଘଣ୍ଟା ମଧ୍ୟରେ ଜାରି ହେବ ବିଜ୍ଞପ୍ତି

କଟକ,(ସବ୍ୟୁ): ସିଟି ହସ୍ପିଟାଲ ଅଞ୍ଚଳକୁ 'ସାଇଲେଣ୍ଟ ଅଞ୍ଚଳ' ଘୋଷଣା ପାଇଁ ହାଇକୋର୍ଟ ଆଜି ନିର୍ଦ୍ଦେଶ ଦେଇଛନ୍ତି। ଏହି ମର୍ମରେ ପ୍ରଶାସନ ପକ୍ଷରୁ ୪୮ ଘଣ୍ଟା ମଧ୍ୟରେ ବିଜ୍ଞପ୍ତି ଜାରି କରିବାକୁ କୁହାଯାଇଛି। ଏଥିସହ କଟକ ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଫିସର ଶିବ ଟପ୍ପୋ ମଧ୍ୟ ଦିନେ ଦୁଇଦିନ ମଧ୍ୟରେ ଏହି ଅଞ୍ଚଳକୁ ସାଇଲେଣ୍ଟ ଜୋନ୍ ଘୋଷଣା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଆଜି ହାଇକୋର୍ଟର ସହର ସମସ୍ୟା ସଂକ୍ରାନ୍ତ ମାମଲାର ଶୁଣାଣି ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏବଂ ଜଷ୍ଟିସ୍ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ଆସନ୍ତା ୨୩କୁ ଧାର୍ଯ୍ୟ ହୋଇଛି। ଆଜି ସହର ସମସ୍ୟା ମାମଲାର ଶୁଣାଣି ସମୟରେ କଟକ ସହରର ବାୟୁ ଏବଂ ଶବ୍ଦ ପ୍ରଦୂଷଣ ଆଧାରରେ କେଉଁସବୁ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି ଏହା ଉପରେ ଆଲୋଚନା ହୋଇଥିଲା। ଏଥିରେ ପୂର୍ବ ଶୁଣାଣିରେ କଟକ ଡିସିପିଙ୍କ ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠରେ ଚାନ୍ଦିନୀ ଚୌକ, ନିମ୍‌ଚୌଡ଼ି ଛକ, ହାଇକୋର୍ଟ ଛକ, ହାୱାଡା ମୋଟର ଛକରୁ କ୍ୟାଣ୍ଟନ୍‌ମେଣ୍ଟ ଛକ ଏବଂ ଏସ୍‌ସିବି ମେଡିକାଲ ଛକକୁ ସାଇଲେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି ବୋଲି ଅବଗତ କରାଯାଇଥିଲା। ଯଦି ଏହିସବୁ ଅଞ୍ଚଳରେ କୌଣସି ପ୍ରକାର ବାଦ୍ୟ ବାଜେ ବା ଶବ୍ଦ ଜନିତ ପଦୂଷଣ ସୃଷ୍ଟି ହୁଏ ତାହେଲେ ଉକ୍ତ ମେସିନ୍‌କୁ ଜବତ କରାଯିବାକୁ ନିୟମ କରାଯାଇଛି। ତେବେ ଏଥିରେ ସିଟି ହସ୍ପିଟାଲ ଅଞ୍ଚଳକୁ ସାଇଲେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇନଥିବା ନେଇ ଆଡଭୋକେଟ୍ କମିଟିର ସଦସ୍ୟ, ଆମିକସ୍‌କ୍ୟୁରୀ ବିଜୟ କୁମାର ଦାଶ ପ୍ରମୁଖ ଉଠାଇଥିଲେ। ଫଳରେ ହାଇକୋର୍ଟ ଏହା ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ଅପରପକ୍ଷରେ ସିଟି ହସ୍ପିଟାଲ ଅଞ୍ଚଳକୁ 'ସାଇଲେଣ୍ଟ ଜୋନ୍' ଅଞ୍ଚଳ ଘୋଷଣା ପାଇଁ ୪୮ ଘଣ୍ଟା ମଧ୍ୟରେ ବିଜ୍ଞପ୍ତି ଜାରି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ମନୋଜ କୁମାର ମିଶ୍ର, ଉପ ସଭାପତି ସିଦ୍ଧାର୍ଥ ଦାଶ, ଆମିକସ୍‌କ୍ୟୁରୀ ବିଜୟ ଦାଶ ପ୍ରମୁଖ ପରିଚାଳନା କରୁଛନ୍ତି।

# ଖୋର୍ଦ୍ଧାରୋଡ଼ ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା

ଜଟଣୀ,(ସବ୍ୟୁ):ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ଏଠାରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅନେକ ରେଲୱେ କର୍ମଚାରୀଙ୍କ ପିଲା ଓ ପରିବାରର ସଭ୍ୟସଭ୍ୟା ଏଥିରେ ଭାଗ ନେଇଥିଲେ। କଳା ଓ ଲେଖା ମାଧ୍ୟମରେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସୃଜନଶୀଳତା, ପ୍ରକାଶନ ଓ ସଚେତନତାକୁ ପ୍ରୋତ୍ସାହିତ କରିବା ସହ ଯୁବ ମନକୁ ସେମାନଙ୍କ କଳ୍ପନା ତଥା ପ୍ରତିଭା ପ୍ରଦର୍ଶନ କରିବା ପାଇଁ ମଂଚ ପ୍ରଦାନ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ମହିଳା କଲ୍ୟାଣ ସଂଗଠନ ସଭାନେତ୍ରୀ ଦିବ୍ୟା ତ୍ରିପାଠୀ ଯୋଗଦେଇ କହିଥିଲେ ଏପରି ପ୍ରତିଯୋଗିତା ରେଳ କର୍ମଚାରୀ ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ ସୃଜନଶୀଳ ସମ୍ଭାବନାକୁ ପ୍ରକାଶ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେ ଗୁରୁତ୍ୱାରୋପ କରି କହିଥିଲେ ଯେ, ଏହି କାର୍ଯ୍ୟକଳାପଗୁଡିକ କେବଳ ଯୁବ ଅଂଶଗ୍ରହଣକାରୀଙ୍କ ମଧ୍ୟରେ କଳାତ୍ମକ ପ୍ରକାଶନ ଏବଂ ଆତ୍ମବିଶ୍ୱାସକୁ ଉତ୍ସାହିତ କରେ ନାହିଁ ବରଂ ଶିକ୍ଷା, ଅଂଶଗ୍ରହଣ ଏବଂ ସୁସ୍ଥ ବିକାଶର ମନୋଭାବକୁ ପ୍ରୋତ୍ସାହିତ କରି ରେଳବାଇ ପରିବାର ମଧ୍ୟରେ ବନ୍ଧନକୁ ମଧ୍ୟ ମଜବୁତ କରେ। ପ୍ରତିଯୋଗୀତାର ବିଜେତାମାନଙ୍କୁ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନର ସଭାପତିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ଜରୁରିକାଳୀନ ପ୍ରତିକ୍ରିୟା ମକ୍ ଡ୍ରିଲ୍ ପାଇଁ

# ଏନ୍‌ଡିଆରଏଫ୍ ସହିତ ସହଭାଗୀ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାରେ ଏହାର ମେଗା ଆଲୁମିନିୟମ ପ୍ଲାଣ୍ଟରେ ଏକ ରାସାୟନିକ, ଜୈବିକ, ରେଡିଓଲୋଜିକାଲ୍ ଏବଂ ନ୍ୟୁକ୍ଲିୟର (ସିବିଆରଏନ) ମକ୍ ଡ୍ରିଲ୍ କରିଥିଲା। ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆରଏଫ) ସହିତ ମିଳିତ ଭାବରେ ଆୟୋଜିତ, ଏହି ପଦକ୍ଷେପର ଲକ୍ଷ୍ୟ ଥିଲା ଭୂମି ପ୍ରସ୍ତୁତି ମୂଲ୍ୟାଙ୍କନ କରିବା ଏବଂ ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଣ୍ଟରେ ଜରୁରୀକାଳୀନ ପ୍ରତିକ୍ରିୟା ତନ୍ତ୍ରକୁ ଆହୁରି ମଜବୁତ କରିବା।

ଏହି ସିମୁଲେଟେଡ୍ ଅଭ୍ୟାସ ଗୋଟିଏ କାର୍ଯ୍ୟକ୍ଷମ ୟୁନିଟରେ ଏକ ମକ୍ ଫାୟାର ପରିସ୍ଥିତି ସହିତ ଜଡିତ ଏକ ଦୃଶ୍ୟକୁ ପୁନଃନିର୍ମାଣ କରିଥିଲା, ଯେଉଁଠାରେ ବେଦାନ୍ତ, ଏନଡିଆରଏଫ, ସ୍ଥାନୀୟ ଅଗ୍ନିଶମ ସେବା ଏବଂ ଜିଲ୍ଲା ପ୍ରଶାସନର ମିଳିତ ଦଳଗୁଡ଼ିକ ପରିସ୍ଥିତିକୁ ଶୀଘ୍ର ଏବଂ ସୁରକ୍ଷିତ ଭାବରେ ନିୟନ୍ତ୍ରଣ କରିବା ପାଇଁ ଏକାଠି କାମ କରିଥିଲେ। ଡ୍ରିଲରେ ସମନ୍ୱୟିତ ସ୍ଥାନାନ୍ତର ଅଭ୍ୟାସ, ପ୍ରାଥମିକ ଚିକିତ୍ସା ପ୍ରତିକ୍ରିୟା ଏବଂ ଉଦ୍ଧାର କାର୍ଯ୍ୟ ମଧ୍ୟ ଅନ୍ତର୍ଭୁକ୍ତ ଥିଲା ଯାହା ଦ୍ୱାରା ପ୍ରତ୍ୟେକ ଅଂଶଗ୍ରହଣକାରୀ ଦଳ ଏକ ପ୍ରକୃତ ଜରୁରୀକାଳୀନ ପରିସ୍ଥିତି ସମୟରେ ସେମାନଙ୍କର ଭୂମିକା ଏବଂ ଦାୟିତ୍ୱ ବୁଝିପାରିବେ।







ବେଦାନ୍ତ ଆଲୁମିନିୟମର କାର୍ଯ୍ୟରେ ସୁରକ୍ଷା ବୃଦ୍ଧି ପାଇଁ ନିରନ୍ତର ପ୍ରୟାସର ଏକ ଅଂଶ ଭାବରେ ଏହି ଡ୍ରିଲ୍ କରାଯାଇଥିଲା। ଏହା ଜାତୀୟ ଏବଂ ସ୍ଥାନୀୟ କର୍ତୃପକ୍ଷଙ୍କ ସହିତ ବେଦାନ୍ତର ଜରୁରୀକାଳୀନ ପ୍ରତିକ୍ରିୟା ଦଳଗୁଡ଼ିକର ବାସ୍ତବ-ସମୟ ସମନ୍ୱୟ, ଯୋଗାଯୋଗ ଦକ୍ଷତା ଏବଂ ପ୍ରସ୍ତୁତି ମୂଲ୍ୟାଙ୍କନ କରିବାକୁ ଚେଷ୍ଟା କରିଥିଲା। କାରଖାନା ଏବଂ ବଏଲରର ସହକାରୀ ନିର୍ଦ୍ଦେଶକ ଅର୍ଚ୍ଚନା ଦାସ; ସହକାରୀ କଲେକ୍ଟର ଏବଂ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୃତ୍ୟୁଞ୍ଜୟ ସବର; ଏବଂ ଏନଡିଆରଏଫର କମାଣ୍ଡାଣ୍ଟ ତୀର୍ଥବାସୀ ସାହୁ, ବ୍ୟାପକ ମକ୍ ଡ୍ରିଲ୍ ଆୟୋଜନ କରିବାରେ ବେଦାନ୍ତ ଆଲୁମିନିୟମର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତି ପାଇଁ ଉଚ୍ଚ ସୁରକ୍ଷା ମାନଦଣ୍ଡ ଏବଂ ପ୍ରସ୍ତୁତି ବଜାୟ ରଖିବା ପାଇଁ କମ୍ପାନୀର ଉତ୍ସର୍ଗକୁ ପ୍ରଶଂସା କରିଥିଲେ।

ଏହି ଅବସରରେ ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ସୁରକ୍ଷା କେବଳ ଏକ ପ୍ରାଥମିକତା ନୁହେଁ ବରଂ ଏକ ମୂଳ ମୂଲ୍ୟ ଯାହା ଆମେ କିପରି କାର୍ଯ୍ୟ କରୁ ତାହା ପରିଭାଷିତ କରେ। ଏନଡିଆରଏଫ ସହିତ ଏହି ମିଳିତ ଅଭ୍ୟାସ ଯେକୌଣସି ଅପ୍ରତ୍ୟାଶିତ ପରିସ୍ଥିତି ପାଇଁ ଆମର ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରିଛି। ଏହିପରି ସହଯୋଗ ମାଧ୍ୟମରେ, ଆମେ ଆମର ସୁରକ୍ଷା ସଂସ୍କୃତିକୁ ସୁଦୃଢ଼ କରିବା ଏବଂ ଆମର କର୍ମଚାରୀ ଏବଂ ଆମ ଚାରିପାଖରେ ଥିବା ସମ୍ପ୍ରଦାୟ ପାଇଁ ଏକ ଶୂନ୍ୟ-କ୍ଷତି ପରିବେଶ ସୁନିଶ୍ଚିତ କରିବା ଜାରି ରଖିଛୁ।

# ସୋଆ କୃଷି ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଖାଦ୍ୟ ଦିବସ ପାଳନ

ଭୁବନେଶ୍ୱର, (ସବ୍ୟୁ): ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ ପକ୍ଷରୁ ଗୁରୁବାର ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ବନ୍ୟ ସଂରକ୍ଷକ ଡକ୍ଟର ଅରୁଣ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୁବପିଢ଼ି ଉଦ୍ୟୋଗୀ ହେବା ସହ କୃଷି କାର୍ଯ୍ୟ ପ୍ରତି ମଧ୍ୟ ମନୋନିବେଶ କରିବା ଉଚିତ୍ ବୋଲି କହିଥିଲେ। କୃଷକ ମାନେ ସମାଜର ମେରୁଦଣ୍ଡ ହୋଇଥିବା ବେଳେ ମଣିଷକୁ ଖାଦ୍ୟ କେବଳ ସେମାନେ ହିଁ ଯୋଗାଇଥାନ୍ତି। ତେଣୁ ଜଙ୍ଗଲ ସଂରକ୍ଷଣ ସହିତ କୃଷି କାର୍ଯ୍ୟକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଡକ୍ଟର ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର ମାଣ୍ଡିଆ ରାଣୀ ଭାବେ ପରିଚିତ ଡକ୍ଟର ରାଇମତି ଘିଉରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାଷୀମାନଙ୍କୁ ଆଗକୁ ବଢ଼ିବାରେ ମାଣ୍ଡିଆ ହିଁ ସବୁଠାରୁ ଅଧିକ ସାହାଯ୍ୟ କରିବା ସହ ଅର୍ଥ ରୋଜଗାରର ମାଧ୍ୟମ ପାଲଟିଥିବା କହିଛନ୍ତି। ସେ ନିଜେ ୪୦ ପ୍ରକାରର ମାଣ୍ଡିଆ ଚାଷ କରୁଥିବା ବେଳେ ଗରୀବର ଖାଦ୍ୟ ବୋଲାଉଥିବା ଏହି ମାଣ୍ଡିଆ ଦେଶ ବିଦେଶରେ ଆଜି ପରିଚିତ ହୋଇପାରିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅକ୍ଟୋବର ୧୬ ତାରିଖକୁ ବିଶ୍ୱ ଖାଦ୍ୟ ଦିବସ ଭାବେ ପାଳନ କରାଯାଉଥିବା କହିବା ସହ ଚଳିତ ବର୍ଷର ପ୍ରସଙ୍ଗ "ହ୍ୟାଣ୍ଡ ଇନ୍ ହ୍ୟାଣ୍ଡ ଫର ବେଟର ଫୁଡ୍ସ ଆଣ୍ଡ ବେଟର ଫ୍ୟୁଚର" ସମ୍ପର୍କରେ ଆଲୋକପାତ କରିଥିଲେ।



ବିଶ୍ୱର ୧୫୦ ଟି ଦେଶ ଏହି ଦିବସ ପାଳନ କରିଥାନ୍ତି ବୋଲି ସେ ସୂଚନା ଦେଇଥିଲେ। ଖାଦ୍ୟ ସୁରକ୍ଷା, କ୍ଷୁଧାର୍ତ୍ତଙ୍କୁ ଖାଦ୍ୟ ଯୋଗାଇବା, ଖାଦ୍ୟର ଅପମିଶ୍ରଣକୁ ରୋକିବା ଏବଂ ପାଣିପାଗର ପ୍ରଭାବରୁ କୃଷିକୁ ବଞ୍ଚାଇ ରଖିବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି ପ୍ରଫେସର ରାଉତ କହିଥିଲେ। କାର୍ଯ୍ୟକ୍ରମରେ ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଗୁଳ, କଟକ, ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲ୍ଲାରୁ ପ୍ରାୟ ୭୦ ରୁ ଊର୍ଦ୍ଧ୍ୱ କୃଷକଙ୍କ ସମେତ ଫ୍ୟାକଲ୍ଟି ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ଉଦ୍ଭିଦ ଆନୁବଂଶିକି ଓ ଉଦ୍ଭିଦ ପ୍ରଜନନ ବିଭାଗର ମୁଖ୍ୟ ଡକ୍ଟର ଆର୍.କେ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡକ୍ଟର ଅରୁଣ କୁମାର ମିଶ୍ର ସ୍ୱାମୀନାଥନ ବକ୍ତୃତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୃଷକ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

# ବିକଶିତ ଓଡ଼ିଶା ଗଠନ ଦିଗରେ ଶିଳ୍ପର ରହିଛି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ

ଭୁବନେଶ୍ୱର,(ସବ୍ୟୁ) : ବିକଶିତ ଓଡିଶା ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିଥିବା ଶିଳ୍ପ ସମୃଦ୍ଧ ସହର ଭାବେ ସ୍ୱତନ୍ତ୍ର ସ୍ଥାନ ପ୍ରତିଷ୍ଠା କରିଥିବା ଜଗତସିଂହପୁର ଜିଲ୍ଲାର ବନ୍ଦର ସହର ପାରାଦୀପ ଏବଂ ଏହାର ଉପକଣ୍ଠରେ ଏରସମା ବ୍ଲକ ଅନ୍ତର୍ଗତ ଢ଼ିଙ୍କିଆ ନୂଆଗାଁ ଗଡ଼କୁଜଙ୍ଗ ଅଞ୍ଚଳରେ ନୂତନ ଭାବେ ଗଢିଉଠୁଥିବା ଷ୍ଟିଲ କମ୍ପାନୀ ବର୍ତ୍ତମାନ ଏସିଆ ମହାଦେଶର ସର୍ବବୃହତ ଷ୍ଟିଲ କମ୍ପାନୀ ହେବାକୁ ଯାଉଛି । ଦେଶର ଅଗ୍ରଣୀ ଶିଳ୍ପସଂସ୍ଥା ଜେଏସଡବ୍ଲ୍ୟୁ ତରଫରୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ପ୍ରାରମ୍ଭିକ ପର୍ଯ୍ୟାୟରେ ତାର ନିର୍ମାଣ କାର୍ଯ୍ୟ ଦୃତ ଗତିରେ ଆଗେଇ ଚାଲିଛି। ଏହି କ୍ରମରେ ସ୍ଥାନୀୟ ଲୋକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ଏବଂ ଠିକାଦାରୀ କ୍ଷେତ୍ରରେ ସହଯୋଗ ସହିତ ସ୍ଥାନୀୟ ପ୍ରଶାସନ ଏବଂ କର୍ତ୍ତୃପକ୍ଷଙ୍କ ନିରନ୍ତର ତଦାରଖରେ କମ୍ପାନୀ କାର୍ଯ୍ୟ ସୁରୁଖୁରୁରେ ଆଗେଇ ଚାଲିଛି । ସ୍ୱଭାବତଃ ଯେଉଁଠି ଶିଳ୍ପ ସଂସ୍ଥା ଗୁଡ଼ିକ ଶିଳ୍ପ ପ୍ରତିଷ୍ଠା କରନ୍ତି ସେଠାରେ ବିଭିନ୍ନ ସାମାଜିକ ସଂଗଠନ ଏବଂ ଶ୍ରମିକ ସଂଗଠନ ମାନ ଗଢିଉଠେ। ନିର୍ମାଣଧୀନ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପାରାଦୀପର କ୍ଷତିଗ୍ରସ୍ତ ଢ଼ିଙ୍କିଆ,ନୂଆଗାଁ, ଗଡ଼କୁଜଙ୍ଗ ଅଞ୍ଚଳ ନୂଆଗାଁରେ ଜିନ୍ଦଲ ପ୍ରଭାବିତ ଢ଼ିଙ୍କିଆ ଚାରିଦେଶ ଉନ୍ନୟନ ସମିତି ତରଫରୁ ନୂତନ ଭାବେ ""ଦୀନଦୟାଲ ପାରାଦୀପ ଇଣ୍ଡଷ୍ଟ୍ରିଆଲ



ୱାର୍କସ ୟୁନିୟନ"" ନାମକ ଗୋଟିଏ ଶ୍ରମିକ ସଂଗଠନ ଜନ୍ମ ନେଇଛି। ଏହି ସଂଗଠନର ଆହ୍ୱାନ କ୍ରମେ ହନୁମାନ ଶିଶୁ ଉଦ୍ୟାନ - ନୂଆଗାଁ ପରିସରରେ ଅଞ୍ଚଳର ସାଧାରଣ ଜନତା ଏବଂ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଗୋଟିଏ ଆଲୋଚନା କର୍ମଶାଳା ଆୟୋଜିତ ହୋଇଯାଇଛିଢ ସଂଗଠନ ର ସଭାପତି ପୁରୁଖା ବିଜେପି ନେତା କ୍ଷିରୋଦ ଚଂଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବରିଷ୍ଠ ବିଜେପି ନେତା ତଥା କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଉପସ୍ଥିତ ହୋଇ ଅଞ୍ଚଳବାସୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ଅବଗତ ହେବା ସହିତ ବିଭିନ୍ନ ଦିଗରେ

ସରକାରଙ୍କ ସହିତ ଆଲୋଚନା କରି ସମାଧାନ ଦିଗରେ ସମ୍ପୂର୍ଣ୍ଣ ପ୍ରୟାସ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। କନ୍ଧମାଳ ସାଂସଦ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେଉଁଠି ଶିଳ୍ପ ସଂସ୍ଥା ଗୁଡ଼ିକ ଗଢିଉଠେ ସେ ଅଞ୍ଚଳର ଆର୍ଥିକ ମାନଦଣ୍ଡ ସହିତ ମାନବସମ୍ବଳ ର ବିକାଶ ହୋଇଥାଏ। ଶିଳ୍ପ ସଂସ୍ଥା ରେ ପ୍ରତ୍ୟକ୍ଷ ପରୋକ୍ଷ ନିଯୁକ୍ତି ଭିତ୍ତିଭୂମି ସୃଷ୍ଟି ହୋଇଥାଏ ଯାହାଦ୍ୱାରା ସେ ଅଞ୍ଚଳର ଉନ୍ନତି ସହିତ ରାଜ୍ୟ ଏବଂ ଦେଶର ଉନ୍ନତି ହୋଇଥାଏଢ ନିର୍ମାଣଧୀନ ଶିଳ୍ପ ପ୍ରକଳ୍ପ ଗୁଡ଼ିକରେ ବିଭିନ୍ନ ଛୋଟ ଛୋଟ ସମସ୍ୟା ଆସିଥାଏ ଏହା ଗୋଟିଏ ସ୍ୱାଭାବିକ ପ୍ରକ୍ରିୟା । ଏହାକୁ ଶିଳ୍ପ କର୍ତ୍ତୃପକ୍ଷ ସ୍ଥାନୀୟ ପ୍ରଶାସନ ସହିତ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିବ। ଦିନଦୟାଲ ପାରାଦ୍ୱୀପ ଇଣ୍ଡଷ୍ଟ୍ରିଆଲ ୱାର୍କସ ୟୁନିୟନ ଆଗାମୀ ଦିନରେ ଏହି କ୍ଷେତ୍ରରେ ଅଞ୍ଚଳବାସୀଙ୍କ ସମେତ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଉତ୍ଥାପନ ସହିତ ସମାଧାନ ଦିଗରେ କାର୍ଯ୍ୟ ହାତକୁ ନେଇ ଆଗକୁ ଅଗ୍ରସର ହେବ। ଏହି ଆଲୋଚନା ଚକ୍ରରେ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ସ୍ଥାନୀୟ ମୁରବୀ, ଯୁବକ ବନ୍ଧୁ ଏବଂ ମହିଳା ସଂଗଠନ ତରଫରୁ ଗୋଟିଏ ଦାବି ପତ୍ର ସାଂସଦଙ୍କୁ ଦିଆଯାଇଥିଲା। ଶେଷରେ ସଂଗଠନ ତରଫରୁ ମାନ୍ୟବର ସାଂସଦଙ୍କୁ ଧନ୍ୟବାଦ ସହିତ ସମ୍ବୋଧିତ କରାଯାଇଥିଲା। ଏହି ସଭା ବା ଆଲୋଚନା ଚକ୍ରରେ ନୂଆଗାଁ ଗ୍ରାମର ବରିଷ୍ଠ ମୁରବୀ ମାନଙ୍କ ସମେତ ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ।

ସମୟ
ଶୁକ୍ରବାର, ୧୭ ଅକ୍ଟୋବର ୨୦୨୫



## ଲାଞ୍ଚ ନେଇ ସିବିଆଇ ହାତରେ ଧରା ପଡ଼ିଲେ ଡିଆଇଜି

ଚଣ୍ଡିଗଡ଼ : ପଞ୍ଜାବ ପୁଲିସର ଜଣେ ଡିଆଇଜି ଲାଞ୍ଚ ନେଇ ସିବିଆଇ ହାତରେ ଧରା ପଡ଼ିଛନ୍ତି । ଜଣେ ସ୍କ୍ରାପ୍ ଡିଲରଙ୍କଠାରୁ ମାସକୁ ୫ ଲକ୍ଷ ଟଙ୍କା ନେଉଥିବାବେଳେ ସିବିଆଇ ତାଙ୍କୁ ଗିରଫ କରିଛି ।

ସୂଚନା ଅନୁସାରେ ପଞ୍ଜାବ ପୁଲିସର ରେଞ୍ଜର ଡେପୁଟି ଇନ୍ସପେକଟର ଜେନେରାଲ ତଥା ୧୯୯୮ ବ୍ୟାଚର ଆଇପିଏସ ଅଧିକାରୀ ହରଚରଣ ସିଂହ ଭୁଲ୍ଲର ଲାଞ୍ଚ ଗ୍ରହଣ କରିବା ସମୟରେ ଧରାପଡ଼ିଥିଲେ । ମୋହାଲିରେ ଏକ ଟ୍ରାପ୍ ଅପରେସନ୍ ସମୟରେ ଏହି ଗିରଫଦାରୀ ହୋଇଥିଲା ସିବିଆଇ ସୂତ୍ର ଅନୁଯାୟୀ, ଜଣେ ସ୍କ୍ରାପ୍ ଡିଲରଙ୍କ ସହ ଜଡ଼ିତ ଏକ ମାମଲା ସହିତ ଭୁଲ୍ଲର ମାସିକ ୫ ଲକ୍ଷ ଟଙ୍କା ଲାଞ୍ଚ ଆଦାୟ କରୁଥିଲେ । ଅଭିଯୋଗ ପାଇବା ପରେ, ସିବିଆଇ ଏକ ଜାଲ ବିଛାଇ ଅଧିକାରୀଙ୍କୁ ଗିରଫ କରିଥିଲା । ଘଟଣାଟି ବୁଧବାର ଅପରାହ୍ନରେ ମୋହାଲିର ଏକ ହୋଟେଲରେ ଘଟିଥିଲା ।

# ଟ୍ରମ୍ପଙ୍କ ଶରଣରେ ପଶିଲା ପାକିସ୍ତାନ

## ଭାରତ ସମର୍ଥନରେ ତାଲିବାନ୍ କରୁଛି ଆକ୍ରମଣ !



ୱାଶିଂଟନ: ପାକିସ୍ତାନ ଓ ତାଲିବାନ ମଧ୍ୟରେ ପ୍ରାୟ ଗୋଟିଏ ସପ୍ତାହ ଧରି ସୀମାରେ ଲଢ଼େଇ ପରେ ପାକିସ୍ତାନର ଇରେ ଅନେକ ସାଧାରଣ ଲୋକ ଓ ପାକିସ୍ତାନର ସୈନ୍ୟ ନିହତ ହୋଇଛନ୍ତି । ଘମାଘୋଟ ଲଢ଼େଇ ପରେ ପାକିସ୍ତାନର ଅନୁରୋଧକ୍ରମେ ତାଲିବାନ ୪୮ ଘଣ୍ଟିଆ ଯୁଦ୍ଧ ବିରତି ଲାଗୁ କରିଛି । ଯୁଦ୍ଧ ବିରତି ଲାଗୁ ହୋଇଥିବା ବେଳେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ଏଥିସହ ଭାରତ ସମ୍ପର୍କରେ ଆସିଫ ଅଜବ ଦାବି ମଧ୍ୟ କରିଛନ୍ତି ।ଟ୍ରମ୍ପ ନିଜେ ଗତ ସପ୍ତାହରେ ସଙ୍କେତ ଦେଇ ପାକିସ୍ତାନ-ଆଫଗାନିସ୍ତାନ ବିବାଦରେ ହସ୍ତକ୍ଷେପ କରି ଶାନ୍ତି ପ୍ରତିଷ୍ଠା କରିବେ ବୋଲି କହିଥିଲେ । ଇଜିପ୍ଟରେ ଆୟୋଜିତ ଗାଜା ଶାନ୍ତି ସମ୍ମିଳନୀରେ ଟ୍ରମ୍ପ କହିଥିଲେ ଯେ ଏବେ ପାକିସ୍ତାନ-ଆଫଗାନିସ୍ତାନ ମଧ୍ୟରେ ଯୁଦ୍ଧ ଚାଲିଥିବା ମୁଁ ଶୁଣିବାକୁ ପାଇଛି । ମୁଁ ଫେରିବା ଯାଏ ସମସ୍ତେ ଅପେକ୍ଷା କରନ୍ତୁ । ମୁଁ ଆଉ ଗୋଟିଏ ଶାନ୍ତି ପ୍ରସ୍ତାବ ଆଣିବି ।

ପାକିସ୍ତାନ ଓ ଆଫଗାନିସ୍ତାନ ପ୍ରସଙ୍ଗରେ ଟ୍ରମ୍ପଙ୍କ ହସ୍ତକ୍ଷେପର ଉଦ୍ଦେଶ୍ୟ କିଛି ଅଲଗା । ଗତ ମାସରେ ଟ୍ରମ୍ପ କହିଥିଲେ ଯେ ଆଫଗାନିସ୍ତାନର ବାଗରମ ଏୟାର ବେସକୁ ଆମେରିକା ନିଜ ନିୟନ୍ତ୍ରଣକୁ ନେବାକୁ ଚାହୁଁଛି । ଚାଇନା ତିଆରି କରୁଥିବା ନିଜର ଆଣବିକ ଯୁଦ୍ଧାସ୍ତ୍ର ଠାରୁ ଏହି ସ୍ଥାନଟି ମାତ୍ର ୧ ଘଣ୍ଟା ଦୂର । ତେଣୁ ଆମେରିକା ଏହି ଏୟାର ବେସ ଚାହୁଁଛି । କିନ୍ତୁ ତାଲିବାନ ପକ୍ଷରୁ ଟ୍ରମ୍ପଙ୍କ ଏପରି ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦିଆଯାଇଛି ।

ଟ୍ରମ୍ପଙ୍କ ୨.୦ ଶାସନ ସମୟରେ ପାକିସ୍ତାନ ଓ ଆମେରିକା ସମ୍ପର୍କରେ ବେଶ ସୁଧାର ଆସିଛି । କ୍ରିପେଫାକରେନ୍ସି ଚୁକ୍ତି ଠାରୁ ଭାରତ ସହ ବିବାଦ ସମାଧାନର ଶ୍ରେୟ ପାକିସ୍ତାନ ଟ୍ରମ୍ପଙ୍କୁ ଦେଇଛି ।ତାଲିବାନ ବୈଦେଶିକ ମନ୍ତ୍ରୀ ଆମୀର ଖାନ ମୁତାକୀ ପ୍ରଥମଥର ପାଇଁ ଗତ ସପ୍ତାହରେ ଦିଲ୍ଲୀ ଗସ୍ତରେ ଆସିଥିଲେ । ଏହି ସମୟରେ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ସହ ବୈଠକ କରିଥିଲେ । ଏହାକୁ ପାକିସ୍ତାନ ସହଜରେ ଗ୍ରହଣ କରିପାରି ନାହିଁ ।

## ଅବୁଝମାଡ଼କୁ ମାଓ-ମୁକ୍ତ ଘୋଷଣା କଲେ ଶାହ

ରାୟପୁର: ଗୁରୁବାର ୧୭୦ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ହିଂସାର ପଥର ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିବାରୁ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ସେମାନଙ୍କୁ ସ୍ୱାଗତ କରିବା ସହିତ ଛତିଶଗଡ଼ର ଉତ୍ତର ବସ୍ତରର ଅବୁଝମାଡ଼କୁ ନକ୍ସଲ-ମୁକ୍ତ ଅଞ୍ଚଳ ଘୋଷଣା କରିଛନ୍ତି ।ଗତକାଲି ଛତିଶଗଡ଼ର ସୁକମା ଜିଲ୍ଲାରେ ୨୭ ଜଣ ନକ୍ସଲ ଆତ୍ମସମର୍ପଣ କରିଥିଲେ । ସେମାନଙ୍କ ମଧ୍ୟରେ ୧୦ ଜଣ ମହିଳା ଥିଲେ । ଏହି ୨୭ ଜଣଙ୍କ ମଧ୍ୟରେ ଦୁଇ ଜଣ ହାର୍ଡକୋର ନକ୍ସଲ ମଧ୍ୟ ଥିଲେ । ସେହିଭଳି ଗତକାଲି ମହାରାଷ୍ଟ୍ରର ଗଡଚିରୋଲିରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ଉପସ୍ଥିତିରେ ୬୧ ଜଣ ନକ୍ସଲ ଆତ୍ମସମର୍ପଣ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ବରିଷ୍ଠ ନକ୍ସଲ ନେତା ତଥା ସିପିଆଇ (ମାଓବାଦୀ) ପଲିଟବ୍ୟୁରୋ ସଦସ୍ୟ ଏମ୍. ଭେନୁଗୋପାଳ ରାଓ ଓରଫ ଭୂପତି ଓରଫ ସୋନୁ । ଅମିତ ଶାହ "ଏକ୍ସ'ରେ ଲେଖିଛନ୍ତି, ଆଜି ଛତିଶଗଡ଼ରେ ୧୭୦ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ଗତକାଲି ରାଜ୍ୟରେ ୨୭ ଜଣ ନକ୍ସଲ ଆତ୍ମସମର୍ପଣ କରିଥିଲେ ।



ସେହିପରି ଗତକାଲି ମହାରାଷ୍ଟ୍ରରେ ୬୧ ଜଣ ନକ୍ସଲ ମୁଖ୍ୟସ୍ରୋତକୁ ଫେରିଥିଲେ । ଗତ ଦୁଇ ଦିନରେ ମୋଟ ୨୫୮ ଜଣ ନକ୍ସଲ ହିଂସା ଛାଡ଼ି ମୁଖ୍ୟସ୍ରୋତକୁ ଫେରିଛନ୍ତି । ହିଂସାକୁ ପରିତ୍ୟାଗ କରିଥିବାରୁ ଓ ଭାରତ ସମ୍ବିଧାନ ଉପରେ ଭରସା କରିଥିବାରୁ ମୁଁ ସେମାନଙ୍କ ନିଷ୍ପତ୍ତିକୁ ପ୍ରଶଂସା କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ନିରନ୍ତର ପ୍ରୟାସ ଯୋଗୁ ନକ୍ସଲବାଦ ଏବେ ଶେଷ ନିଃଶ୍ୱାସ ନେଉଛନ୍ତି । ବୁଧବାର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଥିଲା ଯେ ନକ୍ସଲବାଦ ଦ୍ୱାରା ଅତି ମାତ୍ରାରେ ପ୍ରଭାବିତ ହୋଇଥିବା ଜିଲ୍ଲା ସଂଖ୍ୟା ୬ରୁ ୩କୁ ଖସି ଯାଇଛି ।ଏବେ କେବଳ ଛତିଶଗଡ଼ର ବିଜାପୁର, ସୁକମା ଓ ନାରାୟଣପୁର ଜିଲ୍ଲାରେ ନକ୍ସଲମାନଙ୍କ ପ୍ରଭାବ ସର୍ବାଧିକ ରହିଛି ।ଏହା ପୂର୍ବରୁ ଗୃହ ମନ୍ତ୍ରଣାଳୟ ଘୋଷଣା କରିଥିଲା ଯେ ନକ୍ସଲଙ୍କ ଦ୍ୱାରା ପ୍ରଭାବିତ ଜିଲ୍ଲା ସଂଖ୍ୟା ୧୮ ରୁ ୧୧କୁ ଖସିଯାଇଛି ।

## ଶ୍ରୀନଗର ଏନଏଚରେ ସିରିଜ ବିସ୍ଫୋରଣ

ଶ୍ରୀନଗର: ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଦେଖୁ ଦେଖୁ ଗୋଟିଏ ପରେ ଗୋଟିଏ ଏପରି ଅନେକ ବିସ୍ଫୋରଣ ହୋଇଥିଲା ।ଏହି ବିସ୍ଫୋରଣରେ ଜାତୀୟ ରାଜପଥ ସମେତ ସ୍ଥାନୀୟଅଞ୍ଚଳ ଥରି ଉଠିଥିଲା । ଲୋକମାନେ ଭୟଭୀତ ହୋଇଯାଇଥିଲେ । ଏହି ବିସ୍ଫୋରଣର ପ୍ରକୃତ କାରଣ ହେଉଛି, ଅନେକ ଦିନ ହେବ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ ୪୪ର ପାର୍ଶ୍ୱରେ ବଡ଼ବଡ଼ ପଥର ଖଣ୍ଡ ପଡ଼ିଥିଲା, ଯାହା ଯାତାୟାତ ସମୟରେ ବାଧା ସୃଷ୍ଟି କରୁଥିଲା । ଏହି ପଥରଗୁଡ଼ିକୁ ହଟାଇବା ପାଇଁ ଅନେକ ଦିନ ହେବ ଯୋଜନା କରାଯାଉଥିଲା । ବଡ଼ବଡ଼ ପଥରଗୁଡ଼ିକୁ ହଟାଇବା କୌଣସି ପକ୍ଷେ ସମ୍ଭବ ନଥିଲା । ତେଣୁ ଉଭୟପାର୍ଶ୍ୱରେ କିଛି ଘଣ୍ଟା ପାଇଁ ଯାତାୟାତକୁ ବନ୍ଦ କରି ବିସ୍ଫୋରଣ କରାଯାଇ ପଥରକୁ ହଟାଇ ଦିଆଯାଇଥିଲା ।ଅଧିକାରୀମାନେ ରାସ୍ତାରୁ ବଡ଼ବଡ଼ ପଥରଗୁଡ଼ିକୁ ହଟାଇବା ପାଇଁ ଏକ ନିୟନ୍ତ୍ରିତ ବିସ୍ଫୋରଣ କରିଥିଲେ ।

### ଇଣ୍ଡି ମେଣ୍ଟରେ ଆସନ ବଣ୍ଟନ ଅଡୁଆ

## ୬୫ ଆସନ ଦାବି କରୁଛି କଂଗ୍ରେସ, ଆରଜେଡି ନାରାଜ

ପାଟନା: ବିହାର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ଇଣ୍ଡି ମେଣ୍ଟର ଆସନ ବୁଝାମଣା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇପାରୁନି । କଂଗ୍ରେସ ୬୦ରୁ ଅଧିକ ଆସନ ଦାବି କରୁଥିବାବେଳେ ଆରଜେଡି ୫୮ ରୁ ଅଧିକ ଆସନ ଦେବାପାଇଁ ନାରାଜ ।ମିଳିଥିବା ସୂଚନାନୁଯାୟୀ କଂଗ୍ରେସ ୬୫ ଆସନରେ ପ୍ରାର୍ଥୀ ଦେବାପାଇଁ ପ୍ରସ୍ତୁତ ହେଉଛି । ଉଭୟ ଦଳ ପକ୍ଷରୁ ଏହି ଅଡୁଆ ସ୍ଥିତିର ସମାଧାନ ପାଇଁ ଚେଷ୍ଟା ଜାରି ରହିଛି ଏବଂ ଘନଘନ ବୈଠକ ହେଉଛି ।

ଅନ୍ୟପକ୍ଷେ ଆରଜେଡି ନେତା ତେଜସ୍ୱୀ ଯାଦବ ବୁଧବାର ବିହାରର ରାଘୋପୁର ବିଧାନସଭା ଆସନରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତ । ୩୫ ବର୍ଷୀୟ ଯାଦବ ହାଜିପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ତାଙ୍କ ବାପା ତଥା ଦଳରି ସୁପ୍ରିମୋ ଲାଲୁ ପ୍ରସାଦ ଏବଂ ମା' ରାବଡ଼ି ଦେବୀଙ୍କ ଉପସ୍ଥିତିରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ।

## ଗୁଜରାଟରେ ମନ୍ତ୍ରୀଙ୍କ ସମୂହ ଇସ୍ତଫା

ଗାନ୍ଧୀନଗର : ଗୁଜରାଟରେ ଆଜି ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ଛାଡ଼ି ସବୁ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି । ଗୁରୁବାର ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହେବାକୁ ଥିବାରୁ ସମସ୍ତ ମନ୍ତ୍ରୀ ଇସ୍ତଫା ଦେଇଥିବା ସୂଚନା ମିଳିଛି । ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ବାସଭବନରେ ଏକ ବୈଠକ ବସିଥିଲା । ଏଥିରେ ବିଜେପିର ରାଷ୍ଟ୍ରୀୟ ସାଧାରଣ ସଂପାଦକ (ସଂଗଠନ) ସୁନୀଲ ବଂଶଲ ଯୋଗ ଦେଇଥିଲେ । ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀ ବଂଶଲ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ପଟେଲ ପ୍ରତ୍ୟେକ ମନ୍ତ୍ରୀଙ୍କ ସହିତ ବ୍ୟକ୍ତିଗତ ଭାବେ କଥା ହୋଇଥିଲେ ଏବଂ ଦଳର କେନ୍ଦ୍ରୀୟ ନେତୃତ୍ୱଙ୍କ ନିଷ୍ପତ୍ତି ସଂପର୍କରେ କହି ସେମାନଙ୍କୁ ଇସ୍ତଫା ଦେବାକୁ କହିଥିଲେ । ଦଳୀୟ ନେତାମାନଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ କ୍ୟାବିନେଟକୁ ନୂଆରୂପ ଦେବା ପାଇଁ ନିଷ୍ପତ୍ତି ହୋଇଥିବାରୁ ମନ୍ତ୍ରୀମାନଙ୍କୁ ଇସ୍ତଫା ଦେବାକୁ କୁହାଯାଇଥିଲା । ଇସ୍ତଫା ଦେଇଥିବା ଏହି ମନ୍ତ୍ରୀଙ୍କ ମଧ୍ୟରୁ ୫/୬ ଜଣ ନୂଆ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇପାରନ୍ତି । କିନ୍ତୁ ଅନ୍ୟ ପଦଗୁଡ଼ିକରେ ନୂଆ ମୁହଁଙ୍କୁ ନିଯୁକ୍ତ କରାଯିବ । ଯେଉଁ ମନ୍ତ୍ରୀମାନଙ୍କୁ ପୁଣି ଥରେ ମନ୍ତ୍ରୀ କରାଯିବ, ସେମାନଙ୍କ ଇସ୍ତଫାପତ୍ରକୁ ରାଜ୍ୟପାଳଙ୍କ ନିକଟକୁ ପଠାଯିବ ନାହିଁ ।



ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଆଜି ରାତିରେ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ସେହି ସାକ୍ଷାତ ସମୟରେ ସେ ମନ୍ତ୍ରୀମାନଙ୍କ ଇସ୍ତଫାପତ୍ରଗୁଡ଼ିକୁ ତାଙ୍କୁ ପ୍ରଦାନ କରିବେ ।

ଆସନ୍ତାକାଲି ଦିନ ସାଢେ ୧୧ଟାରେ ନୂଆ ମନ୍ତ୍ରୀମାନେ ଶପଥ ନେବେ । ଗାନ୍ଧୀନଗରର ମହାତ୍ମା ମନ୍ଦିରରେ ଆୟୋଜିତ ହେବାକୁ ଥିବା ଏହି ଶପଥଗ୍ରହଣ ଉତ୍ସବରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ଼୍ଡା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

## ଟିକେଟ ନପାଇବାରୁ କାନ୍ଦିଲେ ନେତା

ପାଟନା: ବିହାର ବିଧାନସଭା ନିର୍ବାଚନକୁ ନେଇ ରାଜନୀତି ସରଗରମ ରହିଛି ।ବିଜେପି ଏବଂ ଜେଡିୟୁ ପରେ ଏନଡିଏର ସହଯୋଗୀ ଚିରାଗ ପାସୱାନଙ୍କ ଏଲଜେପି (ଆର) ମଧ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି । ଚିରାଗ ପାସୱାନଙ୍କ ଦଳ ୧୪ ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି । ଏହା ଏଲଜେପିର ପ୍ରଥମ ପ୍ରାର୍ଥୀ ତାଲିକା । ଏହି ଘୋଷଣା ପରେ ଯେଉଁ ନେତାମାନଙ୍କ ନାମ ତାଲିକାରେ ରହିନାହିଁ ସେମାନେ ନିରାଶ ହୋଇଯାଇଛନ୍ତି ।



ନେତାମାନେ ନିରାଶ ହେବା ସମୟର ଏକ ଭିଡିଓ ଭାଇରାଲ ହୋଇଛି ।

ଏଲଜେପି(ଆର) ନେତା ଅଭୟ ସିଂହ ଟିକେଟ୍ ପାଇବାରୁ ବଞ୍ଚିତ ହେବା ପରେ ଛୋଟ ଛୁଆଙ୍କ ଭଳି କାନ୍ଦୁଥିବାର ଭିଡିଓରେ ଦେଖିବାକୁ ମିଳୁଛି ।ଫେସବୁକ ଲାଇଭ ମାଧ୍ୟମରେ ଅଭୟ ସିଂହ ତାଙ୍କ ସମର୍ଥକଙ୍କ ସହ କଥା ହୋଇ କହିଛନ୍ତି "କେହି ଜଣେ ମୋ'ଠାରୁ ଅଧିକ ଦେୟ ଦେଇଥିଲେ, ତେଣୁ ସେ ଟିକେଟ ପାଇଲେ । ଏବେ ମୁଁ ରାଜନୀତିରୁ ଅବସର ନେଉଛି । ମୋତେ କ୍ଷମା କରିଦେବ ।' ଭିଡିଓ ଭାଇରାଲ ହେବା ମାତ୍ରେ ଏହି ପ୍ରସଙ୍ଗ ରାଜନୈତିକ ମହଲରେ ଆଲୋଚନାର ବିଷୟ ପାଲଟିଛି ।

### ଆନ୍ଧ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

## ୧୩, ୪୩୦ କୋଟିର ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଓ ଲୋକାର୍ପଣ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଆନ୍ଧ୍ରପ୍ରଦେଶର କର୍ଣ୍ଣୁଲଠାରେ ପ୍ରାୟ ୧୩,୪୩୦ କୋଟି ଟଙ୍କାର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଏବଂ ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଅହୋବିଲମର ଭଗବାନ ନରସିଂହ ସ୍ୱାମୀ ଏବଂ ମହାନନ୍ଦିର ଶ୍ରୀମହାନନ୍ଦିଶ୍ୱର ସ୍ୱାମୀଙ୍କୁ ପ୍ରଣାମ କରିଥିଲେ । ସେ ସମସ୍ତଙ୍କ ମଙ୍ଗଳ ପାଇଁ ମନ୍ତ୍ରାଳୟମର ଗୁରୁ ଶ୍ରୀ ରାଘବେନ୍ଦ୍ର ସ୍ୱାମୀଙ୍କଠାରୁ ଆଶୀର୍ବାଦ ମଧ୍ୟ ଲୋଡ଼ିଥିଲେ ।

ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ସ୍ତୋତ୍ର - ସୌରାଷ୍ଟ୍ରେ ସୋମନାଥମ୍ ଶ୍ରୀଶୈଳେ ମଲ୍ଲିକାର୍ଜୁନମ୍‌ର ଏକ ଶ୍ଳୋକ ପାଠ କରି ଶ୍ରୀ ମୋଦୀ ଆଲୋକପାତ କରିଥିଲେ, ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମଧ୍ୟରେ ଭଗବାନ ସୋମନାଥ ଏବଂ ଭଗବାନ ମଲ୍ଲିକାର୍ଜୁନଙ୍କ ନାମକୁ ଆରମ୍ଭରେ ଏକତ୍ର ଦେଖାଯାଏ । ସେ କହିଥିଲେ, ଗୁଜରାଟର ପବିତ୍ର ସୋମନାଥ ଭୂମିରେ ଜନ୍ମଗ୍ରହଣ କରିବା, କାଶୀରେ ବାବା ବିଶ୍ୱନାଥଙ୍କ ଭୂମିର ସେବା କରିବାର ସୁଯୋଗ ପାଇବା ଏବଂ ଏବେ ଶ୍ରୀଶୈଳମରେ ଆଶୀର୍ବାଦ ପାଇବା ମୋର ସୌଭାଗ୍ୟ । ଶ୍ରୀଶୈଳମ ଗସ୍ତ ପରେ, ପ୍ରଧାନମନ୍ତ୍ରୀ ଶିବାଜୀ ସ୍ମୃତି କେନ୍ଦ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ମଞ୍ଚରୁ ଛତ୍ରପତି ମହାରାଜଙ୍କୁ ସମ୍ମାନ ଜଣାଇଥିଲେ । ସେ ଅଲ୍ଲମା ପ୍ରଭୁ ଏବଂ ଆକ୍କାମହାଦେବୀଙ୍କ ଭଳି ପୂଜ୍ୟ ଶୈବ ସନ୍ଥମାନଙ୍କୁ ପ୍ରଣାମ କରିଥିଲେ । ସେ ଶ୍ରୀ ଉୟଲାୱାଡା ନରସିଂହ ରେଡ୍ଡୀ ଗାରୁ ଏବଂ ଶ୍ରୀ ହରି ସର୍ବୋତ୍ତମ ରାଓଙ୍କ ସମେତ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।




"ଆନ୍ଧ୍ର ପ୍ରଦେଶ ଗୌରବମୟ ଏବଂ ସମୃଦ୍ଧ ସଂସ୍କୃତିର ଭୂମିଛଏହା ବିଜ୍ଞାନ ଏବଂ ନବସୃଜନର ଏକ କେନ୍ଦ୍ର", ପ୍ରଧାନମନ୍ତ୍ରୀ ଦୃଢ଼ ଭାବରେ କହିଥିଲେ । ରାଜ୍ୟର ଅସୀମ ସମ୍ଭାବନା ଏବଂ ଏହାର ଯୁବପିଢ଼ିଙ୍କ ଅସୀମ କ୍ଷମତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ ଆନ୍ଧ୍ର ପ୍ରଦେଶକୁ ଯାହା ଆବଶ୍ୟକ ତାହା ହେଉଛି ସଠିକ୍ ଦୃଷ୍ଟିକୋଣ ଏବଂ ନେତୃତ୍ୱ । ଆଜି, ଚନ୍ଦ୍ରବାବୁ ନାଇଡୁ ଗାରୁ ଏବଂ ପବନ କଲ୍ୟାଣ ଗାରୁଙ୍କ ଭଳି ନେତାଙ୍କୁ ନେଇ ଆନ୍ଧ୍ର ପ୍ରଦେଶ କେନ୍ଦ୍ର ସରକାରଙ୍କ ପୂର୍ଣ୍ଣ ସମର୍ଥନ ସହିତ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ପାଇଛି ।

ଗତ ଷୋହଳ ମାସ ମଧ୍ୟରେ ଆନ୍ଧ୍ରପ୍ରଦେଶ ଦ୍ରୁତ ପ୍ରଗତି ହାସଲ କରିଛି ଏବଂ କେନ୍ଦ୍ର ଓ ରାଜ୍ୟରେ ସେମାନଙ୍କର ସରକାରଙ୍କ ଅଧୀନରେ ଅଭୂତପୂର୍ବ ବିକାଶ ଘଟିଛି ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ଦିଲ୍ଲୀ ଏବଂ ଅମରାବତୀ ଦ୍ରୁତ ବିକାଶ ପାଇଁ ଏକାଠି କାମ କରୁଛନ୍ତି । ୨୦୪୭ ସୁଦ୍ଧା ଭାରତ ନିଶ୍ଚିତ ଭାବରେ ଏକ ବିକଶିତ ରାଷ୍ଟ୍ର ହେବ । ଏକବିଂଶ ଶତାବ୍ଦୀ ଭାରତର ଏବଂ ଏହାର ୧୪୦ କୋଟି ନାଗରିକଙ୍କର ବୋଲି ସେ ଦୃଢ଼ଭାବେ କହିଛନ୍ତି । ସେ ରାସ୍ତା, ବିଦ୍ୟୁତ, ରେଳପଥ, ରାଜପଥ ଏବଂ ବାଣିଜ୍ୟ ସହିତ ଜଡ଼ିତ ଅନେକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ଘୋଷଣା କରିଛନ୍ତି । ଏହି ପଦକ୍ଷେପଗୁଡ଼ିକ ରାଜ୍ୟ ସାରା ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବ, ଶିଳ୍ପ ଅଭିବୃଦ୍ଧିକୁ ବୃଦ୍ଧି କରିବ ଏବଂ ନାଗରିକମାନଙ୍କ ପାଇଁ ସହଜ ଜୀବନଯାପନକୁ ଉନ୍ନତ କରିବ । ଏହି ପ୍ରକଳ୍ପଗୁଡ଼ିକ କର୍ଣ୍ଣୁଲ୍ ଏବଂ ଆଖପାଖ ଅଞ୍ଚଳକୁ ବହୁ ଲାଭ ପ୍ରଦାନ କରିବ ବୋଲି କହିବା ସହିତ ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ ।

## ଏସ୍ଆଇଆରକୁ ବିରୋଧ ନେଇ ଇସି ଖପ୍ପା

ନୂଆଦିଲ୍ଲୀ : ବିହାର ଏସ୍ଆଇଆର ( ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ) ମାମଲାର ସୁପ୍ରିମକୋର୍ଟ ଶୁଣାଣି ସମୟରେ, ନିର୍ବାଚନ କମିସନ କହିଥିଲେ ଯେ ଆବେଦନକାରୀମାନେ ନିର୍ବାଚନ ପ୍ରକ୍ରିୟାକୁ ବାଧା ଦେବାକୁ ଚାହୁଁଛନ୍ତି । ନିର୍ବାଚନ କମିସନ କହିଥିଲେ ଯେ ଭୋଟରମାନେ ସବୁକିଛି ଜାଣିଛନ୍ତି ଏବଂ ସନ୍ତୁଷ୍ଟ, କିନ୍ତୁ ଏଡିଆରକୁ ବିଶ୍ଳେଷଣ ପାଇଁ ତୁରନ୍ତ ସମସ୍ତ ସୂଚନା ଆବଶ୍ୟକ । କମିସନ କହିଥିଲେ ଯେ ଗୋଟିଏ ବି ଆବେଦନ ଗ୍ରହଣ କରାଯାଇ ନାହିଁ । ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଅକ୍ଟୋବର ୧୭ ତାରିଖରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୨୦ ତାରିଖରେ ସମାପ୍ତ ହେବ । ତା'ପରେ ତାଲିକା ୱେବସାଇଟରେ ପ୍ରକାଶ କରାଯିବ ।

ଏହି ଶୁଣାଣି ସମୟରେ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ଯେଉଁମାନଙ୍କର ନାମ ବାଦ ଦିଆଯାଇଛି ସେମାନଙ୍କର ତାଲିକା ମଧ୍ୟ ପ୍ରକାଶ କରାଯିବା ଉଚିତ । ଏହାର ଉତ୍ତରରେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ, "ଆମର କୌଣସି ସନ୍ଦେହ ନାହିଁ ଯେ କମିସନ ତାଙ୍କର ଦାୟିତ୍ୱ ପୂରଣ କରିବେ ।"

## ଜେଡିୟୁ ଚୂଡାନ୍ତ କଲା ୪୪ ପ୍ରାର୍ଥୀଙ୍କ ନାମ

ପାଟନା: ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଜନତା ଦଳୟୁନାଇଟେଡ୍ (ଜେଡିୟୁ) ଆଗାମୀ ବିଧାନସଭା ନିର୍ବାଚନ ପାଇଁ ୪୪ଜଣ ପ୍ରାର୍ଥୀଙ୍କ ନାମଥାଇ ଚୂଡ଼ାନ୍ତ ତାଲିକା ପ୍ରକାଶ କରିଛି । ଏହି ତାଲିକାରେ ୪ଜଣ ମୁସଲିମ ପ୍ରାର୍ଥୀଙ୍କୁ ଟିକେଟ ଦିଆଯାଇଛି । ଉଲ୍ଲେଖଯୋଗ୍ୟ, ୨୦୨୦ ବିହାର ବିଧାନସଭା ନିର୍ବାଚନରେ ଜେଡିୟୁ ୧୧ ଜଣ ମୁସଲିମ ପ୍ରାର୍ଥୀଙ୍କୁ ପ୍ରାର୍ଥୀ କରିଥିଲା । କିନ୍ତୁ ଜଣେ ହେଲେ ମୁସଲିମ ପ୍ରାର୍ଥୀ ନିର୍ବାଚନରେ ଜିତି ପାରି ନଥିଲେ



। ତେବେ ପ୍ରଥମ ତାଲିକାରେ ଚଳିତ ସରକାରରେ ଥିବା ୫ ଜଣ ମନ୍ତ୍ରୀ ସ୍ଥାନ ପାଇଥିଲେ । ଅନନ୍ତ କୁମାର ସିଂହଙ୍କ ସମେତ ୩ ଜଣ ବାହୁବଳୀ ଏହି ତାଲିକାରେ ସ୍ଥାନ ପାଇଥିଲେ ଏବଂ ପ୍ରଥମ ପର୍ଯ୍ୟାୟରେ ୪ ଜଣ ମହିଳାଙ୍କ ନାଁ ଘୋଷଣା କରାଯାଇଥିଲା ।ପ୍ରଥମ ତାଲିକାରେ ୫୭ ପ୍ରାର୍ଥୀଙ୍କ ମଧ୍ୟରୁ ୩୦ ଜଣ ନୂଆ ମୁହଁ ଏବଂ ୨୭ ଜଣଙ୍କୁ ପୁଣିଥରେ ସୁଯୋଗ ଦିଆଯାଇଛି ।

# ଏକାଠି ବିଷ ପିଇଲେ ୨୪ କିନ୍ନର

## ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

ଇନ୍ଦୋର: ମଧ୍ୟପ୍ରଦେଶର ଇନ୍ଦୋରର ନନ୍ଦଲାଲପୁରାରେ ଜଣେ କିନ୍ନର ଦୁଇଜଣ ଗଣମାଧ୍ୟମ କର୍ମଚାରୀଙ୍କ ବିରୋଧରେ ଦୁଷ୍କର୍ମ, ଆକ୍ରମଣ ଏବଂ ହତ୍ୟା ଧମକର ଅଭିଯୋଗ କରିଥିଲେ । ଏହି ବିବାଦର କିଛି ଘଣ୍ଟା ମଧ୍ୟରେ ୨୪ଜଣ କିନ୍ନର ଏକାଠି ବିଷ ପିଇ ଦେଇଥିବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଏହି ଘଟଣାରେ ଅନେକ କିନ୍ନରଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି ।ଘଟଣା ବିଷୟରେ ଖବର ପାଇବା ପରେ ପୁଲିସ



ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିଷ ପିଇଥିବା କିନ୍ନରମାନଙ୍କୁ ଆମ୍ବୁଲାନ୍ସ ସମେତ ପୁଲିସ ଗାଡ଼ିରେ ତୁରନ୍ତ ଏମୱାଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ଅତିରିକ୍ତ ଡିସିପି ରାଜେଶ ଦଣ୍ଡୋତିଆ ଏହି ଘଟଣାକୁ ନେଇ କହିଛନ୍ତି, "ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ କିନ୍ନର ଗୋଷ୍ଠୀର ୨୪ଜଣ କିନ୍ନର ଫିନାଇଲ୍ ପିଇ ଦେଇଛନ୍ତି । ସମସ୍ତ ପ୍ରଭାବିତ କିନ୍ନରଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବାକୁ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଚିକିତ୍ସା ପରେ ଅସୁସ୍ଥ କିନ୍ନରଙ୍କ ଅବସ୍ଥା ସ୍ଥିର ଅଛି । ପୁଲିସ ପ୍ରଶାସନର ତ%୦ାବଧାନରେ ସେମାନଙ୍କର ଚିକିତ୍ସା ଚାଲିଛି । ବିଷକ୍ରିୟାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ପୁଲିସ ଏହି ଘଟଣାର ତଦନ୍ତ କରୁଛି ।

# ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌ରେ ନଜର ଆସିବେ ୱିଲିୟମସନ୍

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି) : ୨୦୨୬ ଆଇପିଏଲ୍ ମିନି ନିଲାମ ଡିସେମ୍ବର ୧୩ ରୁ ୧୫ ତାରିଖ ମଧ୍ୟରେ ହେବ। ଏଥିପାଇଁ ଟିମ୍ ଗୁଡିକ ରିଟେନ୍ ଓ ରିଲିଜ୍ ତାଲିକା ନଭେମ୍ବର ୧୪ ସୁଦ୍ଧା ଘୋଷଣା କରିବେ। ଆଇପିଏଲ୍‌ର ପରବର୍ତ୍ତୀ ସଂସ୍କରଣ ପୂର୍ବରୁ ଫ୍ରାଞ୍ଚାଇଜ୍ ନିଜର ରଣନୀତି କରିବା ଉପରେ ଦାବି କରିଛନ୍ତି। ଏହାରି ଭିତରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ଟିମ୍ ସହ ଜଣେ ମହାନ୍ ବ୍ୟାଟରଙ୍କୁ ଯୋଡିଛି। ନ୍ୟୁଜିଲାଣ୍ଡ ପୂର୍ବତନ ଅଧିନାୟକ କେନ୍ ୱିଲିୟମସନ୍ ୨୦୨୬ରେ ସୁପର ଜ୍ୟାଣ୍ଟସ୍‌ର ଅଂଶ ହେବେ। ସେ ଖେଳାଳି ଭାବେ ନୁହେଁ ବରଂ ଆଡଭାଇଜର ଭାବେ ନଜର ଆସିବେ। ପୂର୍ବତନ ଭାରତୀୟ କ୍ରିକେଟର ଜାହିର ଖାନ୍ ଏହି ଦଳର ମେଣ୍ଟର ପଦ ଛାଡିଥିଲେ। ତେବେ ୱିଲିୟମସନ୍‌ଙ୍କ ଯୋଗଦାନ ଦଳ ପାଇଁ ଲାଭ ଦାୟକ ହୋଇପାରେ। ଇଂଲଣ୍ଡର କାର୍ଲ କ୍ରୋ ଲକ୍ଷ୍ନୌ ସ୍ପିନ ବୋଲିଂ କୋଚ୍ ନିଯୁକ୍ତ କରାଯାଇଛି। ପୂର୍ବରୁ ସେ କୋଲକାତା ନାଇଟ୍ ରାଇଡର ସହ ଏହି ଭୂମିକା ତୁଲାଇଥିଲେ।



ଜଷ୍ଟିନ୍ ଲାଙ୍ଗର ମୁଖ୍ୟ କୋଚ୍ ରହିବେ। ୱିଲିୟମସନ୍ ୧୦୫ ଟି ଟେଷ୍ଟ , ୧୭୩ ଦିନିକିଆ ଏବଂ ୯୩ ଟି ଟି -୨୦ ମ୍ୟାଚ୍ ଖେଳିଛନ୍ତି। ଆଇପିଏଲ୍‌ରେ ସନରାଇଜର୍ସ ହାଇଦ୍ରାବାଦ ଏବଂ ଗୁଜରାଟ ଟାଇଟନସ୍ ପାଇଁ ଖେଳିଥିଲେ। କେନ୍‌ଙ୍କୁ ଦଳରେ ସାମିଲ କରିବା ପ୍ରକ୍ରିୟା ପ୍ରାୟ ୩ ମାସ ପୂର୍ବରୁ ଆରମ୍ଭ ହୋଇଥିଲା। ଦଳର ମାଲିକ, ପ୍ରଶିକ୍ଷକ, ଅଧିନାୟକ ଏବଂ ପରିଚାଳନା ମଧ୍ୟରେ ଆଲୋଚନା ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି।

# ରଣଜୀ ଟ୍ରଫି

# ଓଡିଶା ୨୭୧ , ବରୋଦା ୧୨୭/୨

## ବାରବାଟୀ ରୋମାଞ୍ଚ : ରାଜେଶ ଶତକରୁ ବଞ୍ଚିତ

ଭୁବନେଶ୍ୱର, ୧୬।୧୦(ସବ୍ୟୁ) : ରଣଜୀ ଟ୍ରଫିର ଏଲିଟ୍ ଗ୍ରୁପ ଏ ର ଏକ ଲଢୁଆ ମ୍ୟାଚ ବାରବାଟୀରେ ଘରୋଇ ଓଡିଶା ଓ ବରୋଦା ମଧ୍ୟରେ ଖେଳାଯାଉଛି। ଓଡିଶାର ପ୍ରଥମ ଇନିଂସ ୨୭୧ ରନ୍‌ରେ ସୀମିତ ରହିଥିବା ବେଳେ ରାଜେଶ ଧୁପର ୯୪ ରନ୍ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଛନ୍ତି। ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ବରୋଦା ଦଳ ୬୧ ଓଭରରେ ଦୁଇ ୱିକେଟ୍ ହରାଇ ୧୨୭ ରନ୍ କରିଛି। ଓପନର ଶିବାଲିକ ଶର୍ମା ୭୫ ରନ୍‌ର ଇନିଂସ ଖେଳି ବରୋଦାକୁ ଜମାଣିଆ ଆରମ୍ଭ ଦେଇଛନ୍ତି। ଏବେବି ବରୋଦା ଘରୋଇ ଦଳ ସ୍କୋର ଠାରୁ ୧୪୪ ରନ୍ ପଛରେ ରହିଛି।



ପ୍ରଥମ ଦିନ ଓଡିଶା ୨୦୫/୫ ରନ୍ କରିଥିଲା। ରାଜେଶ ଧୁପର ୭୬ ରନ୍ କରି ଅପରାଜିତ ଥିଲେ। ତେଣୁ ଦ୍ୱିତୀୟ ଦିନ ରାଜେଶ ବାରବାଟୀରେ ଶତକ ହାସଲ କରିବେ ବୋଲି ସମସ୍ତଙ୍କ ଅପେକ୍ଷା ଥିଲା। କାରଣ ସିଜନ ଆରମ୍ଭରୁ ଶତକ ମାରିପାରିଲେ ମନୋବଳ ଆକାଶ ଛୁଆଁ ହେବ। ଏହାର ପ୍ରଭାବ ମଧ୍ୟ ଦଳ ଉପରେ ପଡିବ। କିନ୍ତୁ ରାଜେଶ ଧୁପରଙ୍କୁ ଭାଗ୍ୟ ସହାୟକ ହେଲା ନାହିଁ। ସେ ମାତ୍ର ୬ ରନ୍ ପାଇଁ ଶତକରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି। ୨୫୨ ବଲର ସମ୍ମୁଖୀନ ହୋଇଥିଲା ରାଜେଶ ୭ ଟି ଚୌକା ଓ ଦୁଇଟି ଛକା ସହାୟତାରେ ୯୪ ରନ୍ କରିଥିବା ଅତୀତ ସେଟ୍‌ଙ୍କ ବଲରେ ଏଲବିଡବ୍ଲ୍ୟୁ ଆଉଟ ହୋଇଥିଲେ। ଆଜି ପ୍ରଥମ ଅଧିବେସନରେ ଓଡିଶା ଦଳୀୟ ସ୍କୋରରେ କେବଳ ୬୬ ରନ୍ ଯୋଡିବା ସହ ଅବଶିଷ୍ଟ ୫ ୱିକେଟ୍ ହରାଇଥିଲା। ୱିକେଟ୍ ରକ୍ଷକ ଆଶୀର୍ବାଦ ସ୍ୱାଇଁ ୨୨ ରନ୍, ରାଜେଶ ମହାନ୍ତି ୮ ଏବଂ ପୂର୍ବରୁ ସ୍ୱସ୍ତିକ ସାମଲ ୨୪, ଗୌରବ ଚୌଧୁରୀ ୨୪, ଅଧିନାୟକ ସୁବ୍ରାଂଶୁ ସେନାପତି ୭୯ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ବରୋଦାର ଅତୀତ ସେଟ୍ ସର୍ବାଧିକ ୪ ଟି, ରସିକ ସଲାମ ୩ ଟି , ଭାର୍ଗବ ଭଟ ୨ ୱିକେଟ୍ ସଫଳତା ଲାଭ କରିଥିଲେ।

ଓଡିଶା ପାଳି ଶେଷ ହେବା ପରେ ପଡିଆକୁ ଓହ୍ଲାଇଥିଲା ବରୋଦା । ନୂଆ ବଲରେ ଓଡିଶା ବୋଲର ଦଳକୁ ପ୍ରାରମ୍ଭିକ ସଫଳତା ଦେବା ପାଇଁ ପ୍ରାଣ ମୂର୍ଚ୍ଛା ଉଦ୍ୟମ କରିଥିଲେ। ଏହା ସତ୍ତ୍ୱେ ୨୧ ଓଭର ଯାଏ ବରୋଦା ୱିକେଟ୍ ହରାଇ ନଥିଲା। ଶେଷରେ ଜୋତସନୀଲ ସିଂ ଦଳୀୟ ସ୍କୋର ୩୭ ରନ୍ ବେଳେ ଅନିଲ ପରିଡାଙ୍କ ଦ୍ୱାରା ରନ୍ ଆଉଟ୍ ହେବାରୁ ଯୋଡି ଭାଙ୍ଗିଥିଲା। ଏହା ପରେ ସାସ୍ୱତ ରାଓ୍ତ ୮ ରନ୍ କରି ଗୋବିନ୍ଦ ପୋଦାରଙ୍କ ଶିକାର ହୋଇଥିଲେ। ସେତେବେଳକୁ ବରୋଦା ୨୭.୩ ଓଭରରେ ୫୧ ରନ୍ କରିଥିଲା। କିନ୍ତୁ ବାରବାଟୀ ପିଚ୍‌ରେ ନିଜକୁ ଖାପଖୁଆଇ ନେଇଥିବା ଶିବାଲିକ୍ ଶର୍ମାଙ୍କ ରନ୍ ସଂଗ୍ରହ ଜାରି ରହିଥିଲା। ୧୬୬ ବଲରୁ ୬ ଟି ଚୌକା ଓ ଗୋଟିଏ ଛକା ସହାୟତାରେ ଅପରାଜିତ ୭୫ ରନ୍ କରିଥିଲେ। ସେହିଭଳି ସୁକୀର୍ତ୍ତ ପାଣ୍ଡେ ଅପରାଜିତ ୩୨ ରନ୍ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ବରୋଦା ୬୧ ଓଭରରେ ୨ ୱିକେଟ୍ ହରାଇ ୧୪୪ ରନ ପଛରେ ରହିଛି। ଓଡିଶାର ଏକ ମାତ୍ର ଅଭିଜ୍ଞ ସ୍ପିନର ଗୋବିନ୍ଦ ପୋଦାର ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ। ମ୍ୟାଚର ଦୁଇଦିନ ବାକି ଥିବାରୁ ଓଡିଶା ଇନିଂସ ଅଗ୍ରଣୀ ସହ ପୂର୍ଣ୍ଣ ସଂଖ୍ୟକ ପଏଣ୍ଟ ହାସଲ କରିବାକୁ ଚେଷ୍ଟା କରିବ।

ରଣଜୀ ଟ୍ରଫିର ଅନ୍ୟ ମ୍ୟାଚଗୁଡିକରେ ଆନ୍ଧ୍ର ୪୭୦ ଓ ୟୁପି ୭୩/୧ , କୋଏମ୍ବାଟୁରରେ ଝାଡଖଣ୍ଡ ୪୧୯ ଓ ତାମିଲନାଡୁ ୧୮/୫, ବେଙ୍ଗାଲୁରୁରେ ବିଦର୍ଭ ୪୬୩ ଓ ନାଗାଲାଣ୍ଡ ୮୧/୩, ଥିରୁବନନ୍ତପୁରମ୍‌ରେ ମହାରାଷ୍ଟ୍ର ୨୩୯ , କେରଳ ୩୫/୩ , ଓଦୋରରେ ପଞ୍ଜାବ ୨୩୨ ଓ ମଧ୍ୟପ୍ରଦେଶ ୩୦୫/୬, ପୋରଭୋରିମ୍‌ରେ ଗୋଆ ୫୬୬ ଓ ଚଣ୍ଡିଗଡ ୩୪/୧। ରାଜକୋଟରେ କର୍ଣ୍ଣାଟକ ୩୭୨ ଓ ସୌରାଷ୍ଟ୍ର ୨୦୦/୪, ଅହମ୍ମଦାବାଦରେ ଆସାମ ୩୧୦ ଓ ଗୁଜରାଟ ୧୬୬, ଇଡେନ୍ ଗାର୍ଡେନ୍‌ରେ ଉତ୍ତରାଖଣ୍ଡ ୨୦୩ ଓ ବେଙ୍ଗଲ ୨୭୪/୬। ସୁରଟ୍‌ରେ ହରିୟାଣା ୧୭୧ ଓ ୨୦୧/୯ ଏବଂ ରେଲବାଇ ୧୨୮, ଦିଲ୍ଲୀରେ ସର୍ଭିସେସ୍ ୩୫୯ ଓ ତ୍ରିପୁରା ୫୬/୪ , ଶ୍ରୀନଗରେ ମୁମ୍ବାଇ ୩୮୬ ଓ ଜମ୍ମୁ କାଶ୍ମିର ୨୭୩/୭, ହାଇଦ୍ରାବାଦରେ ଦିଲ୍ଲୀ ୫୨୯/୪ ଓ ହାଇଦ୍ରାବାଦ ୭୭/୧ , ପୁଡୁଚେରୀରେ ହିମାଚଳ ପ୍ରଦେଶ ୩୦୫ ଓ ପୁଡୁଚେରୀ ୯୬/୮, ରାଜସମ୍ବନ୍ଦରେ ଛତିଶଗଡ ୩୩୨ ଓ ରାଜସ୍ଥାନ ୨୧୫/୪, ପାଟଣାରେ ଅରୁଣାଚଳ ପ୍ରଦେଶ ୧୦୫ ଓ ୯୪/୩ ଏବଂ ବିହାର ୫୪୨/୯, ରଙ୍ଗପୋରେ ସିକିମ୍ ୩୦୮ ଓ ମଣିପୁର ୧୮୯/୪।

# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ସୁପାରିଶକୁ ନୀତା ଅମ୍ବାନୀଙ୍କ ସ୍ୱାଗତ



ନୂଆଦିଲ୍ଲୀ, ୧୬।୧୦(ଏଜେନ୍ସି) : ରିଲାଏନ୍ସ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଏବଂ ଅଧକ୍ଷା ନୀତା ଅମ୍ବାନୀ ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ପାଇଁ ସୁପାରିଶକୁ ସ୍ୱାଗତ କରିଛନ୍ତି। ୨୦୩୦ ଶତବାର୍ଷିକୀ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ ପାଇଁ ଭାରତର ସୁପାରିଶ ବିଶ୍ୱ ସ୍ତରୀୟ କ୍ରୀଡା ଶକ୍ତି ହେବା ଯାତ୍ରାରେ ଏକ ଗୌରବମୟ ମାଇଲଖୁଣ୍ଟ।

ଆମ ଦେଶର କ୍ରୀଡା ପ୍ରତି ଉତ୍ସର୍ଗୀକୃତ ମନୋଭାବ ଏବଂ ପ୍ରତିଭାର ଏକ ଉତ୍ସବ। ମୁଁ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ ଐତିହାସିକ ପ୍ରୟାସରେ ଅଟଳ ସମର୍ଥନ ପାଇଁ ତାଙ୍କୁ କୃତଜ୍ଞତା ଜଣାଉଛି। ଏହି ଗୌରବମୟ ଭାରତରେ ଅଲିମ୍ପିକ୍ କ୍ରୀଡା ଆୟୋଜନ କରିବା ନେଇ ଆମର ରହିଥିବା ସ୍ୱପ୍ନ ଦିଗରେ ଆଉ ଏକ ପଦକ୍ଷେପ ବୋଲି ନୀତା ଅମ୍ବାନି କହିଛନ୍ତି।

# ଅଷ୍ଟ୍ରେଲିଆରେ ଟିମ ଇଣ୍ଡିଆ

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି): ଭାରତୀୟ କ୍ରିକେଟ ଟିମ ଦିନିକିଆ ସିରିଜ ଖେଳିବା ପାଇଁ ପର୍ଥରେ ପହଞ୍ଚିଛନ୍ତି । ଅକ୍ଟୋବର ୧୯ରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଆରମ୍ଭ ହେବ । ଦୁଇ ମହାନ ଖେଳାଳି ଓ ପୂର୍ବତନ ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲିଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ । ରୋହିତଙ୍କୁ ନିକଟରେ ଦିନିକିଆ ଦଳର ଅଧିନାୟକ ଦାୟିତ୍ୱରୁ ହଟାଯାଇ ଶୁଭମନ ଗିଲଙ୍କୁ ପ୍ରଦାନ କରାଯାଇଛି । ଗିଲଙ୍କ ନେତୃତ୍ୱରେ ଭଲ ପ୍ରଦର୍ଶନ ନେଇ ରୋହିତ ଓ କୋହଲି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ । କୋହଲି, ରୋହିତ, ଗିଲ, କେଏଲ ରାହୁଲ, ଯଶସ୍ୱୀ ଜୈସୱାଲ, ହର୍ଷିତ ରାଣା ଓ ନୀତିଶ କୁମାର ରେଡ୍ଡୀ ଏବଂ କିଛି ସପୋର୍ଟିଂ ଷ୍ଟାଫ ପର୍ଥରେ ପହଞ୍ଚିଛନ୍ତି । କୋଚ ଗୌତମ ଗମ୍ଭୀର ଓ ଅନ୍ୟ ସଦସ୍ୟ ଏଠାରେ ବିଳମ୍ବରେ ପହଞ୍ଚିବେ ।

ପ୍ରଥମ ଦିନିକିଆ ୧୯ରେ ପର୍ଥରେ ଖେଳାଯିବ । ଏହା ପରେ ଦ୍ୱିତୀୟ ଓ ତୃତୀୟ ଦିନିକିଆ ଆଡିଲେଡ ଓ ସିଡନୀରେ ଖେଳାଯିବ । ଏହି ୨ଟି ମ୍ୟାଚ ଯଥାକ୍ରମେ ୨୩ ଓ ୨୫ରେ ଖେଳାଯିବ । ଏହା ପରେ ଅକ୍ଟୋବର ୨୯ରୁ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଆରମ୍ଭ ହେବ । ଟେଷ୍ଟ ଏବଂ ଟି୨୦ରୁ ଅବସର ନେଇ ସାରିଥିବା ରୋହିତ ଓ କୋହଲି ଦିନିକିଆ କ୍ରିକେଟ ଖେଳିବା ଜାରୀ ରଖିଛନ୍ତି । ଏବେ ଅଷ୍ଟ୍ରେଲିଆ ଗସ୍ତ ଆଗାମୀ ବିଶ୍ୱକପ ପାଇଁ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ । ଅଧିନାୟକ ଗିଲ ଦଳରେ ଅଭିଜ୍ଞ ଖେଳାଳିଙ୍କ ଆବଶ୍ୟକତା ରହିଛି କହି କୋହଲି ଓ ରୋହିତଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିଛନ୍ତି । ଅର୍ଶଦୀପ ସିଂ ଓ ଯଶପ୍ରୀତ ବୁମରାହଙ୍କ ଅନୁପସ୍ଥିତିରେ ଯୁବ ପେସ ବୋଲରଙ୍କ ଉପରେ ଗୁରୁ ଦାୟିତ୍ୱ ରହିବ ।

# ମାଲାୟଲମ୍ ମନୋରମାରେ କଳିଙ୍ଗ କ୍ରୀଡା ଛାତ୍ରାବାସ

ଭୁବନେଶ୍ୱର, ୧୬।୧୦(ସବ୍ୟୁ) : ଓଡିଶାର କ୍ରୀଡା ପରମ୍ପରା ଓ କ୍ରୀଡା ଭିତ୍ତିଭୂମି ସୁଦୂର ପ୍ରସାରୀ । ସାରା ବିଶ୍ୱରେ ଓଡିଶାର କ୍ରୀଡା ଶୌଧ ତଥା କଳିଙ୍ଗରେ ଆୟୋଜନ ହେଉଥିବା କ୍ରୀଡା ପ୍ରତିଯୋଗିତା ଚର୍ଚ୍ଚାରେ ରହିଛି। ଏଣିକି କ୍ରୀଡା ଭିତ୍ତିଭୂମି କ୍ଷେତ୍ରରେ ଓଡିଶା ନୂଆ ପରିଚୟ ପାଇଛି। କେରଳର ସବୁଠୁ ଲୋକପ୍ରିୟ ମାଲାୟଲମ ଖବର କାଗଜ ମନୋରମାରେ କଳିଙ୍ଗ ଷ୍ଟାଡିୟମରେ କ୍ରୀଡାଛାତ୍ରାବାସକୁ ନେଇ ଏକ ସୁନ୍ଦର ଲେଖା ପ୍ରକାଶ ପାଇଛି। ମାଲାୟଲା ମନୋରମାର ପ୍ରସାରଣ ୨୦ ଲକ୍ଷରୁ ଅଧିକ। ଏହି ଲେଖାଟି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ କ୍ରୀଡା ଛାତ୍ରାବାସର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ଉପରେ ପର୍ଯ୍ୟବେସିତ । ଏହି ଲେଖାଟିରେ କଳିଙ୍ଗ ଷ୍ଟାଡିୟମ ଛାତ୍ରାବାସର ଫଟୋ ରହିଛି। ଓଡିଶାର କ୍ରୀଡାବିତଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସୁବିଧାଗୁଡିକ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ଶେଷ ଭାଗରେ ଆଗାମୀ କ୍ରୀଡା ବ୍ୟକ୍ତିତ୍ୱଙ୍କ ପାଇଁ ସୁବିଧା ଓ ଭିତ୍ତିଭୂମି ଯୋଗାଇବାରେ କେରଳ ଏବଂ ଭାରତର ଅନ୍ୟ ରାଜ୍ୟ ଗୁଡିକ ପାଇଁ ଓଡିଶା ମଡେଲ ସାଜିଛି। ଏହି ଲେଖାରେ ହଷ୍ଟେଲର ଛାତ୍ରଛାତ୍ରୀଙ୍କୁ ବିମାନ ଟିକେଟ୍ ସହ ଏସି ରୁମ୍ ପ୍ରଦାନ କରାଯିବା ସମ୍ପର୍କରେ ବର୍ଣ୍ଣନା ରହିଛି। ଓଡିଶାର କ୍ରୀଡା ଅନୁରାଗକୁ କେରଳର କ୍ରୀଡାବିତ୍ ଓ ଜନସାଧାରଣଙ୍କ ପାଖରେ ପହଞ୍ଚାଇବାରେ ମାଲାୟଲାମ୍ ମନୋରମା ଗୁରୁତ୍ୱପୂର୍ଣ୍ଣଭୂମିକା ନିର୍ବାହ କରିଛି।



മലയാള മനോരമ

കേരളം കണ്ടുപഠിക്കണം,

ഒഡീഷയുടെ കരുതൽ !

കായികരംഗത്തെ അടിസ്ഥാന സൗകര്യ വികസനത്തിൽ കേരളത്തിന് പാഠമായി ഒഡീഷ മോഡൽ

താരങ്ങൾക്ക് വിമാനയാത്ര

എല്ലാം സർക്കാർ നോക്കും

റിവേഴ്സ് ഗിയറിൽ കേരളം

16/10/2025 | Pathanamthitta | Page : 14

Source : https://epaper.manoramaonline.com/

# ଆକାଶ ଚୋପ୍ରାଙ୍କ ଟିମ୍ ପ୍ଲାନ

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି): ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବହୁ ପ୍ରତୀକ୍ଷିତ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ରବିବାର ପର୍ଥରେ ଆରମ୍ଭ ହେଉଛି । ୧୫ ସଦସ୍ୟ ବିଶିଷ୍ଟ ଦିନିକିଆ ଦଳରୁ କେଉଁ ଖେଳାଳିମାନେ ପ୍ଲେଇଂ ଏକାଦଶର ଅଂଶ ହେବେ ତାହା ବିଶ୍ଳେଷଣ କରିଛନ୍ତି ଆକାଶ ଚୋପ୍ରା। ଷ୍ଟାର ସ୍ପୋର୍ଟସର ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ, ଆକାଶ ଚୋପ୍ରା ପର୍ଥରେ ଭାରତର ଟିମ କିଭଳି ହେବା ଉଚିତ ତାହା ପ୍ରକାଶ କରିଛନ୍ତି।

ଆକାଶ ଚୋପ୍ରା ପ୍ଲେଇଂ-11ରେ ଓପନର ଭାବରେ ରୋହିତ ଶର୍ମା ଏବଂ ଶୁଭମନ ଗିଲଙ୍କୁ ସାମିଲ କରିଛନ୍ତି, ବିରାଟ କୋହଲିଙ୍କୁ ୩ ନମ୍ବରରେ ଅଛନ୍ତି। ଏହା ଉଲ୍ଲେଖନୀୟ ଯେ ରୋହିତ ଏବଂ କୋହଲି ଚାମ୍ପିଅନ୍ସ ଟ୍ରଫିରେ ଖେଳୁଛନ୍ତି। ଆକାଶ ଚୋପ୍ରା ୪ ନମ୍ବରରେ ଟିମ୍ ଇଣ୍ଡିଆର ଉପ-ଅଧିନାୟକ ଶ୍ରେୟସ ଆୟରଙ୍କୁ ଚୟନ କରିଛନ୍ତି। କେଏଲ ରାହୁଲ ୫ ନମ୍ବରରେ ବ୍ୟାଟିଂ ଲାଇନଅପରେ ଅଛନ୍ତି; ହାର୍ଦ୍ଦିକ ପାଣ୍ଡ୍ୟା ଆଘାତ ଯୋଗୁଁ ସିରିଜରୁ ବାହାରେ ଥିବାରୁ ତାଙ୍କ ବଦଳରେ ନୀତିଶ କୁମାର ରେଡ୍ଡି ସ୍ଥାନ ନେବେ।

ଆକାଶ ଚୋପ୍ରା ଟିମ୍ ଇଣ୍ଡିଆର ସ୍ପିନ୍ ବୋଲିଂ ଆକ୍ରମଣ ପାଇଁ ଅଲରାଉଣ୍ଡର ଅକ୍ଷର ପଟେଲ ଏବଂ ୱାଶିଂଟନ ସୁନ୍ଦରଙ୍କୁ ଚୟନ କରିଛନ୍ତି। ସେ ସମ୍ପ୍ରତି ଦିଲ୍ଲୀ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ପ୍ଲେୟାର ଅଫ୍ ଦି ମ୍ୟାଚ୍ ହୋଇଥିବା କୁଲଦୀପ ଯାଦବଙ୍କୁ ବାଦ୍ ଦେଇଛନ୍ତି। ତିନି ଜଣ ପେସର୍ ଭାବରେ ପ୍ଲେଇଂ ୧୧ରେ ହର୍ଷିତ ରାଣା, ମହମ୍ମଦ ସିରାଜ ଏବଂ ଅର୍ଶଦୀପ ସିଂହଙ୍କୁ ସାମିଲ କରିଛନ୍ତି ଆକାଶ ଚୋପ୍ରା।




ଆକାଶ ଚୋପ୍ରାଙ୍କ ଅଷ୍ଟ୍ରେଲିଆ ବିପକ୍ଷରେ 2025 ପ୍ରଥମ ଦିନିକିଆ ପାଇଁ ପ୍ଲେଇଂ ଏକାଦଶ: ରୋହିତ ଶର୍ମା, ଶୁଭମନ ଗିଲ୍ (ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର (ଉପ-ଅଧିନାୟକ), କେଏଲ ରାହୁଲ, ନୀତିଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ହର୍ଷିତ ରାଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂହ ।

ଅଷ୍ଟ୍ରେଲିଆ ପାଇଁ ଭାରତର 15 ସଦସ୍ୟ ବିଶିଷ୍ଟ ଏକଦିବସୀୟ ଦଳ: ଶୁଭମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପ-ଅଧିନାୟକ), ଅକ୍ଷର ପଟେଲ, କେଏଲ ରାହୁଲ (ୱିକେଟକିପର), ନୀତିଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କୃଷ୍ଣ, ଧ୍ରୁବ ଜୁରେଲ (ୱିକେଟକିପର), ଏବଂ ଯଶସ୍ୱୀ ଜୟସୱାଲ।


ଏକାଦଶାହ ଉପଲକ୍ଷେ



ସ୍ୱର୍ଗୀୟା ଦିବ୍ୟାଂଶୀ ରାଉତରାୟ

ମୟୂରଝାଳିଆ, (ଗଡ଼ସାହି)

ଆବିର୍ଭାବ - ୨୩.୦୩.୧୯୧୯

ତିରୋଧାନ - ୦୭.୧୦.୨୦୨୫

ଚାହୁଁ ଚାହୁଁ ୧୧ ଦିନ ବିତିଗଲା, ତୁ ଆମ୍ଭମାନଙ୍କୁ ଛାଡ଼ି ଚାଲି ଗଲୁ । ଯେଉଁଠି ବି ଥାଅ, ତୋର ଅମର ଆତ୍ମାର ସଦ୍‌ଗତି ହେଉ ଏହାହିଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ତୋର ଭଉଣୀ ଇମିନା, ଇତିନା, ଗୁଡ଼ି, ବାପା, ମା’ ଓ ବନ୍ଧୁ ପରିବାରବର୍ଗ ।


# ବଡ ଭାଇଙ୍କୁ ୮୦ କୋଟି ମୂଲ୍ୟର ସମ୍ପତ୍ତି ଦାୟିତ୍ୱ

ନୂଆଦିଲ୍ଲୀ, ୧୬।୧୦(ଏଜେନ୍ସି) : ଭାରତର ତାରକା ବ୍ୟାଟର ବିରାଟ କୋହଲି ଇଂଲଣ୍ଡରେ ଆଗକୁ ରହିବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଏହି ଅବସରରେ କୋହଲି ଗୁରୁଗ୍ରାମରେ ଥିବା ବଙ୍ଗଳାର ସମ୍ପୂର୍ଣ୍ଣ ଦାୟିତ୍ୱ ବଡ ଭାଇ ବିକାଶକୁ ଦେଇଛନ୍ତି। ଏହି ସମ୍ପତ୍ତିର ମୂଲ୍ୟ ୮୦ କୋଟିରୁ ଅଧିକ ହେବ। ବିରାଟ ପାୱାର ଅଫ୍ ଅର୍ଟର୍ଣ୍ଣି ଭାଇଙ୍କୁ ଦେଇଛନ୍ତି। ପତ୍ନୀ ଅନୁସ୍କା ଓ ପିଲାଙ୍କ କୋହଲି ଅଧିକାଂଶ ସମୟ ଇଂଲଣ୍ଡରେ କାଟୁଛନ୍ତି। ଫଳରେ ଭାରତକୁ ବାରମ୍ବାର ଆସିବା ସମ୍ଭବପର ହେଉନି। ଏବେ ବଡ ଭାଇଙ୍କୁ ସବୁ ଦାୟିତ୍ୱ ଦେଇ ଇଂଲଣ୍ଡରେ ନିଶ୍ଚିତ ହୋଇ ରହିବେ। ବିକାଶ କୋହଲି ଏହି ସମ୍ପତ୍ତି ସମ୍ପର୍କିତ ସମସ୍ତ କାର୍ଯ୍ୟ କରିପାରିବେ। କୋହଲି ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଶୃଙ୍ଖଳା ଖେଳିବା ପାଇଁ ପର୍ଥରେ ପହଞ୍ଚିଛନ୍ତି। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୩ ଟି ମ୍ୟାଚ୍ ଖେଳାଯିବ। କୋହଲି ଟେଷ୍ଟ ଓ ଟି -୨୦ ରୁ ଅବସର ନେଇସାରିଛନ୍ତି। ଦିନିକିଆ ବିଶ୍ୱ ଖେଳିବା ତାଙ୍କର ଶେଷ ସ୍ୱପ୍ନ ବୋଲି କୋହଲି ବୋଲି କହିଛନ୍ତି।

### କୋହଲିଙ୍କ ସମ୍ପତ୍ତି କେତେ ?

ବିଶ୍ୱର ସବୁଠୁ ଅଧିକ ଦରମା ନେଉଥିବା ଖେଳାଳିଙ୍କ ମଧ୍ୟରେ ବିରାଟ କୋହଲି ରହିଛନ୍ତି। ସେ କେବଳ କ୍ରିକେଟ୍ ପଡିଆରେ ତାଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ଜଣାଶୁଣା ତାହା ନୁହେଁ ବରଂ ତାଙ୍କ ବିଳାସପୂର୍ଣ୍ଣ ଲାଇଫ୍ ଟାଇମ୍ ପାଇଁ ପରିଚିତ। ନିକଟରେ କୋହଲି ଏକ ଜେନେରାଲ ପାୱାର ଅଫ୍ ଅର୍ଟର୍ଣ୍ଣି ମାଧ୍ୟମରେ ଗୁରୁଗ୍ରାମ ସମ୍ପତ୍ତିକୁ ବଡ ଭାଇଙ୍କୁ ଦେଇଥିଲେ। ତେବେ ଦେଶ ବିଦେଶରେ କୋହଲିଙ୍କ କେତେ ସମ୍ପତ୍ତି ରହିଛି ? ଗୁରୁଗ୍ରାମର ଡିଏଲ୍ଏଫ୍ ଫେଜ୍ ୧ ରେ ଏକ ସୁନ୍ଦର ପ୍ରସାଦ ରହିଛି। ଏହା ୧୦ ହଜାର ବର୍ଗ ଫୁଟର ଏହି ପ୍ରସାଦ ବିରାଟ କୋହଲିଙ୍କ ସବୁଠାରୁ ବିଳାସପୂର୍ଣ୍ଣ ସମ୍ପତ୍ତି ମଧ୍ୟରୁ ଗୋଟିଏ। ଏଥିରେ ଏକ ପ୍ରାଇଭେଟ୍ ସୁଇମିଂ ପୁଲ୍ ଏବଂ ଏକ ମର୍ଡର୍ଣ୍ଣ ଜିମ୍ ମଧ୍ୟ ରହିଛି। ଏହାର ମୂଲ୍ୟ ୮୦ କୋଟି ଟଙ୍କା ହେବ।

ମୁମ୍ବାଇରେ ମଧ୍ୟ ଏକ ଆପାର୍ଟମେଣ୍ଟ ରହିଛି। ଏହା ୧୯୭୩ ବର୍ଲିର ଓମ୍‌କାର ଟାୱାରରେ ରହିଛି। ଏହି ଆପାର୍ଟମେଣ୍ଟ ୭୧୭୧ ବର୍ଗଫୁଟର । ଯାହାର ଦାମ୍ ୩୪ କୋଟି ଟଙ୍କା । ୩୫ ତମ ମହଲାରେ କୋହଲିଙ୍କ ଏହି ଭବ୍ୟ ଆପାର୍ଟମେଣ୍ଟ । ଏଥିରେ ୪ ଟି ବେଡ୍‌ରୁମ୍, ଏକ ଟେରାସ୍ ଗାର୍ଡେନ୍, ଏକ ଘରୋଇ ଜିମ୍ ରହିଛି। କୋହଲି ଓ ଅନସ୍କା ଏଠାରେ ହିଁ ଅଧିକାଂଶ ସମୟ ବିତାଇଥାନ୍ତି। ଆଲିବାଗ୍‌ର ଆବାସ ଭିଲେଜ୍‌ରେ ଏକ ଶାନ୍ତ ହଲିଡେ ବଙ୍ଗଳା କିଣିଛନ୍ତି। ସହରୀ ଜୀବନର କୋଳାହଳ ଠାରୁ ଦୂରରେ ଥିବା ଏହି ସ୍ଥାନରେ ଛୁଟି କାଟନ୍ତି। ଏହାର ଦାମ୍ ୩୨ କୋଟି ଟଙ୍କା ।ବିଗତ ବର୍ଷରେ ବିରାଟ କୋହଲି ଅନୁସ୍କା ଶର୍ମା ଲଣ୍ଡନରେ ସମୟ ବିତାଉଛନ୍ତି। ଦମ୍ପତିଙ୍କ ନଟିଂ ହିଲ୍ କିମ୍ବା ସେଣ୍ଟ ଜଙ୍ଗସ୍ ଉଡ୍ ଭଳି ମହଙ୍ଗା ଅଞ୍ଚଳରେ ଘର ରହିଥିବା କୁହାଯାଉଛି।





ସୂଚନା

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି